ବର୍ଷ-୨୫, ସଂଖ୍ୟା-୨୬୯
ଭୁବନେଶ୍ୱର
୧୦, ଅକ୍ଟୋବର, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 269
Bhubaneswar
10, October, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ବିଜୟ-ରଶ୍ମିକାଙ୍କ ନିର୍ବନ୍ଧ

# ଭାରତରେ ଖୋଲିବ ବ୍ରିଟେନର ନାମୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ

ନୂଆଦିଲ୍ଲୀ,୯।୧୦(ପିଆଇବି): ଅରଜି ଭାରତ-ବ୍ରିଟେନ ସି.ଇ.ଓ ଫୋରମର ବୈଠକରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଅଭିଭାଷଣ ରଖିଛନ୍ତି । ଏହି ଅବସରରେ ଭାରତ-ବ୍ରିଟେନ ମଧ୍ୟରେ ବୈଶ୍ୱିକ ସଂପର୍କ ନେଇ ମତବ୍ୟକ୍ତ କରିଥିଲେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଇଂଲଣ୍ଡ ପ୍ରଧାନମନ୍ତ୍ରୀ ଷ୍ଟାରମରଙ୍କୁ ତାଙ୍କର ମୂଲ୍ୟବାନ ବିଚାର ପାଇଁ କୃତଜ୍ଞତା ଜଣାଥିଲେ । ବର୍ଷ ବର୍ଷ ଧରି ଆପଣ ସମସ୍ତ ବ୍ୟବସାୟୀ ନେତୃବର୍ଗଙ୍କ ନିରନ୍ତର ପ୍ରୟାସ ଦ୍ୱାରା, ଏହି ମଞ୍ଚ ଭାରତ-ବ୍ରିଟେନ ରଣନୈତିକ ଭାଗିଦାରୀର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଠିଆ ହୋଇଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନର ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଭାରତ-ବ୍ରିଟେନ ସମ୍ପର୍କର ସ୍ଥିରତା ଦୃଷ୍ଟିରୁ ଚଳିତ ବର୍ଷ ଅଭୂତପୂର୍ବ ଅଟେ । ଚଳିତ ବର୍ଷ ଜୁଲାଇରେ ମୋର ବ୍ରିଟେନ ଗସ୍ତ ସମୟରେ, ଆମେ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ରାଜିନାମା, ଅର୍ଥାତ ସିଇଟିଏ ସ୍ୱାକ୍ଷର କରିଥିଲୁ । ଏହି ଐତିହାସିକ ସଫଳତା ପାଇଁ ତାଙ୍କର ପ୍ରତିବଦ୍ଧତା ଏବଂ ଦୂରଦୃଷ୍ଟି ପାଇଁ ମୁଁ ପ୍ରଧାନମନ୍ତ୍ରୀ ଷ୍ଟାରମରଙ୍କୁ ହୃଦୟରୁ ପ୍ରଶଂସା ଏବଂ ଅଭିନନ୍ଦନ ଜଣାଉଛି । ଏହା କେବଳ ଏକ ବାଣିଜ୍ୟ ରାଜିନାମା ନୁହେଁ, ବରଂ ବିଶ୍ୱର ଦୁଇ ସର୍ବବୃହତ ଅର୍ଥବ୍ୟବସ୍ଥା ମଧ୍ୟରେ ସହଭାଗୀ ପ୍ରଗତି, ସହଭାଗୀ ସମୃଦ୍ଧି ଏବଂ ଅଂଶୀଦାର ଲୋକଙ୍କ ପାଇଁ ଏକ ରୋଡମ୍ୟାପ୍ ବଜାର ପ୍ରବେଶ ସହିତ, ଏହି ରାଜିନାମା ଉଭୟ ଦେଶରେ ଏମ.ଏସ.ଏମ.ଇ ଗୁଡ଼ିକୁ ପ୍ରୋତ୍ସାହନ ଦେବ । ଏହାଦ୍ୱାରା ଲକ୍ଷ ଲକ୍ଷ ଯୁବକଯୁବତୀଙ୍କ ପାଇଁ ମଧ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଏହି ସିଇଟିଏ ନିଜର ପୂର୍ଣ୍ଣ ସାମର୍ଥ୍ୟର ପାଇପାରିବ, ଏଥିପାଇଁ ଚାରିଟି ନୂତନ ଦିଗ, ଏହି ସିଇଟିଏକୁ ନିଜ ନିକଟରେ ରଖିବାକୁ ଚାହୁଁଛି । ସିଇଟିଏ ର ଏହି ନୂତନ ଦିଗଗୁଡ଼ିକ ସମ୍ଭବତଃ ଏହାକୁ ଅଧିକ ବ୍ୟାପକ ଆଧାର



ପ୍ରଦାନ କରିବ । ସି, ଅର୍ଥାତ ବାଣିଜ୍ୟ ଏବଂ ଅର୍ଥନୀତି, ଇ, ଅର୍ଥାତ ଶିକ୍ଷା ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କ, ଟି, ଅର୍ଥାତ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ଓ ଏ, ଅର୍ଥାତ ଆକାଂକ୍ଷା ।ଆଜି ଆମର ଦ୍ୱିପାକ୍ଷିକ ବାଣିଜ୍ୟ ପାଖାପାଖି ୫୬ ବିଲିୟନ ଡଲାର । ଆମେ ୨୦୩୦ ସୁଦ୍ଧା ଏହାକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରଖିଛୁ ମୋର ବିଶ୍ୱାସ, ଆମେ ଏହି ଲକ୍ଷ୍ୟଗୁଡ଼ିକୁ ସମୟ ପୂର୍ବରୁ ହାସଲ କରିପାରିବା ।

ଆଜି ଭାରତରେ ନୀତିଗତ ସ୍ଥିରତା, ପୂର୍ବାନୁମାନଯୋଗ୍ୟ ନିୟନ୍ତ୍ରଣ ଏବଂ ବ୍ୟାପକ ଚାହିଦା ରହିଛି । ଏଭଳି ସ୍ଥିତିରେ ଭିତ୍ତିଭୂମି, ଔଷଧ, ଶକ୍ତି, ଅର୍ଥ ସମେତ ପ୍ରତ୍ୟେକ କ୍ଷେତ୍ରରେ ଅଭୂତପୂର୍ବ ସୁଯୋଗ ରହିଛି । ଏହା ମଧ୍ୟ ଖୁସିର ବିଷୟ ଯେ ବ୍ରିଟେନର ୯ଟି ବିଶ୍ୱବିଦ୍ୟାଳୟ ଭାରତରେ ନିଜର କ୍ୟାମ୍ପସ ଖୋଲିବାକୁ ଯାଉଛି ।ଆଗାମୀ ସମୟରେ ଶିକ୍ଷା-ଶିଳ୍ପ ଭାଗିଦାରୀ ଆମର ନବସୃଜନ ଅର୍ଥବ୍ୟବସ୍ଥାର ସବୁଠାରୁ ବଡ଼ ପ୍ରେରକ ଶକ୍ତି ହେବ । ଆଜି ଟେଲିକମ୍, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ବାୟୋଟେକ୍, କ୍ୱାଣ୍ଟମ୍, ସେମିକଣ୍ଡକ୍ଟର, ସାଇବର ଏବଂ ମହାକାଶ ଭଳି କ୍ଷେତ୍ରରେ ଆମ ମଧ୍ୟରେ ସହଯୋଗର ଅଗଣିତ ନୂତନ ସମ୍ଭାବନା ସୃଷ୍ଟି ହେଉଛି । ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ଆମେ ସହ-ଡିଜାଇନ ଏବଂ ସହ-ଉତ୍ପାଦନ ଦିଗରେ ଅଗ୍ରସର ହେଉଛୁ । ଏହି ସମସ୍ତ ସମ୍ଭାବନାକୁ ଦୃଢ଼ ସହଯୋଗରେ ପରିଣତ କରିବା ପାଇଁ ଦ୍ରୁତ ଗତିରେ କାର୍ଯ୍ୟ କରିବାର ସମୟ ଆସିଛି । ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ବିରଳ-ଖଣିଜ, ରେୟାର ଆର୍ଥ, ଏ.ପି.ଆଇ ଭଳି ରଣନୈତିକ କ୍ଷେତ୍ରରେ, ଆମେ ଏକ ସଂରଚିତ ଢଙ୍ଗରେ ଆଗକୁ ବଢ଼ିବା ଉଚିତ ଏହା ଆମ ସମ୍ପର୍କକୁ ଭବିଷ୍ୟତର ଦିଗ ଦେବ ।

ଆପଣମାନେ ସମସ୍ତେ ଫିନଟେକ କ୍ଷେତ୍ରରେ ଭାରତର ସାମର୍ଥ୍ୟକୁ ଦେଖିଛନ୍ତି । ଆଜି ବିଶ୍ୱର ବାସ୍ତବ ସମୟର ଡିଜିଟାଲ ନେଣଦେଣର ପ୍ରାୟ ୫୦ ପ୍ରତିଶତ ଭାରତରେ ହେଉଛି ଆର୍ଥିକ ସେବାରେ ବ୍ରିଟେନର ଅଭିଜ୍ଞତା ଏବଂ ଭାରତର ଡିପିଆଇ ମିଳିତ ଭାବେ ସମଗ୍ର ମାନବଜାତିକୁ ଲାଭାନ୍ୱିତ କରିପାରିବ ।

ଆମ ସମ୍ପର୍କକୁ ନୂତନ ଶକ୍ତି ଦେବା ପାଇଁ ପ୍ରଧାନମନ୍ତ୍ରୀ ଷ୍ଟାରମର ଏବଂ ମୁଁ ଭିଜନ ୨୦୩୫ ଘୋଷଣା କରିଥିଲୁ । ଏହା ହେଉଛି ଆମର ସହଭାଗୀ ଅଭିଳାଷର ରୂପରେଖା । ଭାରତ ଏବଂ ବ୍ରିଟେନ ଭଳି ମୁକ୍ତ, ଗଣତାନ୍ତ୍ରିକ ସମାଜ ମଧ୍ୟରେ ଏପରି କୌଣସି କ୍ଷେତ୍ର ନାହିଁ ଯେଉଁଥିରେ ଆମେ ସହଯୋଗ ବଢ଼ାଇ ପାରିବା ନାହିଁ । ଭାରତର ପ୍ରତିଭା ଓ ସାମର୍ଥ୍ୟ ଏବଂ ବ୍ରିଟେନର ଗବେଷଣା ଓ ବିକାଶ ତଥା ବିଶେଷଜ୍ଞତାର ମିଶ୍ରଣରେ ବଡ଼ ଫଳାଫଳ ପ୍ରଦାନ କରିବାର କ୍ଷମତା ରହିଛି ।ଏହି ଆକାଂକ୍ଷାଗୁଡ଼ିକ ଏବଂ ମହାକାଂକ୍ଷାଗୁଡ଼ିକୁ ଏକ ଲକ୍ଷ୍ୟବଦ୍ଧ ଏବଂ ସମୟବଦ୍ଧ ଢଙ୍ଗରେ ପୂରଣ କରିବାରେ ଆପଣଙ୍କର ସହଯୋଗ ଏବଂ ସମର୍ଥନ ଗୁରୁତ୍ୱପୂର୍ଣ୍ଣ ।

ଆପଣମାନଙ୍କ ମଧ୍ୟରୁ ଅଧିକାଂଶ କମ୍ପାନୀ ଭାରତରେ ପୂର୍ବରୁ ଉପସ୍ଥିତ ଅଛନ୍ତି ଆଜି ଭାରତର ଅର୍ଥବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଅଣାଯାଉଛି, ଅନୁପାଳନ ହ୍ରାସ କରାଯାଉଛି ଏବଂ ବ୍ୟବସାୟିକ ସୁଗମତା ଉପରେ ଧ୍ୟାନ ଦିଆଯାଉଛି । ନିକଟରେ ଆମେ ଜିଏସଟି ସଂସ୍କାର ଘୋଷଣା କରିଛୁ । ଏହା ଆମ ମଧ୍ୟବିତ୍ତ ବର୍ଗ, ଏମ.ଏସ.ଏମ.ଇ. ଗୁଡ଼ିକର ଅଭିବୃଦ୍ଧି କାହାଣୀକୁ ନୂତନ ଶକ୍ତି ଦେବ ଏବଂ ଆପଣମାନଙ୍କ ପାଇଁ ସମ୍ଭାବନା ମଧ୍ୟ ବୃଦ୍ଧି କରିବ ।

ଭିତ୍ତିଭୂମି ବିକାଶ ଆମ ପାଇଁ ପ୍ରାଥମିକତା ଅଟେ ଆମେ ଆଗାମୀ ପିଢ଼ିର ଭିତ୍ତିଭୂମିରେ ସିଧାସଳଖ ନିବେଶ କରୁଛୁ । ୨୦୩୦ ମସିହା ସୁଦ୍ଧା ଆମେ ଦ୍ରୁତ ଗତିରେ ୫୦୦ ଗିଗାୱାଟ ଅକ୍ଷୟ ଶକ୍ତିର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛୁ । ମୁଁ ଖୁସି ଯେ, ଆମେ ପରମାଣୁ ଶକ୍ତି କ୍ଷେତ୍ରକୁ ଘରୋଇ କ୍ଷେତ୍ର ପାଇଁ ଉନ୍ମୁକ୍ତ କରୁଛୁ ଏବଂ ଏସବୁ ଭାରତ-ବ୍ରିଟେନ ସହଯୋଗକୁ ନୂତନ ଉଚ୍ଚତାକୁ ନେବା ପାଇଁ ସୁଯୋଗ ସୃଷ୍ଟି କରିଛି । ଭାରତର ଏହି ବିକାଶ ଯାତ୍ରାରେ ସାମିଲ ହେବା ପାଇଁ ମୁଁ ଆପଣମାନଙ୍କୁ ନିମନ୍ତ୍ରଣ କରୁଛି ମୋର ମତ ହେଉଛି, କଣ ଭାରତ ଏବଂ ବ୍ରିଟେନର ବ୍ୟବସାୟୀ ମୁଖ୍ୟମାନେ ମିଳିତ ଭାବେ ଏପରି କିଛି କ୍ଷେତ୍ର ଚୟନ କରିପାରିବେ, ଯେଉଁଠି ଆମେ ମିଳିତ ଭାବେ ବିଶ୍ୱରେ ଏକ ନମ୍ବର ହୋଇପାରିପାରିବା ? ତାହା ଫିନଟେକ୍ ହେଉ, ଗ୍ରୀନ୍ ହାଇଡ୍ରୋଜେନ୍ ହେଉ, ସେମିକଣ୍ଡକ୍ଟର ହେଉ କିମ୍ବା ଷ୍ଟାର୍ଟଅପ୍ ହେଉ ଆହୁରି ଅନେକ କ୍ଷେତ୍ର ଥାଇପାରେ ଭାରତ ଏବଂ ବ୍ରିଟେନ ମିଳିତ ଭାବେ ବୈଶ୍ୱିକ ମାନଦଣ୍ଡ ନିର୍ଦ୍ଧାରଣ କରନ୍ତୁ ।

## ଭୁବନେଶ୍ୱରରେ ବିମାନର ଜରୁରୀ ଅବତରଣ

ଭୁବନେଶ୍ୱର,୯।୧୦(ମହାଭାରତ): ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଆଜି ଏକ ବିମାନ ଜରୁରୀକାଳୀନ ଅବତରଣ କରିଛି । ମଝି ଆକାଶରେ ଜଣେ ଯାତ୍ରୀ ହଠାତ୍ ଅସୁସ୍ଥ ଅନୁଭବ କରିବାକୁ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ର ବିମାନକୁ ଜରୁରୀକାଳନୀ ଅବତରଣ କରାଯାଇଛି । ଭୁବନେଶ୍ୱର ବିମାନବନ୍ଦରର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଏୟାର ଇଣ୍ଡିଆର ଏକ ବିମାନ ଏୟାର ଇଣ୍ଡିଆ । ଏକ୍ସପ୍ରେସ୍ ଆଜି ବେଙ୍ଗାଲୁରୁରୁ ଗୁଆହାଟୀ ଅଭିମୁଖେ ଯାଉଥିଲା ।ଏହି ବିମାନରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ଜଣେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ ।ଯାତ୍ରୀ ଜଣକ ଅସୁସ୍ଥ ହୋଇପଡ଼ିବା ନେଇ ଅନ୍ୟ ଯାତ୍ରୀମାନେ ବିମାନ କର୍ମଚାରୀଙ୍କୁ ସୂଚନା ଦେଇଥିଲେ । ଏହା ପରେ ଏୟାର ଇଣ୍ଡିଆ । ଏକ୍ସପ୍ରେସ୍ର କର୍ମଚାରୀମାନେ ଭୁବନେଶ୍ୱର ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ ପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିଥିଲେ ।

## ବଦଳିଲେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି

**ଭୁବନେଶ୍ୱର,୯।୧୦(ମହାଭାରତ):** ରାଜ୍ୟ ସରକାର ଓପିଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି । ରାଜ୍ୟର ୧୯ ଜଣ ଅତିରିକ୍ତ ଏସପିଙ୍କର ଆଜି ବଦଳି କରାଯାଇଛି । ବଲାଙ୍ଗୀର ଅତିରିକ୍ତ ଏସପି ଆଲୋକ କୁମାର ଜେନା ପୁଣି ଥରେ ବ୍ରହ୍ମପୁରକୁ ଫେରିଛନ୍ତି । ବ୍ରହ୍ମପୁର ଅତିରିକ୍ତ ଏସପି ସୀମା ସ୍ୱାଇଁ ତାଲଚେର ଏନସିଆରକୁ ବଦଳି ହୋଇଛନ୍ତି । ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ପରେ ଏହା ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି । ଆଲୋକ ଜେନା ପୂର୍ବରୁ ବ୍ରହ୍ମପୁର ପୋଲିସ ଅଧିନରେ ଥିବା ଅନେକ ଥାନାରେ କାର୍ଯ୍ୟ କରିସାରିଛନ୍ତି । ସେହିପରି ବରଗଡ଼ (ଆଇୟୁସିଏଡବ୍ଲ୍ୟୁ) ଅତିରିକ୍ତ ଏସପି ଇନ୍ଦୁରେଖା ପଶ୍ଚିମକବାଟ ଢେଙ୍କାନାଳ (ଆଇୟୁସିଏଡବ୍ଲ୍ୟୁ)ର ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଏଇଟି, ଏସଓଜି ଅତିରିକ୍ତ ଏସପି ଅମ୍ରିତ କୁମାର ପଣ୍ଡା ବଲାଙ୍ଗୀର (ଆଇୟୁସିଏଡବ୍ଲ୍ୟୁ) ବଦଳି ହୋଇଛନ୍ତି । ଭିଜିଲାନ୍ସ ଅତିରିକ୍ତ ଏସପି ହୋଇଛନ୍ତି ରାୟଗଡ଼ା (ଆଇୟୁସିଏଡବ୍ଲ୍ୟୁ) ଅତିରିକ୍ତ ଏସପି ସ୍ୱସ୍ତିକ ପଣ୍ଡା, ସସ୍ମିତା ସାହୁ, ଅଶ୍ୱିନୀ କୁମାର ନାୟକ, ହରପ୍ରିୟା ନାୟକ । ବରଗଡ଼ ଡିଆଇବି ଅତିରିକ୍ତ ଏସପି ସୌରଭ ଓଟ୍ଟା କଟକ ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଛନ୍ତି ।

## ନୂଆପଡ଼ା ନିର୍ବାଚନ ନେଇ ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୯।୧୦(ମହାଭାରତ): ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ସବୁ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ।

ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ୍. ଗୋପାଳନ ବୈଠକରେ ଅଧକ୍ଷତା କରି କହିଲେ ଯେ ଚଳିତ ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି । ଏଣୁ ନିର୍ବାଚନକୁ ସଫଳ କରିବା ପାଇଁ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ସମସ୍ତ ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ କରିବା ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ । ଚଳିତ ବର୍ଷ ଭାରତ ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ପ୍ରତି ବୁଥ୍ ରେ ଭୋଟର ସଂଖ୍ୟା ୧୨୦୦ ମଧ୍ୟରେ ସୀମିତ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି ।

ଚଳିତ ଉପନିର୍ବାଚନରେ ୧,୨୪,୧୦୮ ଜଣ ପୁରୁଷ ଭୋଟର ରହିଥିବାବେଳେ ୧,୨୯,୪୯୫ ଜଣ ମହିଳା, ୨୧ ଜଣ ତୃତୀୟ ଲିଙ୍ଗ ଭୋଟରଙ୍କ ସହ ମୋଟ ୨,୫୩,୬୨୪ ଜଣ ଭୋଟର ଚୂଡ଼ାନ୍ତ ଭୋଟର ତାଲିକାରେ ସ୍ଥାନ ପାଇଛନ୍ତି । ଚୂଡ଼ାନ୍ତ ଭୋଟର ତାଲିକାରେ ୯,୪୨୯ ଜଣ ଯୁବ ଭୋଟର ରହିଥିବାବେଳେ ୩୯୮୮ ଜଣ ଦିବ୍ୟାଙ୍ଗ ଭୋଟର ଏବଂ ୧୭୮୬ ଜଣ ବରିଷ୍ଠ ନାଗରିକ (୮୫ ବର୍ଷରୁ ଉର୍ଦ୍ଧ୍ୱ) ରହିଛନ୍ତି । ଚଳିତ ଉପନିର୍ବାଚନ ପାଇଁ ୫୬ଟି ନୂତନ ବୁଥ୍ ପ୍ରତିଷ୍ଠା ହୋଇଛି । ଉପନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ ବୈଦ୍ୟୁତିକ, ମୁଦ୍ରଣ ଓ ସାମାଜିକ ଗଣମାଧ୍ୟମ ଏବଂ ୱେବ୍ ମିଡ଼ିଆ ସମେତ ସିନେମାହଲ୍, ରେଡ଼ିଓ, ପୋଷ୍ଟର ଓ ହୋଡ଼ିଂ ଆଦି ଜରିଆରେ ବିଜ୍ଞାପନ ଜାରି ପୂର୍ବରୁ ଆୟୋଗଙ୍କ ଅନୁମତି ଜରୁରୀ । ଏଥି ସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ଅପରାଧିକ ସମ୍ପୃକ୍ତି ନେଇ ଘୋଷଣାନାମା ମୁଦ୍ରିତ ଗଣମାଧ୍ୟମରେ ପ୍ରକାଶ କରିବା ସହ ଆୟୋଗଙ୍କୁ ଏ ବାବଦରେ ଅବଗତ କରାଇବା ବାଧ୍ୟତାମୂଳକ କରାଯାଇଛି । ଦଳ ଓ ପ୍ରାର୍ଥୀଙ୍କ ଖର୍ଚ୍ଚର ବିବରଣୀ, ତାରକା ପ୍ରଚାରକଙ୍କ ତାଲିକା ଏବଂ ଆଦର୍ଶ ଆଚରଣ ବିଧିର ସଠିକ୍ ଅନୁପାଳନ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା ।

## ମାଛ ମାର୍କେଟ ଓ ଇଣ୍ଟିଗ୍ରେଟେଡ଼ ଆକ୍ୱା ପାର୍କର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୯।୧୦(ମହାଭାରତ):** କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ, ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଆଜି ଦେଶର ସମସ୍ତ କୃଷିମନ୍ତ୍ରୀଙ୍କ ସହ ଏକ ବୈଠକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଯୋଜନା ପରିପ୍ରେକ୍ଷୀରେ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ କରାଯାଇଥିଲା । ଏଥିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇଥିଲେ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନଙ୍କ ସୂଚନା ଅନୁଯାୟୀ ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ସମ୍ବୋଧନ କରିବା ସହିତ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ । ସେହିପରି, ଭୁବନେଶ୍ୱରରେ ଷ୍ଟେଟ ଅଫ ଦ ଆର୍ଟ ହୋଲସେଲ ମାଛ ମାର୍କେଟର ଶିଳାନ୍ୟାସ, ହୀରାକୁଦରେ ଇଣ୍ଟିଗ୍ରେଟେଡ଼ ଆକ୍ୱା ପାର୍କର ଭିସି ମାଧ୍ୟମରେ ଶିଳାନ୍ୟାସ କରିବେ । ଏହି ଅବସରରେ ଚାଷୀଙ୍କ ସହ ବାର୍ତ୍ତାଳାପ ମଧ୍ୟ କରିବେ । ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ରାଜ୍ୟର ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରରେ କରାଯିବ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।

ଦେଶରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ଲୋକଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ଦେବା, ଚାଷୀଙ୍କ ଆୟ, ଉତ୍ପାଦନରେ ବୃଦ୍ଧି ନିମନ୍ତେ ସରକାର ଏହିସବୁ ଯୋଜନା ଗୁଡ଼ିକ ପ୍ରସ୍ତୁତ କରିଛନ୍ତି । ଏହି ପଦକ୍ଷେପ ଦ୍ୱାରା ଦେଶର ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ, କୃଷକ ଉତ୍ପାଦକ ଗୋଷ୍ଠୀ ଲାଭବାନ ହେବେ । ଦେଶରେ ବିଗତ ବର୍ଷ ତୁଳନାରେ ଚଳିତବର୍ଷ ରେକର୍ଡ ପରିମାଣର ପନିପରିବା ଓ ଖାଦ୍ୟଶସ୍ୟ ଉତ୍ପାଦନ ହେଇଛି । ଡାଲି ଏବଂ ତୈଳବୀଜ ଉତ୍ପାଦନରେ ଆତ୍ମନିର୍ଭର ହେବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀଚୌହାନ ଆହ୍ୱାନ ଦେଇଛନ୍ତି ।ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, କୃଷି ବିଭାଗ ଓ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଭର୍ଚୁଆଲ୍ ଜରିଆରେ ଫିସ୍ ମାର୍କେଟ୍ର ଶିଳାନ୍ୟାସ କରିବେ ମୋଦି । ପ୍ରାୟ ୬୦ କୋଟି ବ୍ୟୟରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ଯୋଜନାରେ ନିର୍ମାଣ ହେବ ଏହି ଫିସ ମାର୍କେଟ । ତେବେ ଉତ୍ତର ଭୁବନେଶ୍ୱରର ପାଣ୍ଡରା ଅଂଚଳରେ ଏହି ଆଧୁନିକ ମାଛ ମାର୍କେଟ ପାଇଁ ଦୀର୍ଘ ସମୟରୁ ରାଜ୍ୟ ସରକାରଙ୍କ ସହିତ ଆଲୋଚ଼ନା କରି ଆସୁଥିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ୨୦୨୪ ସେପ୍ଟେମ୍ବର ମାସରେ ଭୁବନେଶ୍ୱର ସାଂସଦ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସାକ୍ଷାତ କରି ସବିଶେଷ ପ୍ରକଳ୍ପ ସମ୍ପର୍କରେ ଆଲୋଚ଼ନା କରିଥିଲେ । ରାଜ୍ୟ ସରକାରଙ୍କ ସହମତି ପରେ ଏହି ପ୍ରକଳ୍ପ କେନ୍ଦ୍ରକୁ ଯାଇଥିଲା । ଏହାପରେ ପ୍ରକଳ୍ପକୁ ମଞ୍ଜୁରି ମିଳିଛି । ୫.୮୦ ଏକର ଜମିରେ ହେବାକୁ ଥିବା ଏହି ପ୍ରକଳ୍ପକୁ କେନ୍ଦ୍ର ମତ୍ସ୍ୟ ଓ ପଶୁ ପାଳନ ଏବଂ ଡାଏରୀ ଗମେଣ୍ଟ ଅଫ୍ ଇଣ୍ଡିଆ ପକ୍ଷରୁ ମଞ୍ଜୁରି ମିଳିବ ପରେ ଏବେ ପ୍ରଧାନମନ୍ତ୍ରୀ ଏହାର ଶିଳାନ୍ୟାସ କରିବେ । ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ନିର୍ମାଣ କାର୍ଯ୍ୟ ତଦାରଖ କରିବ, ଯେଉଁଥିରେ ବିଭିନ୍ନ କାର୍ଯ୍ୟ ପାଇଁ ଛଅଟି କୋଠା ଅନ୍ତର୍ଭୁକ୍ତ । ହୋଲସେଲ୍ ସେକ୍ସନରେ ଓଜନ, ପ୍ରକ୍ରିୟାକରଣ, ପ୍ୟାକିଂ ଏବଂ ପରୀକ୍ଷଣ ସୁବିଧା ସହିତ ସଜ୍ଜିତ ୪୪ଟି ଏ+୩ ୟୁନିଟ୍ ରହିବ । ଏକ ସମର୍ପିତ ନିଲାମ କ୍ଷେତ୍ର, ପ୍ରଶାସନିକ ବ୍ଲକ ଏବଂ ଶୀତଳ ଭଣ୍ଡାର ୟୁନିଟ୍ ସୁଗମ କାର୍ଯ୍ୟକୁ ସମର୍ଥନ କରିବ । ଖୁଚୁରା ଅଞ୍ଚଳରେ ବିଭିନ୍ନ ଆକାରର ୧୦୦ଟି କିଓସ୍କ ରହିବ । ଅତିରିକ୍ତ ସୁବିଧା ମଧ୍ୟରେ ଏକ କ୍ୟାଣ୍ଟିନ୍, ଡେକେୟାର ରୁମ୍, ଛାତ୍ରାବାସ ଏବଂ କର୍ମଚ଼ାରୀ ଏବଂ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମ କ୍ଷେତ୍ର ଅନ୍ତର୍ଭୁକ୍ତ । ବଜାରରେ ସୌରଚ଼ାଳିତ ସିଷ୍ଟମ, ବ୍ୟାଟେରୀ ଯାନ ଚ଼ାର୍ଜିଂ ଷ୍ଟେସନ ଏବଂ ପ୍ରକୃତ-ସମୟ ମୂଲ୍ୟ ପ୍ରଦର୍ଶନ ବୋର୍ଡ ମଧ୍ୟ ରହିବ ।

## ୪୬ ରନ୍ଧନ ଗ୍ୟାସ ଜବତ

**ଭୁବନେଶ୍ୱର,୯।୧୦(ମହାଭାରତ):** ବିଏମସି ଯୋଗାଣ ଉପ ବିଭାଗ ଦ୍ୱାରା ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଅଂଚଳରେ ଘରୋଇ ରନ୍ଧନ ଗ୍ୟାସର କଳାବଜାରୀଙ୍କ ଉପରେ ଚଢ଼ଉ କରାଯାଇଛି । ଘରୋଇ ରନ୍ଧନ ଗ୍ୟାସ କଳାବଜାରୀ କରିବା ସହ ଚଢା ମୂଲ୍ୟରେ ଅବୈଧ ବିକ୍ରି କରାଯାଉଥିବା ନେଇ ଏହି ଅଞ୍ଚଳରେ ଅଭିଯୋଗ ହେଉଥିଲା । ଏ ସମ୍ପର୍କିତ ବିଭିନ୍ନ ଅଭିଯୋଗକୁ ଭିତ୍ତିକରି ଚଢ଼ଉ କରାଯାଇଛି । ଉକ୍ତ ଚଢ଼ଉ ସମୟରେ ୪୬ଟି ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି । ଏହି ଚଢ଼ଉ ସମୟରେ ଅତିରିକ୍ତ ବିଏମସି ଯୋଗାଣ ଅଧିକାରୀ ରୋହିତ କୁମାର ଦାସଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ଉରେ ବିଏମସିର ଯୋଗାଣ ନିରୀକ୍ଷକ ଦୀପ୍ତି ରଞ୍ଜନ ଇନ୍ଦ୍ର ସିଂ, ଯତୀନ କୁମାର ରାଉତ ଓ ଅଲିଭା ଦାଶ ପ୍ରମୁଖ ସହଯୋଗ କରିଥିଲେ ।

## ଘର ଭିତରେ ମଦ ପ୍ରସ୍ତୁତି

**ଭୁବନେଶ୍ୱର,୯।୧୦ (ମହାଭାରତ):** ମୈତ୍ରୀ ବିହାର ସ୍ଥିତ ବ୍ରିବାସା ବସ୍ତିରେ ଥିବା ଏକ ଘରେ ସିକ୍ରେଟ ଚାମ୍ବର କରି ଦେଶୀ ମଦ ପ୍ରସ୍ତୁତ ହେଉଥିବା ବେଳେ ଏହାକୁ ଠାବ କରିଛି ଅବକାରୀ ଟିମ୍ । ସମରାୟ ହାଁସଦାଙ୍କ ଘରୁ ସିକ୍ରେଟ୍ ଚାମ୍ବର ଠାବ ପରେ ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବେଡରୁମରେ ଷ୍ଟଡି ଟେବୁଲ ତଳେ ଥିବା ସିକ୍ରେଟ ଚମ୍ବରକୁ ଅବକାରୀ ବିଭାଗ ଠାବ କରିଥିବା ବେଳେ ବିପୁଳ ପରିମାଣର ଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ ।

## ଜାମ୍ମୁ-କାଶ୍ମୀରର ସ୍ଥିତି ସମୀକ୍ଷା କଲେ ଶାହା

**ନୂଆଦିଲ୍ଲୀ,୯।୧୦(ପିଆଇବି):** କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଜାମ୍ମୁ-କାଶ୍ମୀର ସୁରକ୍ଷା ସ୍ଥିତିର ସମୀକ୍ଷା ପାଇଁ ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକରେ ଜାମ୍ମୁ-କାଶ୍ମୀର ଉପରାଜ୍ୟପାଳ 1 ମନୋଜ ସିହ୍ନା, କେନ୍ଦ୍ର ଗୃହ ସଚିବ, ଗୁଇନ୍ଦା ନିର୍ଦ୍ଦେଶକ, ସେନା ମୁଖ୍ୟ, ଜାମ୍ମୁ-କାଶ୍ମୀର ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସି. ଏ. ପି. ଏଫ୍.)ର ମହାନିର୍ଦ୍ଦେଶକ ଏବଂ ଭାରତ ସରକାର, ସେନା ଏବଂ ଜାମ୍ମୁ-କାଶ୍ମୀର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଅମିତ ଶାହ ଆତଙ୍କବାଦ ମୁକ୍ତ ଜାମ୍ମୁ-କାଶ୍ମୀର ଲକ୍ଷ୍ୟ ହାସଲ ଦିଗରେ ମୋଦୀ ସରକାରଙ୍କ ଅତୁଟ ପ୍ରତିବଦ୍ଧତାକୁ ଦୋହରାଇଥିଲେ । ସେ କହିଥିଲେ ଯେ, ସୁରକ୍ଷା




ସଂସ୍ଥାଗୁଡ଼ିକର ଦୃଢ଼ ପ୍ରୟାସ ଯୋଗୁଁ ଜାମ୍ମୁ-କାଶ୍ମୀରରେ ରାଷ୍ଟ୍ରର ଶତ୍ରୁମାନଙ୍କ ଦ୍ୱାରା ପୋଷିତ ଆତଙ୍କବାଦୀ ନେଟୱାର୍କ ପ୍ରାୟ ପଙ୍ଗୁ ହୋଇଯାଇଛି । ସେ ଏହା ମଧ୍ୟ ଆଶ୍ୱାସନା ଦେଇଛନ୍ତି ଯେ, ଏହି ପ୍ରୟାସକୁ ଜାରି ରଖିବା ପାଇଁ ସମସ୍ତ ଆବଶ୍ୟକୀୟ ସମ୍ବଳ ଯୋଗାଇ ଦିଆଯିବ । ଏହି ଅଞ୍ଚଳରେ ଶାନ୍ତି ଏବଂ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ଯେକୌଣସି ପ୍ରୟାସକୁ ଦମନ କରିବା ପାଇଁ ଆମ ସୁରକ୍ଷା ବାହିନୀକୁ କାର୍ଯ୍ୟାନୁଷ୍ଠାନର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିବ ।ଶ୍ରୀ ଶାହ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ କେନ୍ଦ୍ର ଶାସିତ ଅଞ୍ଚଳ ପ୍ରଶାସନ ଏବଂ ସୁରକ୍ଷା ଏଜେନ୍ସିମାନଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ, ଯାହା ଜାମ୍ମୁ-କାଶ୍ମୀରରେ ସାମଗ୍ରିକ ସୁରକ୍ଷା ପରିଦୃଶ୍ୟକୁ ଦୃଢ଼ କରିବାରେ ସହାୟକ ହୋଇଛି । ଏହି ଅଞ୍ଚଳରୁ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସମନ୍ୱିତ ଏବଂ ସତର୍କତାର ସହ କାର୍ଯ୍ୟ କରିବାରେ ସମସ୍ତ ସୁରକ୍ଷା ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ କେନ୍ଦ୍ର ଗୃହମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ, ଶୀତ ଋତୁ ଆରମ୍ଭ ହେବା ସହିତ, ଆତଙ୍କବାଦୀମାନେ ଯେପରି ତୁଷାରପାତର ଫାଇଦା ଉଠାଇ ସୀମା ଆରପଟୁ ଅନୁପ୍ରବେଶ ନ କରନ୍ତି ତାହା ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ବାହିନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ଆବଶ୍ୟକ ।

### ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ମାମଲା

## ବଣିକ ଇନଷ୍ଟିଚ୍ୟୁଟ୍‌ରେ କ୍ରାଇମବ୍ରାଞ୍ଚର ଚଢ଼ାଉ

ଭୁବନେଶ୍ୱର,୯।୧୦(**ମହାଭାରତ**): ଓଡ଼ିଶା ପୁଲିସ୍ ରିକ୍ରୁଟମେଂଟ ବୋର୍ଡ (ଓପିଆରବି) ଦ୍ୱାରା ପରିଚାଳିତ ପୋଲିସ ଏସ୍ ଆଇ ନିଯୁକ୍ତି କେଳେଙ୍କାରୀ ମାମଲାରେ କ୍ରାଇମ୍ ବ୍ରାଂଚ ଘରୋଇ କୋଚିଂ ସେଂଟର 'ବଣିକ' ଉପରେ ଚଢ଼ଉ କରିଛି । ଭୁବନେଶ୍ୱର ସିଆରପି ଛକ ଠାରେ ଥିବା ବଣିକର କୋଚିଂ ସେଂଟର ଉପରେ ଚଢଢାଉ କରି କ୍ରାଇମ ବ୍ରାଂଚ ଯାଂଚ କରିଛି । ଇନଷ୍ଟିଚ୍ୟୁଟରେ ଏସ୍ଆଇ ଆଶାୟୀ ପାର୍ଥୀଙ୍କୁ ତାଲିମ ଅଭିଯୋଗରେ ଏହି ଚଢ଼ଉ ହୋଇଛି । ପୁଲିସ ଏସ୍ଆଇ



ପରୀକ୍ଷା ଦୁର୍ନୀତି ମାମଲାରେ ଗିରଫ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ଭିତରୁ ଜେରା ବେଳେ ୧୧ ଜଣ ସିଧାସଳଖ 'ବଣିକ'ର ନାଁ ନେଇଥିବା କୁହାଯାଉଛି । ସେମାନେ 'ବଣିକ'ର ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ଶାଖାରେ କୋଚିଂ ନେଉଥିଲେ । ଉଲ୍ଲେଖନୀୟ ଯେ ବିଜେଡି ନେତା ସୁବ୍ରତ ଛାଟୋଇ ହେଉଛନ୍ତି ବଣିକ ଇନଷ୍ଟିଚ୍ୟୁଟ୍ର ମୁଖ୍ୟ । ପୁଲିସ ଏସ୍ଆଇ ପରୀକ୍ଷା ଦୁର୍ନୀତି ମାମଲାରେ ୧୧୯ ଜଣ ଗିରଫ ହୋଇଛନ୍ତି । ଏବେବି ଏହାର ମାଷ୍ଟର ମାଇଣ୍ଡ ଶଙ୍କର ପ୍ରୁଷ୍ଟି ଓ ମୁନ୍ନା ମହାନ୍ତି ଫେରାର ଅଛନ୍ତି ।

## ଲାସଲୋଙ୍କୁ ସାହିତ୍ୟରେ ନୋବେଲ

**ଷ୍ଟକହୋମ,୯।୧୦(ମହାଭାରତ):** ହଙ୍ଗେରିରେ ଲେଖକ ଲାସଲୋ କ୍ରାଜନାହୋରକାଇଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ମିଳିବ । ତାଙ୍କର ଉପନ୍ୟାସ ହର୍ସଟ୍ ୦୭୭୬୯ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିବ । ଏହି ଉପନ୍ୟାସରେ ସାଂପ୍ରତିକ ଜର୍ମାନିର ସାମାଜିକ ଅସ୍ଥିରତା ତଥା ହିଂସା ଓ ସୌନ୍ଦର୍ଯ୍ୟ ଉପରେ ଏହାର ପ୍ରଭାବର ସୁନ୍ଦର ଚ଼ିତ୍ରଣ ପାଇଁ ତାଙ୍କୁ ଚ଼ୟନ କରାଯାଇଛି । ୧୯୫୪ ମସିହାରେ ହଙ୍ଗେରି ଓ ରୋମାନିଆ ସୀମାରେ ଥିବା ଗ୍ରାମ ଗ୍ୱାଲାରେ ଜନ୍ମଗ୍ରହଣ କରିଥିବା କ୍ରାଜନାହୋରକାଇଙ୍କ ଲେଖାର କେତେକ ସ୍ୱତନ୍ତ୍ରତା ରହିଛି ।



ତାହା ହେଉଛି ଲମ୍ବା ଓ ଜଟିଳ ବାକ୍ୟ ଓ ସେଥିରେ ଲୁଚ଼ି ରହିଥିବା ଗଭୀର ଦାର୍ଶନିକ ଅର୍ଥ । ୧୯୫୪ ମସିହାରେ ହଙ୍ଗେରି ଓ ରୋମାନିଆ ସୀମାରେ ଥିବା ଗ୍ରାମ ଗ୍ୱାଲାରେ ଜନ୍ମଗ୍ରହଣ କରିଥିବା କ୍ରାଜନାହୋରକାଇଙ୍କ ଲେଖାର କେତେକ ସ୍ୱତନ୍ତ୍ରତା ରହିଛି । ତାହା ହେଉଛି ଲମ୍ବା ଓ ଜଟିଳ ବାକ୍ୟ ଓ ସେଥିରେ ଲୁଚ଼ି ରହିଥିବା ଗଭୀର ଦାର୍ଶନିକ ଅର୍ଥ । ସ୍ୱିଡିସ ଏକାଡେମୀ ପକ୍ଷରୁ ହିଁ ପ୍ରତିବର୍ଷ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥାଏ । ନୋବେଲ ପୁରସ୍କାରର ବିଭିନ୍ନ ବର୍ଗ ମଧ୍ୟରେ ସାହିତ୍ୟ ପୁରସ୍କାରଟି ଅନ୍ୟତମ ଲୋକପ୍ରିୟ ପୁରସ୍କାର ଭାବେ ପରିଗଣିତ ହୋଇଥାଏ । ୧୯୦୧ରୁ ୨୦୨୪ ମଧ୍ୟରେ ମୋଟ ୧୨୧ ଜଣ ସାହିତ୍ୟରେ ନୋବେଲ ପୁରସ୍କାର ଜିତିଛନ୍ତି ।

## ମୁଗଡାଲି କଟ୍‌ଲେଟ୍

ଆବଶ୍ୟକ ସାମଗ୍ରୀ: ମୁଗ ଡାଲି,ସିଝା ଆଳୁ, ବ୍ରେଡ କ୍ରମ୍, କଟା ଧନିଆପତ୍ର, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ,ଗରମ ମସଲା, ହେଙ୍ଗୁ, କଟା ଅଦା କଞ୍ଚାଲଙ୍କା, ସ୍ୱାଦ ଅନୁସାରେ ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗୋଟିଏ ପାତ୍ରରେ ସିଝା ଆଳୁ, ମୁଗ ଡାଲି, ଲଙ୍କା ଗୁଣ୍ଡ, ଲୁଣ ଗରମ ମସଲା,କଟା ଅଦା, ଧନିଆ ପତ୍ର ,ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କା ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ଗୋଲ ଗୋଲ କରି ବ୍ରେଡ କ୍ରମ୍ସରେ ଏପଟ ସେପଟ କରି ରଖନ୍ତୁ । ଏବେ ଏକ କଡେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ମିଶ୍ରଣରୁ ପ୍ରସ୍ତୁତ କଟଲେଟ ଗୁଡିକୁ ଛାଣନ୍ତୁ । ଦୁଇପଟ ଲାଲ୍ ହୋଇଗଲେ ଏହାକୁ ପ୍ଲେଟକୁ କାଢିଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ମୁଗଡାଲି କଟଲେଟ୍' । ଏହାକୁ ପୋଦିନା ଚଟଣୀ କିମ୍ବା ସସ୍ ସହିତ ପରଷନ୍ତୁ ।



ଖବର

# ଓଡ଼ିଆ ସିନେମାକୁ ଫେରିଲେ ସମ୍ଭାବନା



ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତ୍ରୀ ସ୍ନିଗ୍ଧା ମହାନ୍ତିଙ୍କ ଝିଅ ସମ୍ଭାବନା ପ୍ରାୟ ତିନି ବର୍ଷ ପରେ ଓଲିଉଡକୁ ଫେରିଛନ୍ତି। 'ଛକି ଶୂନ' ଜରିଆରେ ତାଙ୍କର ପ୍ରତ୍ୟାବ□ନ ହୋଇଛି। ଏଥିରେ ତାଙ୍କୁ ସୁପଷ୍ଟାର୍ ଅନୁଭବ ମହାନ୍ତିଙ୍କ ସହଯୋଗୀ ଭୂମିକାରେ ଦେଖିବାକୁ ମିଳିବ। ଉକ୍ତ ଚରିତ୍ରକୁ ନେଇ ସମ୍ଭାବନା ବେଶ୍ ଉତ୍ସାହିତ ଅଛନ୍ତି। ଏହି ସିନେମାରେ ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ପଣ୍ଡା, ଚୌଧୁରୀ ଜୟପ୍ରକାଶ ଦାସ, ଉଦିତ ଗୁରୁ, ଶ୍ରେୟାଂଶୀ ଓ ଭକ୍ତି ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତ। ନବୀନ ଭଣ୍ଡାରୀ ଓ ଜାଗ୍ରତି ଏ ମହାନ୍ତିଙ୍କ ପ୍ରଯୋଜିତ ଏହି ଛବିର ନିର୍ଦ୍ଦେଶନା ମାନସ ପିଆରୀ ଦେଉଛନ୍ତି। 'ଛକି ଶୂନ' ହେଉଛି ସମ୍ଭାବନାଙ୍କର ତୃତୀୟ ଓଡ଼ିଆ ସିନେମା।ସୂଚନାଯୋଗ୍ୟ, ସମ୍ଭାବନା ୨୦୧୩ରେ ପ୍ରଥମେ ଅତିଶ କୁମାର ରାଉତଙ୍କ ପ୍ରଯୋଜିତ ତଥା ସୁଧାଂଶୁମୋହନ ସାହୁଙ୍କ ନିର୍ଦ୍ଦେଶିତ ଓଡ଼ିଆ ଛବି 'ମୁଁ ରାଜା ତୁ ରାଣୀ'ରେ ନାୟିକା ଭାବେ ପରଦାକୁ ଆସିଥିଲେ। ଏଥିରେ ତାଙ୍କ ବିପକ୍ଷରେ ନାୟକ ଥିଲେ ଅରିନ୍ଦମ। ପ୍ରଥମ ଫିଲ୍ମରେ ପ୍ରଭାବଶାଳୀ ଅଭିନୟ କରିବା ପରେ ସମ୍ଭାବନା ଆଗକୁ ଆଉ କିଛି ସିନେମାରେ ଅଭିନୟ କରିବେ ବୋଲି ଆଶା କରାଯାଉଥିଲା। ହେଲେ ସେଭଳି କିଛି ଘଟିଲାନାହିଁ। ପ୍ରାୟ ପା□ବର୍ଷ ପରେ ୨୦୧୮ରେ ନିର୍ମାଣ ଆରମ୍ଭ ହୋଇଥିବା ଏକ ନୂଆ ଓଡ଼ିଆ ସିନେମା 'ବିଶ୍ୱନାଥ'ରେ ସେ ଅଭିନୟ କରିଥିଲେ। ଏହା ୨୦୨୨ରେ ମୁକ୍ତିଲାଭ କରିଥିଲାୟ ଏହି ଫିଲ୍ମରେ ସମ୍ଭାବନାଙ୍କୁ ଜଣାଶୁଣା ନାୟକ ସମ୍ମିଙ୍କ ବିପକ୍ଷରେ ଦେଖିବାକୁ ପାଇଥିଲେ ସିନେପ୍ରେମୀୟ ଏହାର ନିର୍ଦ୍ଦେଶନା ଦେଇଥିଲେ ଦକ୍ଷିଣ ଭାରତୀୟ ନିର୍ଦ୍ଦେଶକ କିରନ୍।

## ଶଚି ଓ ଇନ୍ଦ୍ରଙ୍କ କଥା



ଦେବରାଜ ଇନ୍ଦ୍ର ଏବଂ ଦେବୀ ଶଚିଙ୍କ ମଧ୍ୟରେ ବିବାହ ହୋଇଥିଲା । ଦେବୀ ପାର୍ବତୀଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ଶଚିଦେବୀ ଦେବରାଜଙ୍କୁ ପତି ରୂପରେ ପାଇଥିଲେ । ଶଚିଙ୍କ ସମ୍ବନ୍ଧରେ ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି । ପୁଲୋମାଙ୍କ କନ୍ୟା ଶଚିଙ୍କ ବିଷୟରେ ବେଦରେ ମଧ୍ୟ ବର୍ଣ୍ଣନା ଥିବା ଦେଖିବାକୁ ମିଳିଥାଏ । ସ୍କନ୍ଦ ପୁରାଣରେ ରହିଥିବା ବର୍ଣ୍ଣନା ଅନୁଯାୟୀ, ସତ୍ୟଯୁଗରେ ଦୈତ୍ୟରାଜ ପୁଲୋମାଙ୍କ କନ୍ୟା ଶଚି ଦେବରାଜ ଇନ୍ଦ୍ରଙ୍କୁ ପତି ରୂପରେ ପାଇବା ଲାଗି ଜ୍ୱାଳପାଧାମରେ ହିମାଳୟର ଅଧିଷ୍ଠାତ୍ରୀ ଦେବୀ ପାର୍ବତୀଙ୍କୁ ଉପାସନା କରିଥିଲେ । ମା' ପାର୍ବତୀ ଶଚିଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଦୀପ୍ତ ଜ୍ୱାଳେଶ୍ୱରୀ ରୂପରେ ଦର୍ଶନ ଦେଇଥିଲେ । ତାଙ୍କରି ଆଶୀର୍ବାଦ କ୍ରମେ ଶଚିଦେବୀ ଇନ୍ଦ୍ରଙ୍କୁ ପତି ରୂପରେ ପାଇଥିଲେ । ଏହି ସ୍ଥାନ ଆଧୁନିକ ଉତ୍ତରାଖଣ୍ଡରେ ରହିଛି ବୋଲି ବିଶ୍ୱାସ କରାଯାଇଥାଏ । ସେଠାରେ ବର୍ତ୍ତମାନ ମଧ୍ୟ ଜ୍ୱାଳାଦେବୀଙ୍କୁ ପୂଜା କରାଯାଉଛି । ଦେବୀ ଶଚିଙ୍କୁ ଇନ୍ଦ୍ରାଣୀ ମଧ୍ୟ କୁହାଯାଏ । ସେ ନିଜ ପତିଙ୍କ ସୁରକ୍ଷା ପାଇଁ ବ୍ରାହ୍ମଣଙ୍କ ଦ୍ୱାରା ଇନ୍ଦ୍ରଦେବଙ୍କ ହାତରେ ରକ୍ଷାସୂତ୍ର ବାନ୍ଧିଥିଲେ । ଏହି ରକ୍ଷାସୂତ୍ର କାରଣୁ ଦେବରାଜ ଇନ୍ଦ୍ର ଦେବାସୁର ସଂଗ୍ରାମରେ ବିଜୟ ଲାଭ କରିଥିଲେ ।

## ଶ୍ରୀଜଗନ୍ନାଥଙ୍କ ଚକ୍ର

ଶ୍ରୀଜଗନ୍ନାଥଙ୍କ ଚକ୍ର

ଜଗନ୍ନାଥଙ୍କୁ ଅନେକ ଚକ୍ରୀ ବୋଲି କୁହାଯାଏ। କାରଣ ସେ ସଦାସର୍ବଦା ଚକ୍ର ଧାରଣ କରିଥାନ୍ତି। ବାମନ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ, ଦୁର୍ଦ୍ଦାନ୍ତ ଅସୁରମାନଙ୍କୁ ନିପାତ କରିବା ପାଇଁ ଏକ ବିଶେଷ ଶକ୍ତି ଦରକାର ବୋଲି ବିଷ୍ଣୁ ସବୁ ଦେବତାଙ୍କୁ ଜଣାଇଥିଲେ । ଫଳରେ ଦେବତାମାନେ ମିଶି ନିଜ ନିଜର ଶକ୍ତିଙ୍କୁ ଏକତ୍ରିତ କରି ଯେଉଁ ଆୟୁଧକୁ ସୃଷ୍ଟି କରିଥିଲେ ତାହାର ନାମ ଥିଲା ଚକ୍ରୀ। କିନ୍ତୁ ମତ୍ସ୍ୟ ପୁରାଣର ବର୍ଣ୍ଣନା ଅନୁସାରେ ସୂର୍ଯ୍ୟ ଦେବତା ନିଜର ତେଜ ଶକ୍ତିକୁ କିଛି ପ୍ରଶମିତ କରିବା ପାଇଁ ବିଷ୍ଣୁଙ୍କୁ ଆରାଧନା କରିଥିଲେ।



ତେଣୁ ବିଷ୍ଣୁ ସୂର୍ଯ୍ୟଙ୍କର ତେଜକୁ କିଛି ପ୍ରଶମିତ କରିଥିଲେ। ସେଥିରୁ ଯେଉଁ ଶକ୍ତି ସୂର୍ଯ୍ୟ ବାହାର କରିଥିଲେ ତାକୁ ୩ ଭାଗରେ ବିଭକ୍ତ କରି ଗୋଟିଏ ଭାଗକୁ ସୁଦର୍ଶନ ଚକ୍ର କରି ବିଷ୍ଣୁଙ୍କୁ ଦେଲେ, ଆଉ ଗୋଟିଏ ଅଂଶକୁ ତ୍ରିଶୂଳ ରୂପ ଦେଇ ରୁଦ୍ରଙ୍କୁ ଏବଂ ଆଉ ଗୋଟିଏ ଅଂଶକୁ ବଜ୍ରରୂପ ଦେଇ ଇନ୍ଦ୍ରଙ୍କ ହାତରେ ଅର୍ପଣ କରିଥିଲେ। ତେଣୁ ଏହିଠାରୁ ସୁଦର୍ଶନ ଚକ୍ର ଆର୍ବିଭୂତ ହୋଇଥିଲା। ଏହି ଚକ୍ର, ବିଷ୍ଣୁଙ୍କ ନିର୍ଦ୍ଦେଶକୁ କେବେ ଅବମାନନା କରେ ନାହିଁ। ଏଥିରେ ସମସ୍ତ ପାପରାଶି, ଆସୁରିକ ପ୍ରକୃତି ଓ ସମସ୍ତ ବିଘ୍ନ ବିନାଶ ହୋଇଥାଏ। ଏହା ସର୍ବଶକ୍ତିମାନ ଆୟୁଧ ଯାହା ଜଗନ୍ନାଥଙ୍କ ବାମ ପାଖରେ ପୂଜା ପାଇଥାନ୍ତି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାରେ ସୁଦର୍ଶନ ଚକ୍ରର ବିଶେଷ ମହତ୍ତ୍ୱ ରହିଛି । ଏହା ଶ୍ରୀଜିଉଙ୍କ ଅବିଚ୍ଛେଦ୍ୟ ଅଂଶ ।

# ପାପ ଭାର କମାଏ ଫୁଲ ଦ୍ୱାରା ପୂଜା



ସନାତନ ଧର୍ମରେ ପ୍ରତୀମା ପୂଜାର ପରମ୍ପରା ଆରମ୍ଭରୁ ଚାଲିଆସିଛି । ଠାକୁରଙ୍କ ମୂର୍ତ୍ତି ପୂଜା ସମୟରେ ଫୁଲ ଚଢ଼ାଇବାର ପରମ୍ପରା ମଧ୍ୟ ବହୁଦିନରୁ ପ୍ରଚଳିତ । ତେବେ ଏହି ପରମ୍ପରା କାହିଁକି ପାଳନ କରାଯାଏ, ସେ ସମ୍ପର୍କରେ ଶାସ୍ତ୍ରରେ ବର୍ଣ୍ଣନା ରହିଛି । ଶାସ୍ତ୍ରରେ ଫୁଲ ସମ୍ପର୍କରେ କୁହାଯାଇଛି "ପୁଣ୍ୟ ସଂବର୍ଦ୍ଧନାଚ୍ଚାପି ପାପୌଦ୍ଧପରିହାରତ । ପୁଷ୍କଲାର୍ଥପ୍ରଦାନାର୍ଥ ପୁଷ୍ପମିତ୍ୟଭିଧୀୟତେ" । ଏହାର ଅର୍ଥ ହେଉଛି ପୁଣ୍ୟ ବୃଦ୍ଧି କରିବା, ପାପ ଭାର କମାଇବା ଏବଂ ଫଳ ପ୍ରଦାନ କରୁଥିବା ହେତୁ ଏହାକୁ ଫୁଲ କୁହାଯାଇଥାଏ । "ଦେବସ୍ୟ ମସ୍ତକଂ କୁର୍ଯ୍ୟାତ୍‌କୁସୁମୋପହିତଂ ସଦା" । ଦେବତାଙ୍କ ମସ୍ତକ ସର୍ବଦା ଫୁଲ ଦ୍ୱାରା ସୁଶୋଭିତ ରହିବା ଆବଶ୍ୟକ । "ପୁଷ୍ପୈର୍ଦ୍ଦେବାଂ ପ୍ରସିଦନ୍ତି ପୁଷ୍ପେ ଦେବାଶ୍ଚ ସଂସ୍ଥିତା । ନ ରତ୍ନୈର୍ନ ସୁବର୍ଣ୍ଣେନ ନ ବିତ୍ତେନ ଚ ଭୂରିଣା, ତଥା ପ୍ରସାଦମାୟାତି ଯଥା ପୁଷ୍ପୈର୍ଜନାର୍ଦନ" । ଏହାର ଅର୍ଥ ଦେବତାମାନେ ରତ୍ନ, ସୁବର୍ଣ୍ଣ, ଭୂରି ଦ୍ରବ୍ୟ, ବ୍ରତ, ତପସ୍ୟା ଏବଂ ଅନ୍ୟ କୌଣସି ଜିନିଷ ଦ୍ୱାରା ଯେତେ ପ୍ରସନ୍ନ ହୋଇନଥାନ୍ତି, ଫୁଲ ଚଢ଼ାଇବା ଦ୍ୱାରା ତା'ଠାରୁ ଅଧିକ ପ୍ରସନ୍ନତା ଲାଭ କରିଥାନ୍ତି ।

ଫୁଲ ଚଢ଼ାଇବା ଦ୍ୱାରା ଭଗବାନ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି । ଫୁଲର ସୁଗନ୍ଧ ଦ୍ୱାରା ଘରର ବାତାବରଣ ମହକି ଉଠିଥାଏ । ଏହାଦ୍ୱାରା ମନକୁ ଶାନ୍ତି ମିଳିଥାଏ । ମସ୍ତିଷ୍କରେ ସର୍ବଦା ସକାରାତ୍ମକ ବିଚାର ଆସିଥାଏ । ନକାରାତ୍ମକ ଶକ୍ତିର ପ୍ରଭାବ ଘରୁ ନଷ୍ଟ ହୋଇଯାଇଥାଏ । ଫଳରେ ଜୀବନ ଜିଇଁବା ପାଇଁ ପ୍ରେରଣା ପ୍ରାପ୍ତ ହୋଇଥାଏ । ଫୁଲର ଆୟୁଷ କମ୍ ହୋଇଥାଏ । କିନ୍ତୁ ମଉଳିଯିବା ପୂର୍ବରୁ ଏହାର ସୁଗନ୍ଧ ବାତାବରଣକୁ ମହକାଇ ଦେଇଥାଏ । ଏଣୁ ଆମେ ଜୀବନରେ ସର୍ବଦା ଏଭଳି ବଞ୍ଚିବା ଉଚିତ୍, ଯେପରି ଆମ ଆଖପାଖରେ ଥିବା ଲୋକମାନେ ସୁଖ ଲାଭ କରନ୍ତୁ ।

ବାସ୍ତୁ ଶାସ୍ତ୍ର ଅନୁଯାୟୀ ଘରେ ବଗିଚା ରହିବା ଅନିର୍ବାଯ୍ୟ । ବଗିଚା ଅନେକ ବାସ୍ତୁ ଦୋଷ ଦୂର କରିଥାଏ । ଘର ଆଗରେ ବ୍ରହ୍ମକମଳ, ଗୁଡହଲ୍, ମିଠା ନିମ୍ବ, ଚାନ୍ଦିନୀ ଆଦି ବୃକ୍ଷ ଲାଗାଇଲେ ବାସ୍ତୁ ଦୋଷ ଦୂର ହୁଏ । ଏହା ବ୍ୟତୀତ ପାରିଜାତ, ମୋଗରା, ଗେଣ୍ଡୁ, ସେବତୀ ଫୁଲ ଘର ଅଗଣାରେ ରହିବା ଶୁଭ ହୋଇଥାଏ । ଏହି ସବୁ ଫୁଲ ଘରେ ସକାରାତ୍ମକ ବାତାବରଣ ସୃଷ୍ଟି କରିଥାନ୍ତି । ଫଳରେ ପରିବାରରେ ସର୍ବଦା ହସଖୁସିର ବାତାବରଣ ରହିଥାଏ ।

## ଭଗବାନଙ୍କ ମନରୁ ସୃଷ୍ଟି ସପ୍ତର୍ଷି

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, "ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା । ମଦ୍‌ଭାବା ମାନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ ।।" ଅର୍ଥାତ୍



ସପ୍ତର୍ଷି ମୋର ମନରୁ ଉତ୍ପନ୍ନ ହୋଇଛନ୍ତି ଏବଂ ସେମାନେ ମୋର ହିଁ ବିଭୂତି । ଯେଉଁ ବ୍ୟକ୍ତି ପ୍ରାତଃ କାଳରୁ ଉଠି ଏମାନଙ୍କ ନାମ ଧ୍ୟାନ କରିଥାଏ, ତାହାର ଫଳ ସ୍ୱରୂପ ଉକ୍ତ ବ୍ୟକ୍ତିର ସାରାଦିନ ଉତ୍ସାହ ଏବଂ ଆନନ୍ଦରେ କଟିଥାଏ । ଦିନର ଆରମ୍ଭ ଉତ୍ତମ ହେଲେ ଏହାର ପ୍ରଭାବାରେ ସାରା ଦିନ ଭଲରେ କଟିଥାଏ । ଏଣୁ ସବୁ ପରିସ୍ଥିତିକୁ ଅନୁକୂଳ କରିବା ଲାଗି ଦିନର ପ୍ରାରମ୍ଭ ଭଲ କରିବା ଲାଗି ସର୍ବଦା ଚେଷ୍ଟା କରିବା ଉଚିତ୍ । ସକାଳୁ ଉଠି ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା କୁହାଯାଇଥିବା ଉପାୟ ଅବଲମ୍ବନ କଲେ ସାରା ଦିନ ଭଲରେ କଟିଥାଏ । ଶାସ୍ତ୍ରରେ ସପ୍ତର୍ଷିଙ୍କ ବିଷୟରେ ଉଲ୍ଲେଖ ରହିଛି । ସେମାନେ ହେଲେ – ବଶିଷ୍ଠ, କଶ୍ୟପ, ଅତ୍ରି, ଯମଦଗ୍ନି, ଗୌତମ, ବିଶ୍ୱାମିତ୍ର ଓ ଭରଦ୍ୱାଜ ।

# ହୀରାକୁଦ ପର୍ଯ୍ୟଟନ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା



ଭୁବନେଶ୍ୱର,୮।୧୦ (ମହାଭାରତ): ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସରକାରଙ୍କ ରାଜ୍ୟଗୁଡ଼ିକ ପାଇଁ ପୁଞ୍ଜି ନିବେଶ ସହାୟତା (ଏସ୍‌ଏଏସ୍‌ସିଆଇ) ପ୍ରକଳ୍ପର କାର୍ଯ୍ୟକାରିତା ସଂପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓଡ଼ିଶା ସରକାରଙ୍କ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଯୋଜନାଧୀନ ଦୁଇଟି ପ୍ରକଳ୍ପର ଅଗ୍ରଗତି ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପର୍ଯ୍ୟଟନ ବିଭାଗର ଆୟୁକ୍ତ-ତଥା-ଶାସନ ସଚିବ ବଲବନ୍ତ ସିଂହ ହୀରାକୁଦ ଅଂଚଳରେ ପର୍ଯ୍ୟଟନ ମାଷ୍ଟର ପ୍ଲାନ୍‌ର ଏକ ସଂକ୍ଷିପ୍ତ ଚିତ୍ରଣ ଉପସ୍ଥାପନ କରିଥିଲେ ବୈଠକରେ ଏସ୍‌ଏଏସ୍‌ସିଆଇ ଯୋଜନା ଅଧୀନ ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରିତାରେ ରହୁଥିବା ସ୍ଥାନ-ସମ୍ପର୍କିତ ସମ୍ବେଦନଶୀଳତା, ଆବଶ୍ୟକ ଅନୁମୋଦନ ଓ ଏନଓସି ସମ୍ବନ୍ଧୀୟ ବିବରଣୀ ଉପସ୍ଥାପିତ ହୋଇଥିଲା ଜଳ ଓ ଆଲୋକ ସିଂଫୋନି ପାଇଁ ବିସ୍ତୃତ ଯୋଜନା ବିଷୟରେ ଆଲୋଚନା ହୋଇଥିଲା। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଓସିସିକୁ ସମୟୋପଯୋଗୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ମୁଖ୍ୟ ଥିମ୍ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜଳ ଓ ଆଲୋକ ସିଂଫୋନିର କାହାଣୀର ମୁଖ୍ୟ ବିଷୟବସ୍ତୁରେ ମହାନଦୀର ସାମାଜିକ ଓ ସାଂସ୍କୃତିକ ମହତ୍, ବନ୍ଧ ନିର୍ମାଣ ସ୍ୱପ୍ନ ସାକାର ହେବାରେ ହୀରାକୁଦରକାହାଣୀ ଏବଂ ମହାନଦୀ କେବଳ ଏକ ନଦୀ ନୁହେଁ, ସେ ଆମ ଅସ୍ତିର ଅଂଶବିଶେଷ।

# ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହକୁ ଉଦଘାଟନ କଲେ ରାଜ୍ୟପାଳ

ଭୁବନେଶ୍ୱର,୮।୧୦ (ମହାଭାରତ): ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସାମୁହିକ ଦାୟିତ୍ୱ ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ ।ଟି କହିଛନ୍ତି। ଚଳିତ ଅକ୍ଟୋବର ୯ ତାରିଖ ଦିନ ଲୋକସେବା ଭବନର କନ୍‌ଭେନସନ୍ ସେଂଟରଠାରେ ଆୟୋଜିତ ୭୧ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଜନସାଧାରଣ ପ୍ରକୃତିର ସକ୍ରିୟ ରକ୍ଷକ ହେବାକୁ ଆହ୍ୱାନ ଜଣାଇଛନ୍ତି। ମଣିଷ ଏବଂ ପ୍ରକୃତି ମଧ୍ୟରେ ଥିବା ଗଭୀର ସଂପର୍କ ଉପରେ ରାଜ୍ୟପାଳ ଆଲୋକପାତ କରି କହିଥିଲେ ଯେ, ଯେତେବେଳେ ଆମେ ଏକ ଜଙ୍ଗଲକୁ ସୁରକ୍ଷା ଦେଉଛୁ ଆମେ ଆମର ଜଳଛାୟାକୁ ସୁରକ୍ଷିତ କରୁ । ଯେତେବେଳେ ଆମେ ଏକ ପ୍ରଜାତିକୁ ରକ୍ଷା କରୁ ଆମେ ପରିବେଶଗତ



ସନ୍ତୁଳନକୁ ରକ୍ଷା କରୁ। ମଣିଷ ଏବଂ ବନ୍ୟପ୍ରାଣୀଙ୍କ କଲ୍ୟାଣ ପ୍ରାକୃତିକ ସମ୍ମନ୍ୱୟର ଅବିଚ୍ଛେଦ୍ୟ ଅଂଶ। ଦେଶରେ ବନ୍ୟପ୍ରାଣୀ ସପ୍ତାହ ପାଳନ ଦେଶର ଜୀବନ୍ତ ଐତିହ୍ୟର ସୁରକ୍ଷା ପାଇଁ ସମସ୍ତଙ୍କର ମିଳିତ କର୍ତ୍ତବ୍ୟ ମନେ ପକାଇଦିଏ। ଚଳିତ ବର୍ଷର ବିଷୟ ବସ୍ତୁ "ମାନବ – ବନ୍ୟପ୍ରାଣୀ ସହାବସ୍ଥାନ" ସମାଜକୁ ସଂଘର୍ଷରୁ ଉର୍ଦ୍ଧ୍ୱକୁ ଯାଇ ପ୍ରାକତୃତିକ ବିଶ୍ୱର ସୁରକ୍ଷା ପାଇଁ ସାମୁହିକ ଦାୟିତ୍ୱ ଗହ୍ର ଣ କରିବାକୁ ଆହ୍ୱାନ କରୁଛି ବୋଲି ରାଜ୍ୟପାଳ କହିଥିଲେ। ଚିଲିକା ହ୍ରଦ ଏବଂ ଭିତରକନିକାରୁ ଆରମ୍ଭ କରି ଗହୀର ମଥା ଏବଂ ଋଷିକୂଲ୍ୟାରେ ଅଲିଭ ରିଡଲେ କଇଁଛଙ୍କ ଗଣ ଅଣ୍ଡାଦାନ ପର୍ଯ୍ୟନ୍ତ ଓଡ଼ିଶା ସଂରକ୍ଷଣ ସଫଳତାର ଏକ ମଡେଲ ଭାବେ ଛିଡ଼ା ହୋଇଛି। ତଥାପି ମାନବ ବସତି ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରାକତିକ ସଂପଦ ପ୍ରଭାବିତ ହେଉଛି। ମଣିଷ-ହାତୀ ସଂଘର୍ଷ ସଂପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଭିତିଭୂମି ବିକାଶ ପ୍ରକଳ୍ପ ଏବଂ ଭୂମି ବ୍ୟବହାର ପରିବର୍ତ୍ତନ ଯୋଗୁଁ ମାଇଗ୍ରେସନ କରିଡର ସଙ୍କୁଚିତ ହେବା ଦ୍ୱାରା ମଣିଷ ଓ ହାତୀଙ୍କ ମଧ୍ୟରେ ମୁକାବିଲା ଅଧିକ ହେଉଛି ଏବଂ ଦୁଃଖଦ ପରିସ୍ଥିତି ସୃଷ୍ଟି ହେଉଛି। ଏଣୁ କରିଡରଗୁଡ଼ିକର ସୁରକ୍ଷା ଏବଂ ପୁନଃଉଦ୍ଧାର, ଡ୍ରୋନ ନିରୀକ୍ଷଣ ଏବଂ ଜପିଏସ୍ ଟ୍ରାକିଂ ଭଳି ଆଧୁନିକ ଉପକରଣ ବ୍ୟବହାର କରି ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ପ୍ରୋତ୍ସାହିତ କରିବା ପାଇଁ ଯୁବପିଢି ଏବଂ ଗୋଷ୍ଠୀକୁ ସାମିଲ କରବି । ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ସ୍ଥାୟୀ ସଂରକ୍ଷଣ ପାଇଁ ପ୍ରଭାବଶାଳୀ ପଦକ୍ଷେପ ଭାବରେ ସଂରକ୍ଷିତ କ୍ଷେତ୍ରଗୁଡ଼ିକର ବିସ୍ତାର, ବନ୍ୟପ୍ରାଣୀ କରିଡ଼ର ସଂରକ୍ଷଣ ଏବଂ ଗୋଷ୍ଠୀଭିତ୍ତିକ ଇକୋ ଟୁରିଜିମକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟସରକାରଙ୍କ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ସମାରୋହରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଂଟିଆ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରିନ୍‌ସିପାଲ ସିସିଏଫ୍ ଆଣ୍ଡ ଏଚ୍ ଓ ଏଫ୍‌ଏଫ୍ ସୁରେଶ ପନ୍ତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରାରମ୍ଭରେ ପିନସିପାଲ ସିସିଏଫ୍‌ଆଣ୍ଡ ସିଡବ୍ଲ୍ୟୁଏଲ୍‌ଡବ୍ଲ୍ୟୁ ପ୍ରେମ କୁମାର ଝା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ପଣ୍ଡିତ ଗୋପବନ୍ଧୁ ସମଗ୍ର ଆର୍ଯ୍ୟାବର୍ତ୍ତର ମଣି

ଭୁବନେଶ୍ୱର,୮।୧୦ (ମହାଭାରତ): ଓଡ଼ିଶା ମାଟି ଏପରି କିଛି ମଣିଷଙ୍କୁ ଜନ୍ମ ଦେଇଛି ଯେଉଁମାନେ ନିଜ ସ୍ୱାର୍ଥକୁ ଭୁଲି ଜନସେବାକୁ ନିଜ ଧର୍ମ ଭାବେ ଗ୍ରହଣ କରିଥିଲେ । ସେହିପରି ଜଣେ ବିରଳ ବ୍ୟକ୍ତିତ୍ୱ ହେଉଛନ୍ତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ଏକାଧାରରେ ସେ ଥିଲେ ମହାନ୍ ଦେଶଭକ୍ତ, ମାନବବାଦୀ କବି, ଆର୍ତ୍ତଜନତାର ବନ୍ଧୁ ଓ ସର୍ବୋପରି ନୀତିନିଷ୍ଠ ଜନନାୟକ । ଯଥାର୍ଥରେ ସେ ଥିଲେ ସେବା ଓ ତ୍ୟାଗର ଦୀପ୍ତିମନ୍ତ ପୁରୁଷ । ତାଙ୍କର ମହତ ଚିନ୍ତାଧାରା ଓ ଜୀବନ ଦର୍ଶନ ଆଜି ବି ସମଗ୍ର ବିଶ୍ୱକୁ ଦିଗଦର୍ଶନ ପ୍ରଦାନ କରୁଛି । ଦୀନ, ଦୁଃଖୀ ଓ ବନ୍ୟା ମରୁଡିଗ୍ରସ୍ତ ଲୋକଙ୍କ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ସେହି ମହାନ ଆତ୍ମାଙ୍କୁ ଆଜି ବି ସମଗ୍ର ଦେଶ ମନେ ରଖିଛି । ଉତ୍କଳବାସୀଙ୍କ ହୃଦୟରେ ଉତ୍କଳର ମଣି ହୋଇ ସେ ରହିଛନ୍ତି । ତାଙ୍କର ଜୀବନ ଓ ଆଦର୍ଶ ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ସ୍ରୋତ ବୋଲି ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ଆଜି ସୂଚନା ଓ ଲୋକସଂପର୍କ



ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଏମ.ଏସ.ଏମ.ଇ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଲେ ଯେ ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କୁ ଆମେ ଉତ୍କଳମଣି ବୋଲି କହୁଛେ, ମାତ୍ର ମୋ ମତ ମତରେ ସେ ସମଗ୍ର ଆର୍ଯ୍ୟାବର୍ତ୍ତର ମଣି । ଗୋପବନ୍ଧୁଙ୍କ ଜୀବନୀ ଆମ ଜାତିର ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ । ଆମ ଇତିହାସର ଏକ ଗରିମାମୟ ଅଂଶ । କାହିଁକି ନା କ୍ଲେଶରେ, ଦୁଃଖରେ, ଶୋକରେ, ଅସହାୟ-ପୀଡ଼ିତ-ନିରନ୍ନ-କରୁଣ ସ୍ଥିତିରେ ଗୋଟିଏ ନାଁ ବାରମ୍ବାର ମନେ ପଡିଥାଏ । ବିପଦ ପାରି ହେବା ପାଇଁ ଆଜି ବି ଜନଗଣ ଖୋଜନ୍ତି ଗୋପବନ୍ଧୁଙ୍କୁ । ମାନବ ସେବା ହିଁ ମାଧବ ସେବା ମନ୍ତ୍ରରେ ସେ ଅଭିମନ୍ତ୍ରିତ ହୋଇଥିଲେ । ଜନତା ଜନାର୍ଦ୍ଦନଙ୍କ ସେବା ଥିଲା ତାଙ୍କର ଧର୍ମ । ଏହା ଥିଲା ତାଙ୍କ ପାଇଁ ଦେବ ସେବା । ଗୋପବନ୍ଧୁ ଓ ତାଙ୍କ ତିନି ଜଣ ବନ୍ଧୁ ଭାର୍ଗବୀ ନଦୀକୂଳରେ ବସି ପୂର୍ଣ୍ଣିମା ଆକାଶ ତଳେ ବଜ୍ର ଶପଥ ନେଇଥିଲେ – ଆମେ ପାଠ ପଢି ସରକାରୀ ଚାକିରି କରିବା ନାହିଁ । ଦେଶ ପାଇଁ କିଛି କରିବା । ଯୌବନରେ ଏପରି ଶପଥ ଯେତିକି ବିସ୍ମୟକର, ସେତିକି ମାତ୍ରାରେ ଦୁଃସାହସିକ ଓ ତ୍ୟାଗମୟ । ସତରେ ଗୋପବନ୍ଧୁଙ୍କ ଜୀବନ କାହାଣୀ ଥିଲା ତ୍ୟାଗ ଓ ସମର୍ପଣର ଅମଳିନ ମହାସ୍ରୋତ । ସତ୍ୟବାଦୀ ଯୁଗର ପ୍ରବର୍ତ୍ତକ ପଣ୍ଡିତ ଗୋପବନ୍ଧୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନଠାରୁ ଆରମ୍ଭ କରି ଭାରତର ସ୍ୱାଧୀନତା ସଂଗ୍ରାମ, ସ୍ୱଦେଶୀ ଆନ୍ଦୋଳନ, ଅସ୍ପୃଶ୍ୟତା ନିବାରଣ, ଶିକ୍ଷା, ସଂପାଦନା ଓ ସାହିତ୍ୟ ପ୍ରତିଟି କ୍ଷେତ୍ରରେ ନିଜର ଅଲିଭା ସ୍ମୃତି ଛାଡ଼ି ଯାଇଛନ୍ତି । ଗୋପବନ୍ଧୁଙ୍କ ଜୀବନ କାହାଣୀ ଥିଲା ତ୍ୟାଗର ଅମଳିନ ମହାସ୍ରୋତ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି । ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ କହିଲେ ଯେ ଗୋପବନ୍ଧୁଙ୍କ ଜୀବନୀ ଆମ ଜାତିର ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ, ଇତିହାସର ଅଂଶ । ସେ ଥିଲେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଭଗୀରଥ । ସତ୍ୟବାଦୀର ବନବିଦ୍ୟାଳୟରେ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ସେ ଯେଉଁ ସଂସ୍କାର ଆଣିଥିଲେ ତାହାର ପ୍ରାସଙ୍ଗିକତା ଆଜି ମଧ୍ୟ ଅନୁଭୂତ ହୁଏ । ଓଡ଼ିଆ ସାହିତ୍ୟକୁ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ । ତାଙ୍କର ସେବା ଓ ତ୍ୟାଗ ପାଇଁ ସେ ଆମ ଗହଣରେ ଚିରଦିନ ପାଇଁ ଆମର ହୋଇ ରହିବେ ।

# ଗୋପବନ୍ଧୁଙ୍କ ଦାନ ଅତୁଳନୀୟ

ଭୁବନେଶ୍ୱର,୮।୧୦ (ମହାଭାରତ): ମହାପୁରୁଷଙ୍କ ଜୟନ୍ତୀ କେବଳ ଜୟନ୍ତୀ ପାଳନରେ ସୀମିତ ନ ରହି ସେମାନଙ୍କର କୃତୀକୁ ଅନୁସରଣ ଓ ତାହାର ସଫଳ ରୂପାୟନ ନିମନ୍ତେ କାର୍ଯ୍ୟ କଲେ ଏହା ମହାପୁରୁଷଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଳି ହେବ ବୋଲି ବିଶିଷ୍ଟ ଶିକ୍ଷାବିତ୍ ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ କହିଛନ୍ତି । ଆଜି ଭୁବନେଶ୍ୱରଠାରେ ବିଶ୍ୱ ଓଡ଼ିଆ ପରିବାରର କାର୍ଯ୍ୟାଳୟରେ ଅନୁଷ୍ଠିତ ଉତ୍କଳ ମଣି ଗୋପବନ୍ଧୁଙ୍କ ଜୟନ୍ତୀ ଅବସରରେ ପ୍ରଫେସର ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଛନ୍ତି ଯେ, ଗୋପବନ୍ଧୁଙ୍କ ଦାନ କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶ ପାଇଁ ଅତୁଳନୀୟ । ସେ ପୁଣି କହିଛନ୍ତି ଯେ, ଦେଶରେ ସ୍ୱାଧୀନତା ଆନେ୍ଦାଳନ ଚାଲୁଥିବା ବେଳେ ଉତ୍କଳର ଅସ୍ମିତା ଓ ଜାତୀୟତା ପ୍ରତି ଭୟଙ୍କର ବିପଦ ସୃଷ୍ଟି ହୋଇଥିଲା । ସେଥିପାଇଁ ସେ ଓଡ଼ିଶାର ସେବାରେ ନିଜକୁ ସମ୍ପୂର୍ଣ୍ଣ ଭାବେ ନିୟୋଜିତ କରି ଯେଉଁ ନଜୀର ସୃଷ୍ଟି କରିଛନ୍ତି ତାହା ବର୍ଣ୍ଣନାତୀତ । ଅତଏବ୍ ଗୋପବନ୍ଧୁ ଏବେବି ପ୍ରତ୍ୟେକ ଓଡ଼ିଆର ପ୍ରାଣରେ, ହୃଦୟରେ ରହିଛନ୍ତି । ଏହିଭଳି ମହାପୁରୁଷ ସମଗ୍ର ଦେଶରେ ବିରଳ ।

କାର୍ଯ୍ୟକ୍ରମରେ 'ବିଶ୍ୱ ଓଡ଼ିଆ ପରିବାର'ର ଅଧ୍ୟକ୍ଷ ଶ୍ରୀ ସଜ୍ଜନ ଶର୍ମା ସଭାପତିତ୍ୱ କରି କହିଲେ ଯେ, ଏହି ଅନୁଷ୍ଠାନ ଓଡ଼ିଆମାନଙ୍କ ପାଇଁ ସମର୍ପିତ । ସେଥିପାଇଁ ଗତ ଛଅ ମାସ ମଧ୍ୟରେ ଅନୁଷ୍ଠାନ ଅନେକ ଗଠନମୂଳକ କାର୍ଯ୍ୟ ବିଶେଷ କରି ସାଂସ୍କୃତିକ କାର୍ଯ୍ୟକ୍ରମମାନ କରିଆସୁଅଛି । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ । ଶ୍ରୀ ଭବାନୀ ପ୍ରସାଦ ମିଶ୍ର ଆଲୋଚନାରେ ଗୋପବନ୍ଧୁଙ୍କର ବିଭିନ୍ନ ସେବାମୂଳକ କାର୍ଯ୍ୟ ସମ୍ବନ୍ଧରେ ସୂଚନା ଦେବା ସହ ସେ ନିଜ ସଂଶ୍ଳିଷ୍ଟ ବୋଲି କହିଥିଲେ । ଏହି ଆଲୋଚନା ଚକ୍ରରେ ଉତ୍କଳ ସମ୍ମିଳନୀରେ ସମ୍ପାଦକ ସର୍ବଶ୍ରୀ ହରିହର ମିଶ୍ର, ବିଶିଷ୍ଟ ଶ୍ରମିକ ନେତା ଶ୍ରୀ କୃଷ୍ଣଚନ୍ଦ୍ର ଲେଙ୍କା, ଶ୍ରୀ କୁଳମଣି ରାଉତ, ପରିବେଶ୍ୱିତ୍ ଡ଼.ହାଡିବନ୍ଧୁ ପାଣିଗ୍ରାହୀ, ଡ଼.ପ୍ରତାପ ପାଣି, ପୂର୍ବତନ ଶିକ୍ଷା ବିଭାଗର ସହନିର୍ଦ୍ଦେଶିକା ଡ଼.ପ୍ରୀତିପ୍ରତିଭା ଭୋଳ, ଶ୍ରୀଧର ଦାଶ, ସାଧୁଚରଣ ବେହେରା, ପୂର୍ବତନ ବୟନ ଶିଳ୍ପ ନିର୍ଦ୍ଦେଶକ ରାଜା ପରିଜା, ବିଶିଷ୍ଟ ଫେସନ୍ ଡିଜାଇନର୍ ଶ୍ରୀମତୀ ସୌଜନ୍ୟା ପାଣି, ଭବାନୀ ଶଂକର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ଭୁବନେଶ୍ୱର,୮।୧୦ (ମହାଭାରତ): ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ, ତାଙ୍କର ଜନ୍ମମାଟି ସୁଆଣ୍ଡୋ ଗ୍ରାମରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ବିଜୁ ଜନତା ଦଳ ତାର ପଦଯାତ୍ରା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଗାନ୍ଧୀ ଜୟନ୍ତୀରେ ଅର୍ଥାତ ଅକ୍ଟୋବର ୨ ତାରିଖରେ, ଏହି ପଦଯାତ୍ରା କାର୍ଯ୍ୟକ୍ରମ ପାଇଁ ଦଳ ତରଫରୁ ସଙ୍କଳ୍ପ ନିଆଯାଇଥିଲା । ଏହି ପଦଯାତ୍ରା କାର୍ଯ୍ୟକ୍ରମ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜାଗାରେ ଅନୁଷ୍ଠିତ ହୋଇଥିଲା । ଏହି ପଦଯାତ୍ରା କାର୍ଯ୍ୟକ୍ରମ ଗୋଟିଏ ମାସ ପାଇଁ ଅର୍ଥାତ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି । ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର, ଶ୍ରୀ ସଞ୍ଜୟ ଦାସବର୍ମା, ଡ. ଅରୁଣ କୁମାର ସାହୁ, ଡ. ଅମର ପଟ୍ଟନାୟକ, ଶ୍ରୀ ଉମାକାନ୍ତ ସାମନ୍ତରାୟ, ଶ୍ରୀ ସୁନିଲ ମହାନ୍ତି, ଶ୍ରୀ ଅମରେଶ ପତ୍ରୀ, ଶ୍ରୀ ସଂଜିତ ମହାନ୍ତି, ଶ୍ରୀ ସୁବ୍ରତ ଛାଟୋଇ, ଶ୍ରୀ ସୁନିଲ ପଣ୍ଡା ଇତ୍ୟାଦି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମମାଟି ସୁଆଣ୍ଡୋରେ ଉପସ୍ଥିତ ହୋଇ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ, ପଞ୍ଚଶଖାଙ୍କ ପ୍ରତିମୂର୍ତ୍ତିରେ ମଧ ମାଲ୍ୟାର୍ପଣ କରାଯାଇଥିଲା । ସାକ୍ଷୀଗୋପାଳ ମନ୍ଦିର ନିକଟରୁ ସୁଆଣ୍ଡୋ ଗ୍ରାମ ପର୍ଯ୍ୟନ୍ତ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ହଜାର ହଜାର କର୍ମୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ, ରାଜ୍ୟବାସୀଙ୍କୁ ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଥିବା ବେଳେ ଗତ ୧୫ ମାସର ବିଜେପି ଶାସନରେ ଯେଉଁଭଳି ଭାବେ ସୁଶାସନ ପ୍ରଦାନ କରିବାରେ ଓ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି, ସେଥିରୁ ରାଜ୍ୟବାସୀ ଅତିଷ୍ଠ ହେଲେଣି । ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହିତ ମହିଳାମାନେ ଅସୁରକ୍ଷିତ ହୋଇ ପଡିଛନ୍ତି । ମଦ ମୁକ୍ତ ଓଡିଶା ଗଠନ ନାରା ଦେଇଥିବା ବେଳେ ସରକାର ରାଜ୍ୟରେ ନୂଆ ମଦ ଦୋକାନ ଓ ମଦ କାରଖାନା ଖୋଲୁଛନ୍ତି । ଆଜି ସାର ମୁଠେ ପାଇବା ପାଇଁ ରାଜ୍ୟର କୃଷକ ମାନେ ରାଜରାସ୍ତାରେ । ମିଶନ ଶକ୍ତିକୁ ବନ୍ଦ କରିବା ପାଇଁ ସରକାର ଚକ୍ରାନ୍ତ କରୁଛନ୍ତି । ରାଜ୍ୟରେ ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହେଉଛି । ବିଏସକେୱାଇ ବଦଳରେ ଆୟୁଷ୍ମାନ ଆଣିଲେ, କିନ୍ତୁ ବିଏସକେୱାଇରେ ମିଳୁଥିବା ସୁବିଧା ଆୟୁଷ୍ମାନରେ ମିଳିପାରୁନାହିଁ।

# ଯୁବ କଂଗ୍ରେସର ପ୍ରତାରଣା ପ୍ରତିବାଦ ସମାବେଶ

ଭୁବନେଶ୍ୱର,୮।୧୦ (ମହାଭାରତ): ଭୋଟ ଚୋରି ଓ ଚାକିରି ବିକ୍ରୀ ବିରୁଦ୍ଧରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ଠାରେ ପ୍ରତାରଣା ପ୍ରତିବାଦ ସମାବେଶ କରାଯାଇଛି । ବିକ୍ଷୋଭ ପରେ ଯୁବ କଂଗ୍ରେସର କର୍ମୀ ଓ କର୍ମକର୍ତାମାନେ ମୁଖ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଯାଉଥିବା ବେଳେ ଲୋୟର ପିଏମଜି ଠାରେ ପୋଲିସ ପଥ ଅବରୋଧ କରିଥିଲା। ଯୁବ କଂଗ୍ରେସ ପକ୍ଷରୁ ୨ଟା ବାରିକେଡ ଭଙ୍ଗା ଯାଇଥିଲା। ପୋଲିସ ସହିତ ସେଠାରେ ବହୁ ସମୟ ଧରି ଧସ୍ତାଧସ୍ତି ହେବାପରେ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଓ ଅନ୍ୟମାନଙ୍କୁ ପୋଲିସ ଘଟଣାସ୍ଥଳରୁ ଗିରଫ କରିଥିଲା। ଅଖିଳ ଭାରତ ଯୁବ କଂଗ୍ରେସର ସଭାପତି ଉଦୟ ଭାନୁ ଚିବ୍ ସତ୍ୟନଗର ଠାରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ମାଷ୍ଟରକ୍ୟାଂଟିନ ଛକରେ ଆୟୋଜିତ ପହଂଚିବା ପରେ ବିକ୍ଷୋଭ ସମାବେଶରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ମୋଦି ସରକାର ଓ ମୋହନ ସରକାର ନିର୍ବାଚିତ ସରକାର ନୁହଁନ୍ତି। ସାଧାରଣ ଲୋକଙ୍କ ଭୋଟକୁ ଚୋରି କରାଯାଇ ଏହି ସରକାର ଗଠନ କରାଯାଇଛି। ଆଜିର "ପ୍ରତାରଣା ପ୍ରତିବାଦ ସମାବେଶ" ମାଧ୍ୟମରେ ଓଡ଼ିଶାର ଯୁବ ସମାଜ କେବଳ ଭୋଟଚୋରି ଓ ଚାକିରି ବିକ୍ରୀ ନୁହେଁ ଓଡ଼ିଶାରେ ଉତ୍କଟ ବେକାରୀ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ମହିଳା ନିର୍ଯାତନା ବୃଦ୍ଧି ଓ ଦରଦାମ ବୃଦ୍ଧି ପ୍ରତିବାଦରେ ସେମାନଙ୍କର ଅସନ୍ତୋଷକୁ ବ୍ୟକ୍ତ



କରିଛନ୍ତି। ଏ ଦେଶର ଭୋଟର ମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ନିର୍ବାଚନ କମିଶନର ଅପହରଣ କରିନେଇଛନ୍ତି।ବିଜେପି ଓ ମୋଦିଙ୍କ ହାତରେ ନିର୍ବାଚନ କମିଶନର ଜଣେ କାଠ କଣ୍ଢେଇ ଭଳି କାମ କରିଛନ୍ତି। ଶ୍ରୀ ଚିବ୍ କହିଲେ ଯେ ବିଜେପି ଏବଂ ଏହାର ଛାମୁଆ ସଂଗଠନ ଦେଶରେ ଓ ଓଡ଼ିଶାରେ ବିଷମଞ୍ଜି ବୁଣିବାପାଇଁ ଲଗାତାର ହୀନ ଚକ୍ରାନ୍ତ କରୁଛନ୍ତି। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ଉପରକୁ ଯୋତା ଫୋପାଡ଼ିବା ଅର୍ଥ ଗଣତନ୍ତ୍ର, ସମ୍ବିଧାନ ଏବଂ ଏ ଦେଶରେ ସାଧାରଣ ଜନତାଙ୍କ ଉପରକୁ ଯୋତା ଫୋପାଡ଼ିବା ସହ ସମାନ। ଓଡ଼ିଶାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ଶ୍ରୀ ଚିବ୍ ଉଦବେଗ ପ୍ରକାଶ କରିଥିଲେ। ମୋଦି ସରକାର ଓ ମୋହନ ସରକାରରେ ସରକାରୀ ଚାକିରି ସବୁ ପରୀକ୍ଷା ପୂର୍ବରୁ ନିଲାମ ହୋଇଯାଉଛି। ଦୁଇ ସରକାର ବିଭିନ୍ନ ସରକାରୀ ପଦବୀର ବଜାର ଦର ନିରୂପଣ କରୁଛନ୍ତି। ଓଡ଼ିଶାରେ ପୋଲିସ ଏସଆଇ ପଦବୀକୁ ୨୫ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିବାର ଲୋକଲୋଚନକୁ ଆସିଛି। ପୋଲିସ ଏସଆଇ ପଦବୀ ବିକ୍ରୀ ପାଇଁ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କୁ ଯୋଗାଯୋଗ ହୋଇଥିବାର ଅଭିଯୋଗ ହୋଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ ଯୋଗଦେଇ ଭୋଟ ଚୋରି ଓ ଚାକିରି ବିକ୍ରୀ ବିରୋଧରେ ନିର୍ବାଚନ କମିଶନର ଓ ମୋହନ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରଞ୍ଜିତ ପାତ୍ର କହିଥିଲେ ଯେ ଓଡ଼ିଶାର ଯୁବକ ଯୁବତୀମାନଙ୍କର ଅଧିକାର ପାଇଁ ଯୁବ କଂଗ୍ରେସ ଲଢ଼େଇ ଜାରି ରଖିବ।

## ଆରମ୍ଭ ହେଲା ଏଚ୍‌ଆଣ୍ଡଏମ୍‌ର ସୌନ୍ଦର୍ଯ୍ୟ ଅବଧାରଣା

ଭୁବନେଶ୍ୱର,୮।୧୦ (ମହାଭାରତ): ଏଚ୍‌ଆଣ୍ଡଏମ୍ କନସେପ୍ଟ ଭାରତରେ ପ୍ରଥମ ଥର ପାଇଁ ଏଚ୍‌ଆଣ୍ଡଏମ୍ ବିୟୁଟି କନସେପ୍ଟ ଆରମ୍ଭ କରିବା ପାଇଁ ଗର୍ବର ସହିତ ଘୋଷଣା କରିଛି । ଏହା ଫ୍ୟାଶନ ଏବଂ ଘରୋଇ ଅବଧାରଣା ବାହାରେ ସୌନ୍ଦର୍ଯ୍ୟ ମାଧ୍ୟମରେ ଆତ୍ମ ଅଭିବ୍ୟକ୍ତିକୁ ସଶକ୍ତ କରିବା ପାଇଁ ଏହାର ବ୍ରହ୍ମାଣ୍ଡକୁ ବିସ୍ତାର କରିବ । ଡେବ୍ୟୁ ଏକ କ୍ୟୁରେଟେଡ୍ ବିୟୁଟି ଲାଇନ୍-ଅପ୍ ଉପସ୍ଥାପନ କରେ ଯାହା ଟ୍ରେଣ୍ଡ-ପରିଚାଳିତ, ଅନ୍ତର୍ଭୁକ୍ତ ଏବଂ ଉପଲବ୍ଧ ଅଟେ । ଭୁବନେଶ୍ୱରର ଏସବିଏସପିଏଲ, ସହିଦ ନଗରରେ ଏହି ସଂଗ୍ରହ ଉପଲବ୍ଧ ହେବ । ଏହି ସଂଗ୍ରହ ମେକଅପ୍, ଏଚ୍‌ଆଣ୍ଡଏମ୍ ଉପକରଣରେ ୨୦୦ ରୁ ଅଧିକ ଉତ୍ପାଦ ପ୍ରଦାନ କରେ । ଏଚ୍‌ଆଣ୍ଡଏମ୍ ବିୟୁଟି କନସେପ୍ଟ ୨ ଅକ୍ଟୋବର ୨୦୨୫ ରୁ ଭାରତର ସମସ୍ତ ଏଚ୍‌ଆଣ୍ଡଏମ୍ ଷ୍ଟୋର୍ ଏବଂ ଏଚ୍‌ଏମ୍‌ଡଟ୍‌କମ୍‌ରେ ଅନଲାଇନରେ ଉପଲବ୍ଧ ହେବ । "ପ୍ରଥମ ଥର ପାଇଁ ଭାରତରେ ଏଚ୍‌ଆଣ୍ଡଏମ୍‌ର ବିୟୁଟି କନସେପ୍ଟ ଆଣି ଆମେ ଆନନ୍ଦିତ । ଏହି ଶୁଭାରମ୍ଭ ଆମ ଯାତ୍ରାରେ ଏକ ପ୍ରକୃତ ମାଇଲଖୁଂଟ, ଯାହାକୁ ଆମେ ଏଚ୍‌ଆଣ୍ଡଏମ୍ ଇଣ୍ଡିଆର ୧୦ ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ଏହାକୁ ଆହୁରି ସ୍ୱତନ୍ତ୍ର କରାଯାଇଛି । ଏହା ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟକୁ ଅଧିକ ସୁଗମ କରିବା ଏବଂ ସାରା ଦେଶରେ ଅଧିକ ଫ୍ୟାଶନ୍ ଆଶାୟୀଙ୍କ ନିକଟରେ ପହଂଚିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ" ବୋଲି ଏଚ୍‌ଆଣ୍ଡଏମ୍ ଇଣ୍ଡିଆର ନିର୍ଦ୍ଦେଶକ ହେଲେନା କୁଇଲେନଷ୍ଟିଏର୍ନା କହିଛନ୍ତି ।

# ବିଜେପି କାର୍ଯ୍ୟାଳୟରେ ଜନଜାତି ସଙ୍କୁଳ ବିକାଶ କର୍ମଶାଳା

ଭୁବନେଶ୍ୱର,୮।୧୦ (ମହାଭାରତ): ଦେଶ ସ୍ୱାଧୀନତା ପରେ ଜନଜାତି ସମାଜର ଉନ୍ନତି ପାଇଁ କୌଣସି କାର୍ଯ୍ୟ କରାଯାଇନଥିଲା । ନରେନ୍ଦ୍ର ମୋଦୀ ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ଏ ବିଷୟରେ ଗହନ ଚିନ୍ତା କରି ୫ ବର୍ଷ ପୂର୍ବେ ଜନଜାତି ସଙ୍କୁଳ ବିକାଶ ପରିଯୋଜନା ଆରମ୍ଭ କରିଥିଲେ । ଜନଜାତି ସମାଜର ସାମଗ୍ରିକ ଓ ସନ୍ତୁଳିତ ବିକାଶ ସମେତ ଯେପରି ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ନ ଯିବେ ତାହା ହେଉଛି ଏହି ଯୋଜନାର ମୂଳ ଉଦ୍ଦେଶ୍ୟ । ଏନେଇ ରାଜ୍ୟ କାର୍ଯ୍ୟାଳୟରେ ଦିନିକିଆ ଜନଜାତି ସଙ୍କୁଳ ବିକାଶ ପରିଯୋଜନା କର୍ମଶାଳା ଆୟୋଜନ କରାଯାଇଛି ବୋଲି ସାଂସଦ ଶ୍ରୀ ଅନନ୍ତ ନାୟକ ସୁଚନା ଦେଇଛନ୍ତି। କର୍ମଶାଳା ସଂପର୍କରେ ସୁଚନା ଦେଇ ଶ୍ରୀ ନାୟକ କହିଛନ୍ତି ଯେ, ଏହି ଯୋଜନାରେ ଜନଜାତି ସମାଜ ଯେପରି ନିଜ ଅଂଚଳରେ କାମ ପାଇପାରିବେ, ସେମାନେ ସ୍ୱଇଚ୍ଛାରେ ନିଜ ଅଂଚଳର ବିକାଶରେ ଭାଗିଦାରୀ ହୋଇପାରିବେ, ସେନେଇ ବିଜେପି ସରକାର ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଏହି ଯୋଜନାରେ କେବଳ ସରକାରଙ୍କ ଉପରେ ନିର୍ଭର ନ କରି ଭାରତର ଜଣେ ନାଗରିକ ହିସାବରେ ପ୍ରଶାସନ, ଜନପ୍ରିତିନିଧି, ସ୍ୱେଚ୍ଛାସେବୀ ସଂଗଠନକୁ ସାଙ୍ଗରେ ନେଇ ଜନଜାତିର ବିକାଶ କରିବା ପାଇଁ ସାମୂହିକ ଭାବେ ପ୍ରୟାସ କରାଯିବ । ଏନେଇ ଆଦିବାସୀବହୁଳ ଗାଁକୁ ଚୟନ କରାଯାଇ ତାର ମୁଖ୍ୟ ସମସ୍ୟାର ସମାଧାନ କରି ଉକ୍ତ ଅଂଚଳର ବିକାଶ କରାଯିବ । ପୂର୍ବ ସରକାର ଭଳି ସେମାନଙ୍କ ଉପରେ ଯୋଜନା ଥୋପା ନ ଯାଇ ଆଦିବାସୀମାନଙ୍କ ଇଚ୍ଛା ଅନୁସାରେ ଉକ୍ତ ଅଂଚଳର କିପରି ବିକାଶ କାର୍ଯ୍ୟ କରାଯିବ ସେନେଇ କର୍ମଶାଳାରେ ବିଚାରବିମର୍ଶ କରାଯାଇଥିଲା । ସ୍ୱେଚ୍ଛାସେବୀ ସଂଗଠନ ତଥା ବ୍ୟକ୍ତିଗତ ଭାବେ ପ୍ରଶାସନ ସହ ମିଶି ଏନେଇ ମିଳିତ ପ୍ରୟାସ କରାଯିବ । ଜନଜାତି ସାଂସଦ, ବିଧାୟକମାନେ ନିଜ ନିଜ ନିର୍ବାଚନମଣ୍ଡଳୀର ୨୦ ରୁ ୨୫ ଗ୍ରାମକୁ ପୌଷ୍ୟ ଭାବେ ଗ୍ରହଣ କରି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ବିକଶିତ ଭାରତର ଯେଉଁ ସ୍ୱପ୍ନ ଦେଖିଛନ୍ତି, ଏହା ଦ୍ୱାରା ଜନଜାତି ସମ୍ପ୍ରଦାୟର ସାମଗ୍ରିକ ଓ ସନ୍ତୁଳିତ ବିକାଶ ସମ୍ଭବ ହୋଇପାରିବ ବୋଲି ସାଂସଦ ଶ୍ରୀ ନାୟକ କହିଛନ୍ତି ।

ଏହି କର୍ମଶାଳା ପୂର୍ବରୁ ଭଗବାନ ବିର୍ସା ମୁଣ୍ଡା ଏବଂ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖଙ୍କ ସମେତ ଅନେକ ବିଧାୟକ ଓ ଦଳୀୟ ନେତୃବୃନ୍ଦ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହା ପରେ ଜନଜାତି ସଂଙ୍କୁଳ ବିକାଶ ପରିଯୋଜନା ଆଧାରିତ ପ୍ରଦର୍ଶନୀକୁ ଉଦଘାଟନ ହୋଇଥିଲା ।

ଏଥିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଷ୍ଟ୍ରୀୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ବି. ଏଲ୍ ସନ୍ତୋଷ, ରାଷ୍ଟ୍ରୀୟ ସଂଗଠକ ଭି. ସତୀଶ, ବିଜେପି ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ସମୀର ଓରାମ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହପ୍ରଭାରୀ ଲତା ଉଷେଣ୍ଡି, 'ଯୋଜକ' ଅଧ୍ୟକ୍ଷ ଶ୍ରୀ ଗଜାନନ୍ ଡାଙ୍ଗେ ଓ ଉପାଧ୍ୟକ୍ଷ ଶ୍ରୀ କପିଳ ସହସ୍ରବୁଦ୍ଧେ, ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶ୍ରୀ ରବି ନାରାୟଣ ନାୟକ ପ୍ରମୁଖ ଯୋଗ ଦେଇ ପରିଯୋଜନାର ପରିକଳ୍ପନା, ପ୍ରସ୍ତୁତି, ଅନୁଭବ, ଜନଜାତି ବିକାଶ ପାଇଁ ମୋଦି ସରକାରର ସଂକଳ୍ପ, ବିକାଶ ପଥରେ ଭାରତୀୟ ସଂକଳ୍ପନା ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି କର୍ମଶାଳାରେ ସାଂସଦ, ବିଧାୟକ, ପଦାଧିକାରୀଗଣ ଉପସ୍ଥିତ ଥିଲେ । ସାଂସଦ ଶ୍ରୀ ବଳଭଦ୍ର ମାଝୀ କର୍ମଶାଳାକୁ ସଂଯୋଜନା କରିଥିଲେ ।

# ହମାସର ଆତ୍ମରକ୍ଷା

ଆତ୍ମରକ୍ଷା ନିମନ୍ତେ ହମାସକୁ ଏହା ଶେଷ ସୁଯୋଗ ବୋଲି କୁହାଯାଇପାରେ। ଯଦି ହମାସ ଏହାକୁ ଗ୍ରହଣ ନକରେ ତେବେ ସମ୍ପୂର୍ଣ୍ଣ ନିର୍ମୂଳ ହୋଇଯିବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଏଥିରେ ଚିନ୍ତାର କିଛି କାରଣ ନାହିଁ। ହମାସ ଭଳି ଏକ ଆତଙ୍କୀ ସଙ୍ଗଠନ ଯେତେ ଶୀଘ୍ର ନିର୍ମୂଳ ହେବ ତାହା ମାନବସମାଜ ପାଇଁ ସେତେବେ ମଙ୍ଗଳକରର ହେବ। କିନ୍ତୁ ହମାସ ଯଦି ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରେ ଏବେ ଇସ୍ରାଏଲର ପଣବନ୍ଦୀଙ୍କୁ ମୁକ୍ତ କରେ ତେବେ ଗାଜାର ନିରୀହ ବ୍ୟକ୍ତି, ମହିଳା ଓ ଶିଶୁମାନେ ବଂଚିଯିବେ। ଏବେ ସୁଦ୍ଧା ଇସ୍ରାଏଲ ଆକ୍ରମଣରେ ଗାଜାରେ ୬୭ ହଜାରରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଲେଣି। ହମାସ ବିରୋଧରେ ଇସ୍ରାଏଲର ଯୁଦ୍ଧ ସମଗ୍ର ମଧ୍ୟପ୍ରାଚ୍ୟରେ ଅଶାନ୍ତି ଓ ରକ୍ତପାତର କାରଣ ହୋଇଛି। କେବଳ ହମାସ ନୁହେଁ, ମଧ୍ୟପ୍ରାଚ୍ୟର ଅନେକ ଦେଶ ଏଥିରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ସାମିଲ ହୋଇଛନ୍ତି। ଲେବାନନ, ଇରାନ, ସିରିଆ ଏବଂ ୟେମେନ ଭଳି ଅନେକ ଦେଶ ଯୁଦ୍ଧରେ ସାମିଲ ହୋଇଛନ୍ତି। ତେବେ ଇତିମଧ୍ୟରେ ଇସ୍ରାଏଲ ଗାଜାରେ ଆକ୍ରମଣ ବନ୍ଦ କରିବାକୁ ରାଜି ହୋଇଛି। ଆମେରିକା ଓ ଫ୍ରାନ୍ସ ଏଥିପାଇଁ ଇସ୍ରାଏଲ ଉପରେ ଚାପ ପକାଇଥିଲେ। ଏହା ଫଳରେ ସାରା ବିଶ୍ୱ ଆଶ୍ୱସ୍ତ ହୋଇଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯେପରି ଘନୀଭୂତ ହେଉଥିଲା ତାହା ସମଗ୍ର ବିଶ୍ୱପ୍ରତି ବିପଦ ସୃଷ୍ଟି କରିଥିଲା। ଏହାର କୁପରିଣାମ ସାରା ବିଶ୍ୱକୁ ଭୋଗିବାକୁ ପଡୁଥିଲା। ମଧ୍ୟପ୍ରାଚ୍ୟ ହେଉଛି ଏକ ତୈଳସମୃଦ୍ଧ ଅଞ୍ଚଳ। ଯୁଦ୍ଧ ଲାଗିବା ପରେ ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ପାଇଥିଲା। ଏବେ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇଯିବ ବୋଲି ଆଶା। ମଧ୍ୟପ୍ରାଚ୍ୟ ଯଦିଓ ଦୀର୍ଘ ବର୍ଷ ହେବ ଏକ ଉତ୍ତେଜନାପ୍ରବଣ ଅଞ୍ଚଳ ଭାବେ ବିବେଚିତ ହୋଇଆସୁଛି, କିନ୍ତୁ ୨୦୨୨ ଫେବୃଆରୀରେ ପରିସ୍ଥିତି ବିସ୍ଫୋରକ ରୂପ ନେଇଥିଲା। ହମାସ ଆତଙ୍କବାଦୀମାନେ ଆକସ୍ମିକ ଭାବେ ଇସ୍ରାଏଲ ସୀମାରେ ଅନୁପ୍ରବେଶ କରି ନିରୀହ ଲୋକଙ୍କୁ ଅମାନବୀୟ ଭାବେ ହତ୍ୟା କରିବା ସହିତ ଅନେକଙ୍କୁ ଅପହରଣ କରି ମୁଣ୍ଡଜାମିନ ରଖିଥିଲେ। ହମାସର ଏଭଳି ବର୍ବରତା ବିରୋଧରେ ଇସ୍ରାଏଲ ଯୁଦ୍ଧ ଘୋଷଣା କରିଥିଲା। ହମାସ ନିୟନ୍ତ୍ରଣାର ଥିବା ଗାଜା ଷ୍ଟ୍ରିପ ଉପରେ ଆକିବୁଜା ବୋମାମାଡ଼ ସହ ଇସ୍ରାଏଲ ସେନା ସେଠାରେ ଆତଙ୍କବାଦୀଙ୍କୁ ଖୋଜି ଖୋଜି ହତ୍ୟା କରିଥିଲା। ତଥପି ହମାସ ପଣବନ୍ଦୀଙ୍କୁ ଛାଡ଼ିନଥିଲା। ଅନେକ ପଣବନ୍ଦୀ ହତ୍ୟାର ଶିକାର ହୋଇଥିଲେ। ହମାସ ସମର୍ଥନରେ ଇରାନ ସହିତ ସିରିୟା, ୟେମେନ ଓ ଲେବାନନ ବାହାରିଥିଲେ। ହମାସର ବର୍ବରତା ସେମାନଙ୍କୁ ଦେଖାଯାଇନଥିଲା। ହାଉଦି, ହେଜବୁଲ୍ଲା ଇତ୍ୟାଦି ଆତଙ୍କୀ ସଙ୍ଗଠନ ଇସ୍ରାଏଲ ବିରୋଧରେ ଏକ ହୋଇଥିଲେ। ଗାଜା ଉପରେ ଇସ୍ରାଏଲ ଆକ୍ରମଣକୁ ଇତିମଧ୍ୟରେ ଅଢେଇ ବର୍ଷରୁ ଅଧିକ ସମୟ ବିତିଗଲାଣି। ସମ୍ପୂର୍ଣ୍ଣ ଗାଜା ଷ୍ଟ୍ରିପ ଏକପ୍ରକାର ଧ୍ୱଂସସ୍ତୁପରେ ପରିଣତ ହୋଇଛି। ହମାସର ମୁଖ୍ୟ ସିନଓ୍ୱାରି ସମେତ ଅନେକ ଟପ ନେତା ନିହତ ହୋଇଛନ୍ତି। ତେଣୁ ହମାସ ଏବେ ଆତ୍ମରକ୍ଷା ନିମନ୍ତେ ଶାନ୍ତି ପ୍ରତିଷ୍ଠା କଥା କହୁଛି। ଏହାକୁ ସଇତାନର ବେଦପାଠ ବୋଲି କୁହାଯାଇପାରେ। ସେହିପରି ହେଜବୁଲ୍ଲା ବିରୋଧରେ ଇସ୍ରାଏଲର ସାମରିକ ଅଭିଯାନ ଯୋଗୁ ଲେବାନନର ଅନେକ ନିରୀହ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ହେଜବୁଲ୍ଲାର ଟପ କମାଣ୍ଡରଙ୍କ ସମେତ ଅନ୍ୟ ବହୁ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଇସ୍ରାଏଲ ହେଜବୁଲ୍ଲାର ମେରୁଦଣ୍ଡ ଭାଙ୍ଗି ଦେଇଛି। ତେଣୁ ଏବେ ବାଧ୍ୟବାଧକତାରେ ପଡ଼ି ହେଜବୁଲ୍ଲା ଶାନ୍ତି କଥା କହୁଛି। ଯାହା ବି ହେଉ ଯୁଦ୍ଧ ବନ୍ଦ ହେବା ଉଚିତ। ନିରୀହ, ସାଧାରଣ ବ୍ୟକ୍ତିଙ୍କ ଧନଜୀବନ ସୁରକ୍ଷିର ରହୁ। କିନ୍ତୁ ହମାସ-ହେଜବୁଲ୍ଲା ଏବଂ ହାଉଦି ଭଳି ଆତଙ୍କୀ ସଙ୍ଗଠନ ସମଗ୍ର ମାନବ ସମାଜ ପାଇଁ ବିପଦ।

# ସ୍ୱାଧିନତା ସଂଗ୍ରାମର ପିତାମହ

॥ ଅକ୍ଷୟ କୁମାର ରାଉତ ॥

"
;୧୮୯୧ ରେ 'ଆର୍ମସ୍ ଆକ୍ଟ' ଉପରେ ପ୍ରସ୍ତାବ ରଖି ଯେଉଁ ଭାଷଣ ଦେଲେ ତାହା ତାଙ୍କୁ ସର୍ବ ଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା । ୧୮୯୪ ରେ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ଫେଲୋମନୋନୀତ ହେଲେ । ତା ପରବର୍ଷ ପୁନା ନଗରପାଳିକାର ପରିଷଦ ପଦପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ । ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେଲେ ।ରଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଆକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ତିଳକ।

ଇଂରେଜ ଶାସନର ରଥଚକ ତଳେ ଭାରତୀୟ ଅର୍ଥନୀତି, ରାଜନୀତି ଓ ସାଂସ୍କୃତିକ ଜୀବନ ଦୟନୀୟ ଅବସ୍ଥାରେ ଥିଲାବେଳେ, କାଳଜୟୀ,ଯଶସ୍ୱୀ, ପ୍ରଜ୍ଞା ପୁରୁଷ ,ନିର୍ଭିକ ସାମ୍ବାଦିକ,ପ୍ରବୀଣ ରାଜନୀତିଜ୍ଞ,ସତ୍ୟନିଷ୍ଠ ଦେଶ ପ୍ରେମୀ ,ପରମ ପୂଜ୍ୟ,ଦୀନ ଦୁର୍ବଳର ବନ୍ଧୁ ଭାରତୀୟ ସଂସ୍କୃତିର ପୂରୋଧା ଓ ସ୍ୱାଧୀନତାର ପଥ ପ୍ରଦର୍ଶକ କେଶବ(ବାଲ୍)ଗଙ୍ଗାଧର ତିଳକ ପୂଣ୍ୟାତ୍ମା ଗଙ୍ଗାଧର ତିଳକ (ପନ୍ଥ) ଓ ପାର୍ବତୀ ବାଇ ଙ୍କ କୋଳ ମଣ୍ଡନ କରି ୧୮୫୬ ମସିହା ଜୁଲାଇ ୨୩ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସହରରେ ଚିତପାବନ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପ୍ରଥମେ କେଶବ ନାମ ଥିଲା । ପରେ ବାଲ୍ ଡାକ ନାମରେ ତିଳକ ପରିଚିତ ହେଲେ । ପିତାମହ ରାମଚନ୍ଦ୍ର ଙ୍କ ଠାରୁ ବାଲ୍ ଗଙ୍ଗାଧର୧୮୫୭ ର ମହାନ୍ ବିପ୍ଳବ ଶୁଣିଥିଲେ ଏହି ଘଟଣା ତାଙ୍କ ଉପରେ ପ୍ରଭାବ ପକାଇଥିଲା । ପିତାମହ ସଂସାର ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବାରୁ ଗଙ୍ଗାଧରଙ୍କ ଉତରୋତର ଶିକ୍ଷା ସମ୍ଭବ ହେଲା ନାହିଁ । ତେଣୁ ସେ ମରାଠୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ପାରଦର୍ଶିତା ଲାଭ କଲେ । ଚିପଲୁ ଙ୍କ ର ନିବନ୍ଧ ମାଳା କୁ ତିଳକପୂର୍ଣ୍ଣ ସମର୍ଥନ କରିବାରୁ ଜାତୀୟତା ମନୋଭାବ ବିକଶିତ ହେଲା । ୧୮୭୬-୭୭ରେ ଦାକ୍ଷିଣାତ୍ୟ ଅଂଚଳର ଘୋର ଦୁର୍ଭିକ୍ଷ ବାଳ ଗଙ୍ଗାଧର ଙ୍କୁ ପ୍ରଭାବିତ କରିଥିଲା ।ମାତୃଭୂମିର ସ୍ୱାଭିମାନ କେବଳ ଶିକ୍ଷା ମାଧ୍ୟମରେ ସୁରକ୍ଷିତ ହୋଇପାରିବାର ଅନୁଭବ ତିଳକ ହିଁ କରିପାରିଥିଲେ ।ତେଣୁ ସେ ସାର୍ବଜନୀନ କାକା ଶ୍ରୀ ଗଣେଶ ବାସୁଦେବ ଯୋଷୀ ଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ । ଗୋପାଳ ଅଗରକର ଓ ତିଳକ ଦୁଇ ବନ୍ଧୁ ଦେଶ ବାସିଙ୍କ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ଥିଲେ । ତେଣୁ ଦୁଇ ବନ୍ଧୁ ଧାର୍ମିକ ସାମାଜିକ, ଓ ରାଜନୈତିକ ସଂଗଠନ ଗୁଡିକରେ ସକ୍ରିୟ ସଂପର୍କ ରକ୍ଷା କରିଥିଲେ ।ଅଗରକର ଡେକାନ୍ କଲେଜରୁ ଏମ୍.ଏ ଓ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରି ଦେଶ ସେବା ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିପାରିଥିଲେ । ଚିପଲୁ ,ଅଗରକର ଓ ତିଳକ ଚିନ୍ତା କଲେ ଶିକ୍ଷା ବିନା ଭାରତରେ ଜନବିପ୍ଳବ ସମ୍ଭବ ନୁହେଁ ।ତେଣୁ ସେମାନେ ୧୮୮୦ ସାଲ ଜାନୁୟାରୀ ୧ ତାରିଖରେ ନିଉ ଇଂଲିଶ ସ୍କୁଲ୍ ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ । ବିଦ୍ୟାଳୟ ପରିଦର୍ଶନରେ ହଣଟର ସାହେବ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଉତ୍ସାହ ଜନକ ଥିଲା । ତେଣୁ ପ୍ରତିଷ୍ଠାତାମାନେ ଉଚ୍ଚ ଶିକ୍ଷାର ଅଧିକ ପ୍ରସାର କରିବାକୁ ଆଗଭର ହେଲେ ।ଡେକାନ୍ ଶିକ୍ଷା ସମିତି ଆନୁକୂଲ୍ୟରେ ନିଉ ଇଂଲିଶ ସ୍କୁଲ୍ ଓ ଫର୍ଗୁସନ କଲେଜ ମହାରଷ୍ଟ୍ରର ଉଚ୍ଚ ଶିକ୍ଷା କ୍ଷେତ୍ରରେ ବିଶେଷ ମହତ୍ୱପୂର୍ଣ୍ଣ ଥିଲା । ସମିତି ସଭ୍ୟ ମାନଙ୍କ ସହିତ ବିତର୍କ ଓ ମତାନ୍ତର ଯୋଗୁଁ ତିଳକ ଇସ୍ତଫା ଦେଇଥିଲେ ।

ପରାଧୀନ ଭାରତୀୟ ଜନସାଧାରଣଙ୍କର ଆଭିମୁଖ୍ୟ ଓ ମତକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ, ତିଳକ ୧୮୮୧ ରେ ମରାଠୀ ସମ୍ବାଦ ପତ୍ର 'କେଶରୀ' ଓ ଇଂରାଜୀ ସମ୍ବାଦ ପତ୍ର 'ଦି ମରାଠା' ଉଭୟ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । କେଶରୀ ର ସମ୍ପାଦକ ଥିଲେ ଅଗରକର ଓ ଦି ମରାଠା ର ସମ୍ପାଦକ ଦାୟିତ୍ୱ ତିଳକ ସ୍ୱୟଂ ଗ୍ରହଣ କରିଥିଲେ । ଉଭୟ ପତ୍ରିକା ମରାଠା ମାନଙ୍କ ଭିତରେ ଜାତୀୟ ଚେତନା ଓ ରାଜନୀତିକ ଜାଗୃତି ସୃଷ୍ଟି କରିବାରେ ସଫଳ ହୋଇଥିଲା । ତିଳକ ଜାତୀୟ ଜନ ଜିବନର ସମସ୍ୟା ମାନ ଉପସ୍ଥାପନ କରି ମରାଠୀ ସାହିତ୍ୟର ଉନ୍ନତି ଓ ବିକାଶର ମଧ୍ୟ ସହାୟକ ହୋଇଥିଲେ । ଅଗରକର ସମ୍ପାଦନ ପଦରୁ ଓହରି ଯିବାରୁ ତିଳକ ଉଭୟ ପତ୍ରିକାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ ।

ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣକୁ ତିଳକ ପସନ୍ଦ କରୁ ନଥିଲେ । ପ୍ରାଚୀନ ଭାରତୀୟ ସଂସ୍କୃତିକୁ ପ୍ରଚଳନ ଓ ନାରୀ ଶିକ୍ଷା ଉପରେ ତିଳକ ଗୁରୁତ୍ୱ ଦେଉଥିଲେ । ବିବାହ ପାଇଁ ବାଳିକାଙ୍କ ବୟସ ୧୬ ବର୍ଷ ଓ ବାଳକଙ୍କ ବୟସ ୨୧ ବର୍ଷ ଉଚିତ ମନେ କରିଥିଲେ । ୪୦ ବର୍ଷ ପରେ ପୁରୁଷ ଦ୍ୱିତୀୟ ବିବାହ କରିବା ଅନୁଚିତ । ଯଦି ସେ ପୁର୍ନ ବିବାହ ଚାହାନ୍ତି, ତେବେ ସେ କୌଣସି ବିଧବାକୁ ପତ୍ନୀ ରୂପେ ଗ୍ରହଣ କରିବା ଉଚିତ ହେବ । ତିଳକ ନିଜେ ଅସ୍ପୃଶ୍ୟତାର ବିରୋଧୀ ଥିଲେ । ହିନ୍ଦୁ ଧର୍ମର ମହତ୍ୱକୁ ସେ ଅତି ଗର୍ବର ସହିତ ପ୍ରଚାର କରୁତଥିଲେ । ସରକାରୀ ଆଇନ ଦ୍ୱାରା ସମାଜ ସଂସ୍କାର ପବର୍ତନକୁ ତିଳକ ବିରୋଧ କରୁଥିଲେ । ସାର୍ବଜନୀନ ସଭାର ନୂତନ ସଂପାଦକ ରୂପେ ଗୋପାଳକୃଷ୍ଣ ଗୋଖଲେ ମନୋନୀତ ହେଲେ । ଏହି ନିଯୁକ୍ତିର ବୈଧତା ଉପରେ ତିଳକ ପ୍ରଶ୍ନ କରିବାରୁ ବିବାଦ ଉପୁଜିଲା । ତେଣୁ ତିଳକ ଡେକାନ ସୋସାଇଟିରୁ ଇସ୍ତଫା ଦେଲେ ।

୧୮୮୫ ଡିସେମ୍ବର ୨୮ ରେ ବମ୍ବେରେ ଥିବା ତେଜପାଲ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ କଂଗ୍ରେସର ସ୍ଥାପନା ହେଲା । ବମ୍ବେ ପ୍ରଦେଶ ଶାଖାର ବାର୍ଷିକ ଅଧିବେଶନରେ ତିଳକ ଅଂଶ ଗ୍ରହଣ କରିମରାଠୀ ଭାଷୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଇଂରେଜ ସରକାରଙ୍କ 'ଡିଭାଇଡ୍ ଆଣ୍ଡରୁଲ୍' ନୀତି ଯୋଗୁଁ ବମ୍ବେ ଓ ପୁନେରେ ସଂପ୍ରଦାୟିକ ଦଙ୍ଗା ଘଟି ନିରୀହ ଜନତାର ପ୍ରାଣ ହାନୀ ଘଟିଲା । ତିଳକ କଠୋର ଭାବରେ ସମାଲୋଚନା କରି ଇଂରେଜ ମାନଙ୍କର ଚକ୍ଷୁଃଶୂଳ ହେଲେ । ସାର୍ ତିରୋଲ୍ 'ଇଣ୍ଡିଆନ୍ ଅନ୍‌ରେଷ୍ଟି' ନାମକ ପୁସ୍ତକ ରେ ତିଳକଙ୍କୁ ସଂପ୍ରଦାୟିକତା ଦୋଷରେ ଅଭିଯୁକ୍ତ କରିଥିଲେ । ତାହା ଥିଲା ଦୁର୍ଭାଗ୍ୟଜନକ ତିଳକ ଗଣପତି ଉତ୍ସବ ଓ ଶିବାଜି ଉତ୍ସବ ମାଧ୍ୟମରେ ମହାରାଷ୍ଟ୍ରକୁ ଏକତ୍ରିତ କରିବାରେ ସଫଳ ହୋଇଥିଲେ ।

୧୮୯୧ ରେ 'ଆର୍ମସ୍ ଆକ୍ଟ' ଉପରେ ପ୍ରସ୍ତାବ ରଖି ଯେଉଁ ଭାଷଣ ଦେଲେ ତାହା ତାଙ୍କୁ ସର୍ବ ଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା । ୧୮୯୪ ରେ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ଫେଲୋମନୋନୀତ ହେଲେ । ତା ପରବର୍ଷ ପୁନା ନଗରପାଳିକାର ପରିଷଦ ପଦପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ । ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେଲେ ।ରଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଆକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ତିଳକ । ହ୍ୟୁମ୍ କିନ୍ତୁ ଇଂଲଣ୍ଡରେ ବିଶ୍ୱାସ ଘାତକ ବୋଲି ଚିତ୍ରିତ ହେଲେ ।

୧୮୯୬-୯୭ରେ ଏକ ଭୟଙ୍କର ଦୁର୍ଭିକ୍ଷ ମହାରଷ୍ଟ୍ରରେ ଦେଖାଦେଲା । ତିଳକ ବିଭିନ୍ନ ଗ୍ରାମ ଓ ଜିଲ୍ଲାମାନ ଗସ୍ତ କରି ରିଲିଫ୍ ଓ ଆର୍ଥିକ ସାହାଯ୍ୟ ଆରମ୍ଭ କରିଦେଲେ । ଦୁର୍ଭିକ୍ଷ ସହିତ ପ୍ଲେଗ୍ ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା ।୧୮୯୭ ମାର୍ଚ୍ଚରେ ଏକ କମିଟି ଗଠନ ହେଲା । ତାହାର ଅଧ୍ୟକ୍ଷ ଭାବେ ରେଣ୍ଡ ନିଯୁକ୍ତ ହେଲେ । ଏହି କମିଟି ଲୋକମାନଙ୍କର କିଛି କାମରେ ଲାଗିଲା ନାହିଁ । ତିଳକ ନିଜ ପକ୍ଷରୁ ସ୍ୱେଚ୍ଛା ସେବୀ କେନ୍ଦ୍ରମାନ ସ୍ଥାପନ କରିଥିଲେ । ଏହି ସ୍ୱେଚ୍ଛାସେବୀ ମାନେ ପ୍ରତିଷେଧକ ବ୍ୟବସ୍ଥା ଅନୁ ସରଣ କରିବା ସହିତ ଲୋକମାନଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ କାର୍ଯ୍ୟରେ ଲାଗିପଡ଼ିଲେ । ୧୮୯୭ ଜୁନ୍ ୨୨ ମଧ୍ୟରାତ୍ରରେ ପୁନାସ୍ଥ ଗଭର୍ଣ୍ଣହାଉସ୍‌ରୁ ଏକ ରାତ୍ରି ଭୋଜନ ସାରି ତିଳକ ସ୍ୱଗୃହକୁ ଫେରିବା ସମୟରେ ଅଜଣା ଦୁର୍ବୃତମାନେ ରେଣ୍ଡସାହେବ ଓ ତାଙ୍କ ଅଙ୍ଗରକ୍ଷୀ ଲେଫଟନାଣଟ ଆୟବର୍ଟକୁ ହତ୍ୟା କରିଦେଲେ । ଏହି ଘଟଣାରେ ଦାମୋଦର ଚିପଲୁ ଫାଂସି ଦାଣ୍ଡ ପାଇଥିଲେ ତିଳକ ର୍ନିଦୋଷ ଥିଲେ ମଧ୍ୟ ପିଙ୍ଗଲ କୋଡ୍‌ର ୧୨୪(କ) ଧାରାରେ ଅଭିଯୁକ୍ତ ହେଲେ । ତାଙ୍କୁ ୧୮ମାସ ସଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା । ଭାରତୀୟ ନେତା ମାନେ ଆପତି ଉଠାଇଲେ । ସଂସଦ ଉଇଲିୟମ୍ ହଣଟର ଓ ପ୍ରଫେସର୍ ମ୍ୟାକସ୍ ମୁଲ୍ଲର ଇଂରେଜ ସରକାରଙ୍କ ଉପରେ ଚାପ ପକାଇବାରୁ ୧୮୯୮ ସେପ୍ଟେମ୍ବର ୭ରେ ତିଳକ ଜେଲ୍‌ରୁ ମୁକ୍ତ ହେଲେ । ଏହା ପରେ ସେ ଲୋକମାନ୍ୟ ତିଳକ ନାମରେ ଅଭିହିତ ହୋଇ ସାରା ଭାରତର ପ୍ରିୟ ନେତା ଭାବରେ ସିକୃତି ଲାଭ କଲେ । ପୁନା ଜେଲ୍‌ରେ ବୈଦିକ ଅର୍ଯ୍ୟ ସଭ୍ୟତା ଅଧ୍ୟୟନ କରି 'ଦି ଆର୍କଟିକ୍ ହୋମ୍ ଇନ୍ ଦି ବେଦସ୍ ପ୍ରକାଶିତ କରିଥିଲେ । ୧୯୦୬ କଲିକତା କଂଗ୍ରେସ୍ ଅଧିବେଶନରେ ପ୍ରାୟ ଦୁଇ ହଜାର ପ୍ରତିନୀଧି ଓ ୧୦ ହଜାର ଦୈନିକ ଉପସ୍ଥାନରୁ କମ୍ ନଥିଲା ।ପ୍ରଥମ ଥର ପାଇଁ ଏହି ଅଧିବେଶନରେ କଂଗ୍ରେସ୍ ସ୍ୱରାଜ ଦାବି କରିବା ଏକ ଗୁରୁତ୍ୱ ପୂର୍ଣ୍ଣ ସିଦ୍ଧାନ୍ତ ଥିଲା । ଚରମପନ୍ଥୀ ଓ ନରମପନ୍ଥୀ ଗୋଷ୍ଠି ବିବାଦ ଯୋଗୁ ତିଳକ ୧୯୦୭ ଜାନୁୟାରୀ ୨ତାରିଖରେ କାଲିକତାରେ କହିଥିଲେ । ଆଜି ଯିଏ ଚରମପନ୍ଥୀ କାଲି ହୁଏତ ନରମପନ୍ଥୀ ହୋଇପାରେ । ତୁମେ ଜଦି ସ୍ୱାଧିନ ହେବାକୁ ଚାହଁ, ସ୍ୱାଧିନ ହୋଇପାରିବ ନଚେତ ସବୁଦିନ ପାଇଁ ପରାଧିନ ରହିବ । ତୁମେ ଅସ୍ତ୍ରଧାରଣ କରିବାକୁ ସମର୍ଥ ନୁହଁ । ତେବେ ଇଂରେଜ ସରକାର ବିରୁଧରେ ଅହିଂସାତ୍ମକ ଅସହଯୋଗ ଆନ୍ଦେଳନ ତ କରିପାରିବ । ବିଦେଶୀ ପଦାର୍ଥ, ଅନୁଷ୍ଠାନ ଓ କରକୁ ବର୍ଜନ କର, ଐକ୍ୟବଧ ହୋଇ କରିପାରିବତ, କାଲି ତୁମେ ସ୍ୱାଧିନ ଦେବ । କଲିକତା ଅଧିବେଶନରେ ବଙ୍କିମ୍ ଚନ୍ଦ୍ର ଙ୍କର 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ରୂପେ ମାନ୍ୟତା ଲାଭ କଲା । ବର୍ମାରୁ ଜେଲ୍ ଦଣ୍ଡ ଭୋଗକରି ତିଳକ ସୁରତ ଅଧିବେଶନରେ ଯୋଗ ଦେଇଥିଲେ । ଏହି ଅଧିବେଶନରେ ପ୍ରଥମ ଦିନରୁ ବିଶୃଖଳା ଆରମ୍ଭ ହୋଇଗଲା । ବିଶୃଖଳା ଚରମ ସିମାରେ ପହଂଚିଲା । କଂଗ୍ରେସ୍ ଇତିହାସରେ ସୁରତ ବିଭାଜନ ବୋଲି ଅଭିହି କରାଯାଏ । ତିଳକ ଓ ଲଜପତ ରାୟ ଭଳି ଉଗ୍ର ଜାତୀୟ ବାଦି କଂଗ୍ରେସ୍ ସ୍ରୋତରୁ ଭିନ୍ନ ରହିଗଲେ ।ତିଳକ ମିଳାମିଶା ପାଇଁ ପଦକ୍ଷପ ନେଇଥିଲେ । ତିଳକ ଜାତୀୟ କଂଗ୍ରେସ୍ ବଦଳରେ ଆଂଚଳିକ କଂଗ୍ରେସ୍ ସମିଳନୀ ଅକୋଲା ସହରରେ ଆୟୋଜନ କଲେ । ସେଠାରେ ସେ କହିଥିଲେ ଯେ ସ୍ୱତନ୍ତ୍ରତା ଆମର ଜନ୍ମସିଦ୍ଧ ଅଧିକାର ।

# ସ୍ୱପ୍ନ ଓ ସଂକଳ୍ପର ରୂପକାର : ଡକ୍ଟର କଲାମ୍

॥ ଗଙ୍ଗାଧର ସାମଲ ॥

ମାଟିରୁ ମହାକାଶ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ନିଜ ସ୍ୱପ୍ନକୁ ସତ୍ୟରେ ପରିଣତ କରି ଶ୍ରେଷ୍ଠ କୀର୍ତ୍ତି ସ୍ତମ୍ଭର ସ୍ଥପତି ତଥା ପ୍ରତିଟି ଭାରତୀୟଙ୍କ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହାସ ଓ ଶକ୍ତି ସଞ୍ଚାରୁଥିବା ଭାରତୀୟ କ୍ଷେପଣାସ୍ତ୍ର ଜନକ ଦେଶର ସବୁଠାରୁ ଲୋକପ୍ରିୟ ରାଷ୍ଟ୍ରପତି ପଦବୀକୁ ଅଳଙ୍କୃତ କରିଥିବା ମହାନ କୀର୍ତ୍ତି ପୁରୁଷ ଡକ୍ଟର ଅବୁଲ ପାକିର୍ ଜୈନୁଲ୍ ଆବେଦିନ୍ ଅବଦୁଲ କାଲାମ ବା ସମସ୍ତଙ୍କ ପରିଚୟ ଏପିଜେ ଅବଦୁଲ କାଲାମଙ୍କ ଆଜି ହେଉଛି ଜନ୍ମଦିନ। ନିଜର ନିରଳସ ସରଳ ଜୀବନ ଓ ସମସ୍ତଙ୍କ ସହ ପ୍ରିୟତାର ଅମାୟିକ ସ୍ୱଭାବ ସହ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଜଣେ ଶିକ୍ଷକ ପରି ଗୁରୁଦାୟିତ୍ୱ ନିର୍ବାହ କରୁଥିବା ଏହି ମହାପୁରୁଷଙ୍କ ମହାପ୍ରୟାଣ ପ୍ରତିଟି ଭାରତୀୟଙ୍କ ପାଇଁ ଅତ୍ୟନ୍ତ ଦୁଃଖର ଘଟଣାଟି। ନିର୍ବୋଧ ଶିଶୁର କୌତୁହଳ ଠାରୁ ଜ୍ଞାନୀ ବୈଜ୍ଞାନିକଙ୍କ ଅନୁସନ୍ଧିତ୍ସୁ ପ୍ରଶ୍ନ ଯାଏ ସମସ୍ତଙ୍କର ପରିଭାଷାକୁ ବୁଝି ନିଜସ୍ୱ ସରଳ ଭାଷାରେ ଉତ୍ତର ଦେବା ହିଁ ତାଙ୍କର ଜୀବନର ଶ୍ରେଷ୍ଠ ଓ କୃତି ଏହା ହିଁ ଥିଲା ଜନପ୍ରିୟତାଙ୍କର ଅନ୍ୟତମ କାରଣ। ଭାରତକୁ ଦ୍ରୁତ ଶିଳ୍ପାୟନ ପଥ ସହ କ୍ରାନ୍ତିକାରୀ ଶିକ୍ଷାରେ ଅନ୍ୟ ମହାଶକ୍ତିଙ୍କ ସହ ସମକକ୍ଷ ହେବାପାଇଁ ତଥା ଏକ ବିକଶିତ ରାଷ୍ଟ୍ର ଭାବେ ଭାରତକୁ ପରିଣତ କରିବା ପାଇଁ କୋଟି କୋଟି କିଶୋର ଓ ଯୁବକଙ୍କ ମନରେ ସେ ଭରି ଦେଉଥିଲେ ସ୍ୱପ୍ନ ଓ ପ୍ରେରଣା। ଆତ୍ମମଗ୍ନ ରହି ନିଜ ସ୍ୱପ୍ନର ଭାରତ ଗଠନ ପାଇଁ ପ୍ରତିଟି ମୁହୂର୍ତ୍ତ ସେ ଅବିରତ ଭାବରେ ଉତ୍ସର୍ଗ କରିଦେଉଥିଲେ ଏହି ଭାରତ ମାତା ପାଇଁ। ପିଲାଟି ହୁଅନ୍ତୁ ବା ବଡ଼ ପରିଣତ ବୟସର ଲୋକ, ସମସ୍ତଙ୍କ ସ୍ୱପ୍ନର ଉତ୍ସ ଓ ପ୍ରେରଣା ପାଇଁ ସେ ମୂଲ୍ୟବାନ ପାଖାପାଖି କୋଡିଏଟି ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ଓ୍ୱିଙ୍ଗସ୍ ଅଫ୍ ଫାୟାର', 'ଇଣ୍ଡିଆ ୨୦୨୦ - ଏ ଭିଜନ ଫର୍ ଦ ନିଉ ମିଲେନିଅମ୍', 'ମାଇଁ ଜିର୍ନି', ଏବଂ 'ଇଗ୍ନାଇଟେଡ୍ ମାଇଣ୍ଡସ୍ ଅନ୍‌ଲିସିଂ ଦ ପାଓ୍ୱାର ଓ୍ୱିଦିନ୍ ଇଣ୍ଡିଆ' ପ୍ରମୁଖ। ଭାରତ ପାଇଁ ଏକ ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ ତତ୍କାଳୀନ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ ଡକ୍ଟର ଅବଦୁଲ୍ କାଲାମ ଓ ବିଶିଷ୍ଟ ରାଷ୍ଟ୍ରନାୟକ ରାଜନୀତିଜ୍ଞ ଅଟଳ ବିହାରୀ ବାଜପେୟୀ ଥିଲେ ପ୍ରଧାନମନ୍ତ୍ରୀ। ଜଣେ ପରମାଣୁ ବିଜ୍ଞାନୀ ଭାବେ ସମଗ୍ର ବିଶ୍ୱରେ ସେ ସମ୍ମାନିତ ଓ ସୁପରିଚିତ ଥିଲେ ବି ବରଂ ଜଣେ ଶିକ୍ଷକ ଭାବେ ଜ୍ଞାନର ବିତରଣ ପାଇଁ ସେ ଅହର୍ନିଶ ପ୍ରୟାସ ଜାରି ରଖିଥିଲେ ଓ ଜୀବନର ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଜ୍ଞାନର ଆଲୋକ ହିଁ ପ୍ରଦାନ କରୁଥିଲେ। ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସେ ନିଜର ମୂଲ୍ୟବାନ ମାର୍ଗଦର୍ଶନ ଦ୍ୱାରା ଅଗଣିତ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ଭବିଷ୍ୟତ ଓ ଦେଶପାଇଁ ସମର୍ପିତ ସୁଯୋଗ୍ୟ ସେବାର ଥିଲେ ପଥ ପ୍ରଦର୍ଶକ ଓ ଆଲୋକବର୍ତ୍ତିକା।

ଡକ୍ଟର କାଲାମଙ୍କ ସହ ଓଡ଼ିଶାର ସମ୍ପର୍କ ଅତ୍ୟନ୍ତ ଆବେଗିକ। ବାଲେଶ୍ୱରର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ଅଗ୍ନୀ, ବ୍ରହ୍ମୋସ୍ ଓ ନାଗ ପରି କ୍ଷେପଣାସ୍ତ୍ର ତାଙ୍କରି ମାର୍ଗଦର୍ଶନରେ ହିଁ ପରୀକ୍ଷଣ ହୋଇ ସମଗ୍ର ଭାରତରେ ପ୍ରତିରକ୍ଷା ଓ ମହାକାଶ ବିଜ୍ଞାନ କ୍ଷେତ୍ରରେ ଚହଳ ଓ କୃତୀତ୍ୱ ସୃଷ୍ଟି କରିଥିଲା। ଏହା ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନର କାର୍ଯ୍ୟକ୍ରମରେ ବି ସେ ସାମିଲ ହୋଇ ଅନୁଷ୍ଠାନ ଓ ବିଦ୍ୟାର୍ଥୀଙ୍କ ଭିତରେ ପ୍ରେରଣାର ଶକ୍ତି ଯୋଗାଉଥିଲେ। କ୍ଷେପଣାସ୍ତ୍ର ନିର୍ମାଣ ଓ ଉତ୍‌କ୍ଷେପଣ ପ୍ରଯୁକ୍ତି ବିଦ୍ୟାର ବିକାଶରେ ଭାରତକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ତାଙ୍କ ଅବଦାନ ଅତୁଳନୀୟ। ବିଶ୍ୱର ସର୍ବଶ୍ରେଷ୍ଠ ପାଞ୍ଚଟି ଦେଶ ଭିତରେ ନିଜ ମାତୃଭୂମି ଭାରତକୁ ସମକକ୍ଷ କରିବା ପାଇଁ ସେ ନିଜ ଦେଶ ପ୍ରତି ଯେଉଁପରି ଅଙ୍ଗୀକାରବଦ୍ଧତା ଓ ଉତ୍ସର୍ଗୀକୃତ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି ସେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ମିଜାଇଲ୍ ମ୍ୟାନ୍ ନାମ ଭାବରେ ପରିଚିତ। ତାମିଲନାଡୁର ରାମନାଥପୁରମ୍ ଅନ୍ତର୍ଗତ ରାମେଶ୍ୱରମ୍‌ରେ ଏକ ଗରିବ ମୁସଲିମ୍ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ପିଲାଟି ବେଳୁ ପାଠ ପ୍ରତି ଥିଲା ତାଙ୍କର ଅଧ୍ୟବସାୟ। ସେ ଏପରି ଜଣେ ବିରଳ ବ୍ୟକ୍ତିତ୍ୱ ପୃଥିବୀର ଶୀର୍ଷସ୍ତରରେ ଥିବା ତିରିଶଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇଛନ୍ତି। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ବିଭୂଷିତ ହୋଇଥିଲେ। ତାଙ୍କ ଆଦର୍ଶ ଓ ପରମ ଜୀବନରେ ଅନୁପ୍ରାଣୀତ ହୋଇ ତାଙ୍କର ୭୯ତମ ଜନ୍ମ ଦିନକୁ ଜାତିସଂଘ ପକ୍ଷରୁ ବିଶ୍ୱ ବିଦ୍ୟାର୍ଥୀ ଦିବସ ଭାବେ ପାଳନ କରିବାକୁ ଘୋଷିତ ହୋଇଥିଲା। ଭାରତକୁ ୨୦୨୦ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସେ ରାଷ୍ଟ୍ରପତି ଥିବା ସମୟରେ ଏକ ସ୍ୱତନ୍ତ୍ର ଯୋଜନା ଚିନ୍ତନ କରିଥିଲେ। ସେ ଏକଦା ଏକ ଅଭିଭାଷଣରେ କହିଥିଲେ - 'ଦେଶକୁ ଦୁର୍ନୀତି ମୁକ୍ତ ଏବଂ ଉତ୍ତମ ନାଗରିକଙ୍କ ଦେଶ ଭାବେ ଗଢ଼ି ତୋଳିବା ପାଇଁ ତିନିଜଣଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଁ ଅନୁଭବ କରୁଛି। ସେମାନେ ହେଲେ ବାପା, ମାଆ ଓ ଶିକ୍ଷକ।' ଏହି ଅତୁଳନୀୟ ଅମାୟିକ ବ୍ୟକ୍ତିତ୍ୱ ଯାହାଙ୍କର ବିଶାଳ ଓ ବ୍ୟାପକ ଜୀବନଯାତ୍ରା ସ୍ୱପ୍ନ ଓ ସମ୍ଭାବନାରେ ଭରି ରହିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇଥିଲେ। ଏହି ଅମଳୀନ ବ୍ୟକ୍ତିତ୍ୱଙ୍କ ଚିନ୍ତନକୁ ସାକାର କରିବା ପାଇଁ ଛାତ୍ରଛାତ୍ରୀ, ବିଦ୍ୟାର୍ଥୀମାନେ ନିଜ ଜୀବନକୁ କର୍ମମୟ କରିପାରିଲେ ତାହା ହିଁ ହେବ ସେପରି ଅତୁଳନୀୟ ବ୍ୟକ୍ତିତ୍ୱଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ। ଆଜି ତାଙ୍କ ସ୍ମରଣୀୟ ମହାପ୍ରୟାଣ ତିଥିରେ ତାଙ୍କ ଚିନ୍ତନକୁ ଆମେ ସମସ୍ତେ ସାକାର କରିବା ପାଇଁ ନିଜର ପ୍ରତିଟି ମୁହୂର୍ତ୍ତକୁ ଉତ୍ସର୍ଗୀକୃତ କରିପାରିଲେ ତାହା ହେବ ତାଙ୍କ ପରଲୋକ ତିଥି ପାଇଁ ଶ୍ରେଷ୍ଠ ଶ୍ରଦ୍ଧା ସୁମନ।

ମାଣିକପାଟଣା, ଆଳି, କେନ୍ଦ୍ରାପଡ଼ା, ଦୂରଭାଷ : ୯୪୩୭୨୨୬୬୪୭

# ହେପାଟାଇଟିସ୍ ଓ ଲିଭର କ୍ୟାନସର

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଲିଭର କ୍ୟାନସର ଏକ ମାରାତ୍ମକ ବ୍ୟାଧି। କିନ୍ତୁ ଏହି ମାରାତ୍ମକ ବ୍ୟାଧିକୁ ବହୁକାଂଶରେ ନିରାକରଣ କରାଯାଇପାରିବ। ପ୍ରତିବର୍ଷ ସମଗ୍ର ପୃଥିବୀରେ ଛଅ ଲକ୍ଷ ବ୍ୟକ୍ତି ଲିଭର କ୍ୟାନସର ଯୋଗୁଁ ମୃତ୍ୟୁବରଣ କରିଥାନ୍ତି। ସମଗ୍ର ପୃଥିବୀରେ ଏହି କ୍ୟାନସରର ସ୍ଥାନ ଷଷ୍ଠରେ ରହିଛି। ମହିଳା ମାନଙ୍କ ଅପେକ୍ଷା ପୁରୁଷ ମାନଙ୍କ ଭିତରେ ଏହି କ୍ୟାନସରର ପ୍ରାଦୁର୍ଭାବ ବେଶୀ। ପୁରୁଷ ମାନଙ୍କ ଭିତରେ ଏହା ପଞ୍ଚମ ସ୍ଥାନରେ ଓ ମହିଳା ମାନଙ୍କ ଭିତରେ ଏହା ଅଷ୍ଟମ ସ୍ଥାନରେ ଅଛି। ଫୁସ୍‌ଫୁସ୍ କ୍ୟାନସର ଓ ପେଟ କ୍ୟାନସର ପରେ ଲିଭର କ୍ୟାନସରରୁ ହିଁ ବେଶୀ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି। ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ। ଏସିଆ ଓ ଆଫ୍ରିକା ମହାଦେଶରେ ହେପାଟାଇଟିସ୍ ବି ୮୦ ପ୍ରତିଶତ ଓ ଆମେରିକା ଓ ଜାପାନ ଦେଶରେ ହେପାଟାଇଟିସ୍ ସି ୭୫ ପ୍ରତିଶତ ହେଉଛି ଲିଭର କ୍ୟାନସରର ମୁଖ୍ୟ କାରଣ। ଏହି ହେପାଟାଇଟିସ୍ ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜ ଓ ଛୁଞ୍ଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ମାଧ୍ୟମରେ ଜଣଙ୍କର ଶରୀରରୁ ଅନ୍ୟ ଜଣଙ୍କର ଶରୀରକୁ ପ୍ରବେଶ କରିଥାଏ। ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି ସେମାନେ ଲିଭର ସିରୋସିସ୍ ଓ କ୍ୟାନସର ରୋଗରେ ମଧ୍ୟ ପୀଡ଼ିତ ହୁଅନ୍ତି। ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମ୍ରପାନ ସେବନ, ଡାଇବେଟିସ୍ ଓ ଆଫ୍‌ଲା ଟକ୍ସିନ୍ ସେବନ ମାଧ୍ୟମରେ ଏହି ଲିଭର କ୍ୟାନସର ହୋଇଥାଏ। ହିମୋକ୍ରୋମାଟୋସିସ୍ (ଲିଭରରେ ଅତ୍ୟଧିକ ଲୌହ କଣା ଜମିବା, ଟାଇରୋସିନୋସିସ୍, ଆଲ୍‌ଫା-୧ ଏଣ୍ଟିଟ୍ରିପ୍‌ସିନ୍ ଅଭାବ ବ୍ୟକ୍ତି ମାନଙ୍କୁ ମଧ୍ୟ ଏହି କ୍ୟାନସର ରୋଗ ହୁଏ। ଏହି କାରଣ ଗୁଡ଼ିକ ମଧ୍ୟରୁ ହେପାଟାଇଟିସ୍ ବି, ସି, ମଦ୍ୟପାନ, ଧୂମ ସେବନ, ଚର୍ବି ଜନିତ ରୋଗ ଓ ଡାଏବେଟିସ୍ ହେଉଛି ପ୍ରଧାନ ରୋଗ ଯେଉଁଥିରେ କି ପରବର୍ତ୍ତୀ ଅବସ୍ଥାରେ ରୋଗୀ ଲିଭର କ୍ୟାନସରରେ ଆକ୍ରାନ୍ତ ହୁଏ। ଭାରତରେ ହେପାଟାଇଟିସ୍ ବି ସାଧାରଣଃ ଦୁଇରୁ ସାତ ପ୍ରତିଶତ ଜନସାଧାରଣଙ୍କ ଭିତରେ ଦେଖାଯାଏ। ହେପାଟାଇଟିସ୍ ବିରେ ସଂକ୍ରମିତ ଚାରିଜଣଙ୍କ ମଧ୍ୟରୁ ଜଣଙ୍କର ଲିଭର କ୍ୟାନସରରେ ମୃତ୍ୟୁ ସମ୍ଭାବନା ରହିଛି।

ଦେଶରେ ହେପାଟାଇଟିସ୍ ବି ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି। ଏହି ବାହକମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି। ଯାହାକୁ ସିଧା ପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ଅଛନ୍ତି। ଏମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଦେଖାଗଲେ ମଧ୍ୟ ପରବର୍ତ୍ତୀ କାଳରେ (୧୦-୧୫ବର୍ଷ ପରେ) ଏମାନେ ଲିଭର ସିରୋସିସ୍ ଓ ଲିଭର କର୍କଟ ରୋଗରେ ଆକ୍ରାନ୍ତ ହୁଅନ୍ତି। ହେପାଟାଇଟିସ୍ ବି ଏଡ଼ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ। ଯକୃତ କର୍କଟ ରୋଗରେ ୯୦-୯୫% ବ୍ୟକ୍ତି ଛଅ ମାସରୁ ଏକ ବର୍ଷ ଭିତରେ ମୃତ୍ୟୁମୁଖରେ ପଡ଼ନ୍ତି। ତେଣୁ ଏହିପରି ଏକ ମାରାତ୍ମକ ବ୍ୟାଧିର ନିରାକରଣ ହେଉଛି ଆମ୍ଭମାନଙ୍କ ସମ୍ମୁଖରେ ଏକ ବଡ଼ ଆହ୍ୱାନ। ଆମ୍ଭେମାନେ ଯଦି ହେପାଟାଇଟିସ୍ ବି କୁ ଟୀକା ମାଧ୍ୟମରେ ସମ୍ପୂର୍ଣ୍ଣ ନିରାକରଣ କରିପାରିବୁ ତାହାହେଲେ ଲିଭର କ୍ୟାନସରର ସଂଖ୍ୟା ମଧ୍ୟ କମିଯିବ। ମଦ୍ୟପାନ ସେବନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ। ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନସରକୁ ମଧ୍ୟ ନିରାକରଣ କରାଯାଇ ପାରିବ। ବ୍ଲଡବ୍ୟାଙ୍କରେ ହେପାଟାଇଟିସ୍ ବି ଓ ସି ସ୍କ୍ରିନିଂ ମାଧ୍ୟମରେ ହେପାଟାଇଟିସ୍ ବି ଓ ସିକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ଡାଏବେଟିସ, ଅତ୍ୟଧିକ ଧୂମପାନ ଇତ୍ୟାଦି ମଧ୍ୟ ବହୁକାଂଶରେ ନିୟନ୍ତ୍ରଣ ସାପେକ୍ଷ। ଆଫ୍‌ଲାଟକ୍ସିନ୍ ମାଧ୍ୟମରେ ଯେଉଁ ଲିଭର କ୍ୟାନସର ବ୍ୟାପେ, ତାହାକୁ ମଧ୍ୟ ଉପଯୁକ୍ତ ଖାଦ୍ୟ ସଂରକ୍ଷଣ ମାଧ୍ୟମରେ ରୋକାଯାଇପାରିବ। ଜନସାଧାରଣ ମାନଙ୍କ ମଧ୍ୟରେ ଏହି ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଲେ ଲିଭର କ୍ୟାନସର ଭଳି ଏକ ମାରାତ୍ମକ ରୋଗକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ।

ପ୍ରଫେସର, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ
ଦୂରଭାଷ : ୯୪୩୭୦୫୧୯୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ସ୍ୱର୍ଗତ ପଦ୍ମ ଚରଣ ମିଶ୍ର ଙ୍କ ୪ର୍ଥ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳିତ

ଦଶପଲ୍ଲା,(ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ପଦ୍ମ ଚରଣ ମିଶ୍ର ଙ୍କ ୪ର୍ଥ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଏକ ନିଆରା ଢଙ୍ଗରେ ଏହା ପାଳନ କରାଯାଇଛି।ଏହି ଅବସରରେ ସ୍କୁଲ ର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଚିତ୍ରାଙ୍କନ, ନୃତ୍ୟ,ସାଧାରଣ ଜ୍ଞାନ, ରଚନା ଆଦି ବିଷୟ ଉପରେ ପ୍ରତିଯୋଗିତା ମାନ କରାଯାଇଥିଲା। କୃତି ଛାତ୍ର ଛାତ୍ରୀ ଙ୍କୁ ଏହି ଉତ୍ସବ ରେ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟ ର ଦଶମ ଶ୍ରେଣୀ ରେ କୃତିତ୍ୱ ଲାଭ କରିଥିବା ଛାତ୍ରୀ ମାନଙ୍କୁ ମଧ୍ୟ ଟ୍ରଫି ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପଦ୍ମ ଚରଣ ମିଶ୍ର ଏହି ବିଦ୍ୟାଳୟ ର ମୁଖ୍ୟ ପ୍ରତିଷ୍ଠାତା ଥିଲେ। ଏ ଅବସରରେ ବିଦ୍ୟାଳୟ ର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ,ପ୍ରସନ୍ତ ପଣ୍ଡା, ଅନ୍ତର୍ଯ୍ୟାମୀ ଭୂଇଁଆ, ରୀନା କୁମାରୀ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।ପ୍ରଭାତ କୁମାର ସାହୁଙ୍କ ସଂଯୋଜନା ରେ ଚାଲିଥିବା ବେଳେ ସ୍କୁଲ ର ଶିକ୍ଷକ ଶିକ୍ଷୟତ୍ରୀ ଓ ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ପ୍ରତ୍ୟେକ କାର୍ଯ୍ୟକ୍ରମ ଦିଲୀପ କୁମାର ମିଶ୍ର (ଲୁଲୁ ଭାଇନା ) ଙ୍କ ତତ୍ୱାବଧାନ ରେ ପରିଚାଳିତ ହୋଇଥିଲା

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ରୋଗୀଙ୍କୁ ଫଳ ବଣ୍ଟନ



ମାଲକାନଗିରି(ମହାଭାରତ): ଗୋପବନ୍ଧୁ ଜୟନ୍ତୀ ଅବସରରେ ଏମ୍ଭି ୭୯ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ସ୍ଥାନୀୟ ମେଡିକାଲରେ ରୋଗୀଙ୍କୁ ଫଳ ବ□ନ କରି ସେବା ଦିବସ ପାଳନ କରିଛନ୍ତି।ଏହି ଅବସରରେ ଛାତ୍ରଛାତ୍ରୀମାନେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ଗୋପବନ୍ଧୁ ଦାସଙ୍କ ଜୀବନୀ ଅଧ୍ୟୟନ କରି ତାଙ୍କର ସେବାଭାବ ଓ ଆଦର୍ଶରୁ ପ୍ରେରଣା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ରୋଗୀଙ୍କ ସହ ସମୟ ଅତିବାହିତ କରି ସେମାନଙ୍କୁ ଫଳ ବାଣ୍ଟିଥିଲେ, ଯାହା ରୋଗୀଙ୍କ ମୁହଁରେ ହସ ଫୁଟାଇଥିଲା। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କହିଛନ୍ତି ଯେ, ଗୋପବନ୍ଧୁଙ୍କ ଆଦର୍ଶକୁ ଅନୁସରଣ କରି ଛାତ୍ରଛାତ୍ରୀମାନେ ସମାଜସେବା ଓ ମାନବୀୟ ମୂଲ୍ୟବୋଧର ପାଠ ଶିଖୁଛନ୍ତି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ନମିତା ମହାରଣା, ବରିଷ୍ଠ ଆଚାର୍ଯ୍ୟ ପ୍ରଶାନ୍ତ ବିଶ୍ୱାସ, ଆଚାର୍ଯ୍ୟ ଜ୍ୟୋତି ମଣ୍ଡଳ, ପିଣ୍ଟୁ ବିଶ୍ୱାସ, ବିଦ୍ୟାଳୟ କମିଟିର ସମ୍ପାଦକ ଅଶୋକ କୁମାର ନାୟକ, ସଭାପତି ଦୀପକ ଦତ୍ତ, କୋଷାଧ୍ୟକ୍ଷ ସୁରେଶ ମେହେଟା, ଶୁଭେଚ୍ଛୁ ଗୋବିନ୍ଦ ସାହୁ ଏବଂ ଏମ୍ଭି ୭୯ର ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପ୍ରସେନଜିତ ରାୟ ଉପସ୍ଥିତ ଥିଲେ। ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ଏହି ସେବା କାର୍ଯ୍ୟକୁ ସଫଳ କରିବାରେ ସହଯୋଗ କରିଥିଲେ। ଏହି ଉଦ୍ୟମ ମାଧ୍ୟମରେ ଗୋପବନ୍ଧୁଙ୍କ ସେବାମୂଳକ ଆଦର୍ଶକୁ ନୂତନ ପିଢ଼ିଙ୍କ ମଧ୍ୟରେ ପ୍ରଚାର କରାଯାଇଥିଲା ଏବଂ ସମାଜସେବା ପ୍ରତି ଛାତ୍ରଛାତ୍ରୀଙ୍କ ମନୋବଳକୁ ପ୍ରୋତ୍ସାହିତ କରାଯାଇଥିଲା।

## ଜାତୀୟ ରାଜପଥରେ ବେଆଇନ ପାର୍କିଂ ହେଲେ କଡା କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର,(ମହାଭାରତ): ଜାତୀୟ ରାଜପଥରେ ବେଆଇନ ପାର୍କିଂ ଯୋଗୁଁ ଦୁର୍ଘଟଣା ହେବା ସହ ଲୋକଙ୍କ ଗମନାଗମନରେ ବାଧା ସୃଷ୍ଟି କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ତଥା ଅଂଚଳିକ ପରିବହନ ପ୍ରାଧିକରଣର ଅଧ୍ୟକ୍ଷ ବିଶାଳ ସିଂହ ଜାତୀୟ ରାଜପଥରେ ବେଆଇନ ପାର୍କିଂ କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବେଆଇନ ପାର୍କିଂ କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠି ନମ୍ବର ୫୫୨୯ ତା ୦୩/୧୦/୨୦୨୫ ରେ ଉଲ୍ଲେଖ ରହିଛି । ଜାତୀୟ ରାଜପଥ ୨୦ର ରାମଚନ୍ଦ୍ରପୁର-ରିମୁଳି-ଚମ୍ପୁଆ,ଜାତୀୟ ରାଜପଥ ୪୯ର ତୁରୁମୁଙ୍ଗା ଠାରୁ ବିଞ୍ଜବାହାଲ,ଜାତୀୟ ରାଜପଥ ୫୨୦ର ରିମୁଳି ଠାରୁ ରୁଗୁଡି,ଜାତୀୟ ରାଜପଥ ୨୨୦ର ଢେଙ୍କିକୋଟ-ପାଟଣା-ସାହାରପଡା,ନରଣପୁର-ଡୁବୁରୀ,ଜାତୀୟ ରାଜପଥ-୭୨୦ ର ନରଣପୁର ଠାରୁ ବ୍ରାହ୍ମଣୀପାଳ,ପୂର୍ତ୍ତ ବିଭାଗ ଏକ୍ସପ୍ରେସ ୱେ(୨) ରଣାଶାଳଘାଟିଠାରୁ ଯୋଡା-ବାମେବାରୀ-ପଳାଶପଙ୍ଗା ରାସ୍ତାରେ ଏହି କଟକଣା ୧ ମାସ ପାଇଁ ଜାରୀ କରାଯାଇଛି ।

## ବଜ୍ରାଘାତରେ ଜଣେ ମୃତ

ଲାଞ୍ଜିଗଡ(ମହାଭାରତ)କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବେନଗାଁ ପଞ୍ଚାୟତ ପଦ୍ମଥୋପା ଗାଁରେ ଘଟିଛି ଏକ ଅବାଭନୀୟ ଘଟଣା ।ସୂଚନା ମତେ ବେନାଗାଁ ପଞ୍ଚାୟତ ପଦ୍ମଥୋପା ଗାଁର ଡୁଡୁ ହରିଜନ (୫୬) ଗାଁ ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବା ପାଇଁ ଯାଇଥିବା ବେଳେ ଆଜି ଅପରାହ୍ନ ୪ଟା ସମୟରେ ବ୍ରଜଘାତରେ ଅଚେତ ହୋଇପଡିଥିବା ଗାଁ ଲୋକ ଦେଖି ନିକଟସ୍ଥ ବେନଗାଁ ଡାକ୍ତରଖାନାକୁ ନେଇଥିଲେ ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ବିଜେପୁର ଥାନାରେ ପରିବାର ପକ୍ଷରୁ ଏକ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ ପାଇଁ ଲାଞ୍ଜିଗଡ ଡାକ୍ତରଖାନାକୁ ପଠାଯାଇଥିବା ସୂଚନା ମିଳୁଛି । ଡୁଡୁ ହରିଜନ ଦୀର୍ଘ ବର୍ଷା ହେଲା ପଦ୍ମଥୋପା ଗାଁରେ ରହି ଗାଈ ଚରାଇ ପରିବାର ପ୍ରତିପୋଷଣ କରି ଆସୁଥିଲେ ହେଲେ ଆଜି ବଜ୍ରାଘାତରେ ତାଙ୍କ ଦେହାନ୍ତ ହୋଇଥିବାରୁ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି । ତେବେ ପରିବାର କହିଲେ ବର୍ତ୍ତମାନ ସ୍ତ୍ରୀ ଓ ଦୁଇ ପୁଅ ରହିବା ବେଳେ ଅତ୍ୟନ୍ତ ଗରିବ ହୋଇଥିବାରୁ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସି ଦାବି କରିଛନ୍ତି ।

# ଗୋଳାପୋଖରୀ ଗାଁକୁ ନା ଅଛି ରାସ୍ତା ନା ହୋଇଛି ବିକାଶ

## ଖଲିପତ୍ର ଓ ଦାନ୍ତକାଠି ଦ୍ୱାରା ଚଳୁଛି ପରିବାର



ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇବାକୁ ଦୀର୍ଘ ୩୬ ବର୍ଷ ବିତି ସାରିଛି। ବିକାଶ ଠାରୁ ବହୁ ପଛରେ ରହି ଅବହେଳିତ ଅବସ୍ଥାରେ ପଡ଼ିରହିଛି ଖଣ୍ଡପଡ଼ା ସହରାଞ୍ଚଳ। ସହରାଞ୍ଚଳ ଅଧୀନ ୧୨ନଂ ୱାର୍ଡ ଗୋଳାପୋଖରୀ ଗ୍ରାମକୁ ଦେଖିଲେ ବିକାଶର ନଗ୍ନଚିତ୍ର ସମ୍ପୂର୍ଣ୍ଣ ରୂପେ ବାରି ହୋଇ ପଡୁଛି। ସେଠାକାର ଲୋକ ମାନେ ସହରାଞ୍ଚଳ ବାସିନ୍ଦା ହୋଇ ମଧ୍ୟ ଆଜି ବି ଜଙ୍ଗଲ ରେ ଜୀବନ ଯାପନ କରି ଜୀଉଁଛନ୍ତି। ଗୋଳାପୋଖରୀ ଲୋକ ମାନେ ଖଲିପତ୍ର, ଦାନ୍ତକାଠି ଓ କାଠ ସଂଗ୍ରହ କରି ବଜାରରେ ବିକ୍ରି କରି ନିଜ ପରିବାର ଚଳାଇଥାନ୍ତି। ଆଉ କିଛି ଯୁବଗୋଷ୍ଠୀ ଦିନ ମଜୁରିଆ ଭାବେ କାମ କରୁଥିବା ଜଣାପଡିଛି। ସରକାରଙ୍କ ପକ୍ଷରୁ ସହରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା କିଛି ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ରହିଛନ୍ତି ଗୋଳପୋଖରୀ ବାସିନ୍ଦାୟ ବିଶେଷ କରି ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ଏମାନଙ୍କ ପାଇଁ ସ୍ୱପ୍ନ ପାଲଟିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଗମନା ଗମନ ନିମନ୍ତେ ସ୍ଥାୟୀ ରାସ୍ତା ଲୋକ ମାନଙ୍କ ପାଇଁ ସାତସପନ ପାଲଟିଛି। ରାଜ୍ୟ ସରକାର ସହରା□ଳରେ ବସବାସ କରୁଥିବା ଗରିବ ଲୋକଙ୍କୁ ବିଭିନ୍ନ ମୌଳିକ ସୁବିଧା ଯୋଗାଇ ଦେଉଥିବା ବେଳେ କିଛି କର୍ମଠ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ପ୍ରକୃତ ଯୋଗ୍ୟ ହିତାକାରୀ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବା ଜଣାପଡିଛି। ରାସନ ସାମଗ୍ରୀ ଓ ଦୈନିକ ସଉଦା ପାଇଁ ପ୍ରତ୍ୟେହ ପ୍ରାୟ ୫ କିଲୋମିଟର ଜଙ୍ଗଲ ରାସ୍ତା ଦେଇ ଯାତାୟାତ କରିଥାନ୍ତି ଗ୍ରାମବାସୀ। ଉକ୍ତ ରାସ୍ତା ମଧ୍ୟରେ ଏକ ନାଳ ଯାଇଥିବାରୁ ବର୍ଷା ଦିନ ଯାତାୟତ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏକପ୍ରକାର ଜଳବନ୍ଦୀ ଜୀବନ ଯାପନ କରୁଥିବା ଅତ୍ୟନ୍ତ ଦୁଃଖରେ ପ୍ରକାଶ କରିଛନ୍ତି ସ୍ଥାନୀୟ ବାସିନ୍ଦା। ପୂର୍ବରୁ ନିର୍ବାଚନ ସମୟରେ ବହୁ ରାଜନେତା ଆସି ବିଭିନ୍ନ ପ୍ରତିଶ୍ରୁତି ଦେଇ ସେମାନଙ୍କୁ ଠକିଥିବା କହିଛନ୍ତି ୱାର୍ଡ ବାସିନ୍ଦା। ସେହିପରି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେଲେ ଜଙ୍ଗଲ ରାସ୍ତା, ନଦୀ ନାଳ ଅତିକ୍ରମ କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା ସେମାନଙ୍କୁ ଅତି କଷ୍ଟକର ହେବା ସହ ପ୍ରସୁତି ମହିଳାଙ୍କ ସ୍ୱାସ୍ଥ୍ୟ ବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ି ଯାଉଥିବା ଅଭିଯୋଗ ହେଉଛି। ଖଣ୍ଡପଡ଼ା ଏନ୍ଏସି ପକ୍ଷରୁ ଏହି ଗାଁକୁ ଆଲୋକିକରଣ ବ୍ୟବସ୍ଥା କରାଯାଇଥିଲା। ଏବେ ସବୁ ସ୍ଥାନରେ ବିଦ୍ୟୁତ ଖୁଣ୍ଟି ଓ ତାର ରହିଥିବା ବେଳେ ଏଲ୍ଇଡି ଗୁଡ଼ିକ ସେଥିରେ ନଥିବା ଦେଖିବାକୁ ମିଳିଛି। ତୁରନ୍ତ ଗୋଳାପୋଖରୀ ବାସୀଙ୍କ ମୌଳିକ ସୁବିଧା ଯୋଗାଇଦେବା ଦିଗରେ ଏନ୍ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିଦ୍ୟାର୍ଥୀ ଙ୍କ ପରିବର୍ତ୍ତେ ପରୀକ୍ଷା ଦେଲେ ଅଭିଭାବକ

ଅସ୍ତରଙ୍ଗ(ମହାଭାରତ): ଦିନକୁ ଦିନ ଅସ୍ତରଙ୍ଗ ଅଞ୍ଚଳ ରେ ବିଭିନ୍ନ ଶିକ୍ଷାଅନୁଷ୍ଠାନ କୁ ନେଇ ଅନେକ ମତଭେଦ ସାମ୍ନା କୁ ଆସିବାକୁ ଲାଗୁଛି, ବର୍ତ୍ତମାନ ରାଜ୍ୟ ରେ ମୋହନ ସରକାର ବିଭିନ୍ନ ବ୍ୟବସ୍ଥା ଉପରେ ପରିବର୍ତ୍ତନ ଆଣି ଉଚ୍ଚମାନର କରିବାକୁ ପ୍ରୟାସ କରୁଛନ୍ତି ତା ଭିତରେ ଶିକ୍ଷା ବ୍ୟବସ୍ଥା ଅନ୍ୟତମ, ଅଙ୍ଗନବାଡି ପରେ ପ୍ରାଥମିକ ବ୍ୟବସ୍ଥା କୁ ବର୍ତ୍ତମାନ ରାଜ୍ୟ ସରକାର ସମ୍ପୂର୍ଣ୍ଣ ରୂପେ ଗୁରୁତ୍ୱ ଦେଇ ଆସୁଛନ୍ତି କାରଣ ପ୍ରାଥମିକ ସ୍ତରରେ ଛାତ୍ରଛତ୍ରୀ ମାନଙ୍କ ମାନ ନିରୂପଣ ସଠିକ ଭାବେ ହୋଇପାରିଲେ ଭବିଷ୍ୟତ ରେ ସେ ଜଣେ ଉଚ୍ଚଶିକ୍ଷିତ ଏବଂ ସୁନାଗରିକ ହୋଇପାରିବ ଏଥିରେ କୌଣସି ସନ୍ଦେହ ନାହିଁ, ସେଥିପାଇଁ ପ୍ରାଥମିକ ବିଦ୍ୟାଳୟ ରେ ବିଦ୍ୟାର୍ଥୀ ମାନଙ୍କୁ ଉଚ୍ଚ କୋଟିର ଶିକ୍ଷା ପ୍ରଦାନ ସହିତ ସେମାନଙ୍କ ଜୀବନଶୈଳୀ କୁ ସୁ ପରିଚାଳନା କରିବା ପାଇଁ ସରକାର ପ୍ରତ୍ୟେକ ବର୍ଷ ଆର୍ଥିକ ବଜେଟ ରେ କୋଟି କୋଟି ଟଙ୍କା ଅର୍ଥ ନିବେଶ କରିବା ସହିତ ବିଦ୍ୟାଳୟ ଗୁଡିକ ର ଭିତିଭୂମି ବିକାଶ କରିବାକୁ ସଦା ସର୍ବଦା ପ୍ରଚେଷ୍ଟା ଜାରୀ ରଖିଥିବା ବେଳେ ଅସ୍ତରଙ୍ଗ ସ୍ଥିତ ଅଣଚମ୍ପା ପ୍ରାଥମିକ ବିଦ୍ୟାଳୟ ରୁ ଆସିଛି ଏକ ଦୁର୍ଭାଗ୍ୟଜନକ ଅଭିଯୋଗ, ସୂଚନା ମୁତାବକ ସେପ୍ଟେମ୍ବର ୨୪ ତାରିଖ ରେ ବିଦ୍ୟାଳୟ ରେ ପରୀକ୍ଷା ଚାଲିଥିଲା ସମୟ ରେ ପ୍ରଧାନଶିକ୍ଷକ ଅଶୋକ ସେନାପତି ଙ୍କ ସହଯୋଗ ରେ କିଛି ବିଦ୍ୟାର୍ଥୀ ଙ୍କ ଅଭିଭାବକ ମାନେ ଆସି ସିଧା ପରୀକ୍ଷା ଶ୍ରେଣୀ ଗୃହ ଭିତରେ ସେମାନଙ୍କ ପିଲା ମାନଙ୍କୁ ଯଥା ସମ୍ଭବ ସାହାଯ୍ୟ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ବେ ଆଇନ ଓ ଶିକ୍ଷା ଆଇନ କୁ କୁଠାରଘାତ, ଏହି ସମୟ ରେ ଗ୍ରାମ ର କିଛି ଅଭିଭାବକ ଯଥା ଟିକିନା ବସ୍ତିଆ, ସନ୍ଧ୍ୟାରାଣୀ ମୁଦୁଲୀ, ଟୁନି ବସ୍ତିଆ, ଅର୍ଜୁନ ବସ୍ତିଆ, ସରୋଜିନୀ ବସ୍ତିଆ, ଅନୁସୟା ମୁଦୁଲୀ, ସସ୍ମିତା ମୁଦୁଲୀ ମାନେ ଫୋଟୋ ଚିତ୍ର ଉତ୍ତୋଳନ କରିବା ସହ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ଙ୍କୁ ଏ ସଂକ୍ରାନ୍ତ ରେ ସେପ୍ଟେମ୍ବର ୨୫ ତାରିଖ ରେ ଏକ ଲିଖିତ ଅଭିଯୋଗ କରିଛନ୍ତି,ଏ ଅଭିଯୋଗ ଉପରେ ବ୍ଲକ ଶିକ୍ଷା ଅଧିକାରୀ ଙ୍କୁ ମତାମତ ମାଗିବା ପରେ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ସ୍ୱାଇଁ କହିଛନ୍ତି ଏ ବାବଦରେ ତଦନ୍ତ ଚାଲିଛି, ତଦନ୍ତ ରିପୋର୍ଟ ଆସିଲେ ସୂଚନା ଦିଆଯିବ, ଏବେ ବାସ୍ତବ ରେ ଏ ଘଟଣା କେତେ ସତ୍ୟ କେତେ ମିଥ୍ୟା ତଦନ୍ତ ପରେ ଜଣାପଡିବ ବୋଲି ବୁଦ୍ଧିଜୀବୀ ମାନେ ଅସ୍ଥା ପ୍ରକଟ କରିଛନ୍ତି ।

## ଜେଲରେ ଅବାଧ ନିଶା କାରବାର




କେନ୍ଦୁଝର(ମହାଭାରତ): କେନ୍ଦୁଝର ଜିଲ୍ଲା କାରାଗାରରେ ଅବାଧ ନିଶା କାରବାର ଚାଲିଛି । ବାହାରୁ ଗଞ୍ଜେଇ,ମଦ,ଭାଙ୍ଗ,ବିଡ଼ି,ଖଇନି,ଗୁଟଖା ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଜେଲ ଭିତରକୁ ଚାଲାଣ ହେଉଛି। ଜେଲରେ ବହୁ କଏଦୀ ନିଶାଦ୍ରବ୍ୟ ଖାଇ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଜେଲରେ କଟକଣା ନଥିବାରୁ ନିଶାଦ୍ରବ୍ୟ ନିୟମିତ ଚାଲାଣ ହେଉଛି । ଜେଲ ଭିତରକୁ କିଏ ଏବଂ କିପରି ମାଦକ ଦ୍ରବ୍ୟ ନେଇଛି ତାହା ଯାଂଚ ପରେ ଜଣାଡିବ। ଜେଲ ଭିତରକୁ ଯାଉଥିବା କର୍ମଚାରୀମାନଙ୍କୁ ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ କଡାକଡି ଯାଂଚ କରାଯାଉନାହିଁ । ଜେଲ ଅନ୍ତେବାସୀଙ୍କ ପାଇଁ ବାହାରୁ ଆସୁଥିବା ଖାଦ୍ୟ ପୁଡିଆ ଏବଂ ଟିଫିନ ଡବାକୁ ସିସିଟିଭି ସାମ୍ନାରେ ଦେଖାଇବାର ନିୟମ ଥିଲେ ହେଁ ଏହା କରାଯାଉନାହିଁ। ଜେଲ କର୍ମଚାରୀଙ୍କ ମିଳି ଭଗତରେ ଏଭଳି ନିଶା କାରାବାର ଚାଲିଥିବା ଅଭିଯୋଗ ହେଉଛି । ପୂର୍ବରୁ ଜେଲ ଭିତରକୁ ଗଞ୍ଜେଇ ଚାଲାଣ ବେଳେ ଧରାପଡିଥିଲେ ହେଁ ଏହାକୁ ଚାପି ଦିଆଯାଇଥିଲା । ସେହିପରି ଗତ ମାର୍ଚ୍ଚ ମାସରେ ଏ ନେଇ ମାଜିଷ୍ଟ୍ରେଟ ଙ୍କ ନିକଟରେ ଆଜୀବନ ସଜା କାଟୁଥିବା ଦାରା ସିଂ ଅଭିଯୋଗ କରିଥିଲେ । ଏହା ପରେ ତନାଘନା ଆରମ୍ଭ ହୋଇଥିଲା । ଏହା ପରେ ତୁରନ୍ତ ପଦକ୍ଷେପ ନେବାକୁ ମାଜିଷ୍ଟ୍ରେଟ ଜେଲର ଙ୍କୁ ନିର୍ଦ୍ଦେଶ ଦେବା ପରେ ଜେଲ କର୍ତ୍ତୃପକ୍ଷ ହରଡଘଣାରେ ପଡି ଚିଫ୍ ୱାର୍ଡର ଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଥିଲା । ତେବେ ଏହି ଘଟଣାରେ ୭ ମାସ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏହି ଘଟଣା ପରେ ମଧ୍ୟ ଜେଲ କୁ ନିୟମିତ ମାଦକଦ୍ରବ୍ୟ ବେଧଡକ ଚାଲାଣ ହେଉଥିବା ସ୍ପଷ୍ଟ ହୋଇଛି । ୱାର୍ଡର ମାନେ ବାହାରୁ ମାଦକଦ୍ରବ୍ୟ କ୍ରୟ କରି ଜେଲରେ ଥିବା କଏଦୀଙ୍କୁ ଅଧିକ ଦରରେ ବିକ୍ରୀ କରି ବେଶ ଲାଭବାନ ହେଉଛନ୍ତି । ପୋଲିସ ପକ୍ଷରୁ ଜେଲରେ ଅତର୍କିତ ଯାଂଚ କଲେ ଏହାର ପର୍ଦ୍ଦାଫାଶ ହୋଇପାରିବ ବୋଲି ମତପ୍ରକାଶ ପାଇଛି । ଜେଲରେ କଏଦୀଙ୍କ ପାଇଁ ଆସୁଥିବା ଗ୍ରୋସରୀ ସାମଗ୍ରୀ ମଧ୍ୟ କେତେକ ୱାର୍ଡର ବ୍ୟାଗରେ ନେଉଛନ୍ତି । ଜେଲ ଗେଟରେ ଥିବା କର୍ମଚାରୀ ଏହାର ଯାଂଚ କରୁନଥିବାରୁ ଏହି ନିଶା କାରବାର ଚାଲିଛି। କେନ୍ଦୁଝର ଜିଲ୍ଲା କାରାଗାରରେ କଏଦୀଙ୍କ ପାଇଁ ଥିବା ଅଭିଯୋଗ ବାକ୍ସରେ ଅବ୍ୟବସ୍ଥା ଏବଂ ଅସୁବିଧା ନେଇ ଜଣାଇଲେ ପଦକ୍ଷେପ ନିଆଯାଉନାହିଁ । ତେବେ ଅଭିଯୋଗ ବାକ୍ସର ଆଉ ଏକ ଚାବି ଜେଲ କର୍ତ୍ତୃପକ୍ଷଙ୍କ ନିକଟରେ ଥିବାରୁ ଅଭିଯୋଗପତ୍ର କାଢି ନିଆଯାଉଥିବା ଅଭିଯୋଗ ହୋଇଛି । ଜେଲ ବଗିଚାରେ ଉତ୍ପାଦିତ ପନିପରିବା ଦୈନନ୍ଦିନ ବିକ୍ରୀ ହେଉଥିବାବେଳେ ବିକ୍ରୀର ବହୁ କମ ଅର୍ଥ ରସିଦ କଟାଯାଉଛି । ଜେଲରେ ଥିବା ଗାଈଙ୍କ ଖାଦ୍ୟପେୟ ପାଇଁ ଦାନା ଏବଂ ଅନ୍ୟ ଖର୍ଚ୍ଚ ।ବାବଦରେ କମ ଖର୍ଚ୍ଚ କରି ଅଧିକ ସରକାରୀ ତହବିଲରୁ ନିଆଯାଉଛି । ପ୍ରତ୍ୟେକ ସପ୍ତାହରେ କଏଦୀମାନଙ୍କୁ ନିୟମିତ ଭାବେ ସାବୁନ ଦିଆଯାଉନାହିଁ । କେନ୍ଦୁଝର ପରି ଏକ ବଡ ଜେଲରେ ବର୍ଷର ସବୁ ସମୟରେ ୫୫୦ରୁ ଅଧିକ କଏଦୀ ରହୁଥିବାବେଳେ ଉଚ୍ଚ ଅଧିକାରୀଙ୍କ ଦ୍ୱାରା ଯାଂଚ ସଠିକ୍ ଭାବେ ହେଉନାହିଁ ।

## କଂଗ୍ରେସ ଦଳରେ ସାମିଲହେଲେ ଗରିବ ସେନା ଆବାହକ ରବି ମଙ୍ଗରାଜ ଓ କର୍ମି



ଖଡ଼ିଆଲ(ମହାଭାରତ) ନୂଆପଡା ରେ ଉପନିର୍ବାଚନ ବିଗୁଲ ବାଜିବା ପରେ ଅଞ୍ଚଳରେ ରାଜନୈତିକ ସରଗରମ ଦେଖିବାକୁ ମିଳିଛି ।ଏହାରି ଭିତରେ ତିନି ପ୍ରମୁଖ ଦଳ କଂଗ୍ରେସ, ବିଜେଡି ଓ ବିଜେପି ତାର ଶକ୍ତି ପ୍ରଦର୍ଶନ ପାଇଁ ଲାଗିଥିବା ବେଳେ ସମସ୍ତ ଆଗରୁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ତାର ସଂଗଠନ କୁ ସୁଦୃଢ କରିବାରେ ଲାଗିଛି ।ପିସିସି ସଭାପତି ଭକ୍ତଚରଣ ଦାସ ନୂଆପଡା ରେ ଡେରା ପକାଇ କଂଗ୍ରେସ କୁ ଆହୁରି ସୁଦୃଢ କରିବାରେ ଲାଗିଛନ୍ତି । ଭକ୍ତ ଦାସ ନୂଆପଡା ରେ ତିନି ଦିନ ରହିବା ମଧ୍ୟରେ ଅନେକ ସମାଜ ସେବୀ, ଅନେକ ସଂଗଠନ କଂଗ୍ରେସ ରେ ସାମିଲ ହୋଇଥିବା ବେଳେ ଆଜି ଏକାସାଙ୍ଗରେ ଦୁଇ ରୁ ତିନି ହଜାର ଗରିବସେନା ର କର୍ମୀ କଂଗ୍ରେସ ରେ ବିଦ୍ଧିବଦ୍ଧ ଭାବେ ଯୋଗଦେଇ କଂଗ୍ରେସ ର ହାତ ମୁଠା କୁ ଆହୁରି ଟାଣ କରିଛନ୍ତି । ଆଜି ଗରିବସେନା ଆବାହକ ରବୀନ୍ଦ୍ର ମଙ୍ଗରାଜ ଙ୍କ ନେତୃତ୍ୱ ରେ ହଜାର ହଜାର କର୍ମୀ ନୂଆପଡା ସହରରେ ଏକ ବିରାଟ ଶୋଭାଯାତ୍ରା ରେ ବାହାରି ପୋଲିସ ପଡିଆରେ ଆୟୋଜିତ କଂଗ୍ରେସ ର ମିଶ୍ରଣ ପର୍ବରେ ବିଧିବଦ୍ଧ ଭାବରେ ଯୋଗଦେଇଛନ୍ତି । ଗରିବ ସେନା ସଂଗଠନ ର ଆବାହକ ରବୀନ୍ଦ୍ର ମଙ୍ଗରାଜ ଓ କର୍ମୀ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ, ନାରୀ ସୁରକ୍ଷା, ଚଷୀ ମୂଲିଆ ଙ୍କ ହକ ଯୁବକ ମାନଙ୍କ ହକ ଓ ଅଧିକାର ପାଇଁ ଲଢୁଥିଲୁ ଏବଂ ଏହି ଲଢେଇ ଦେଶ ବ୍ୟାପି ରାହୁଲ ଗାନ୍ଧି ଲଢୁଥିବା ବେଳେ ପିସିସି ସଭାପତି ଭକ୍ତଚରଣ ଦାସ ମଧ୍ୟ ଲଢୁଛନ୍ତି । କଂଗ୍ରେସ ର ନୀତି ଆଦର୍ଶ ରେ ଆମେ ଅନୁପ୍ରାଣିତ ହୋଇ କଂଗ୍ରେସ ରେ ଯୋଗଦେଇଛୁ। ଆଗାମୀ ଉପନିର୍ବାଚନ ରେ ଗରିବ ସେନା କଂଗ୍ରେସ ରେ ମିଶିବା ପରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବ ବୋଲି ରବି ମଙ୍ଗରାଜ କହିଛନ୍ତି ।ଅପରପକ୍ଷ ରେ କେବଳ ଯେ ଗରିବ ସେନା ନୁହେଁ କଂଗ୍ରେସ ର ନୀତି ଆଦର୍ଶ ରେ ଯୁବକ, ସମାଜ ସେବୀ, ମହିଳା ଅନୁପ୍ରାଣୀତ ହୋଇ ଆଗକୁ ଆସୁଛନ୍ତି, ଆଗକୁ ନୂଆପଡା ଉପନିର୍ବାଚନ ର ଫଳାଫଳ ଓଡିଶା ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ମିଶ୍ରଣ ପର୍ବରେ ନୂଆପଡା ଉପ ନିର୍ବାଚନ ବିଧାୟକ ପାର୍ଥି ଘାସିରାମ ମାଝୀ, ଖଡ଼ିଆଲ ବିଧାୟକ ପାର୍ଥି କମଳ ଚରଣ ତାଣ୍ଡି, ବରିଷ୍ଠ କଂଗ୍ରେସ ନେତା ଫକୀର ମୋହନ ଜଗତ, ପୂର୍ବତନ ବିଧାୟକ କଣ୍ଟାବାଞ୍ଜି ସନ୍ତୋଷ ସିଂ ସାଲୁଜା,ପୂର୍ବତନ ବିଧାୟକ କୃଷ୍ଣ ଚନ୍ଦ୍ର ଶଗରିଆ, ଅଭିଷେକ ଜଗତ, ରବି ମଙ୍ଗରାଜ ସମେତ ଶତାଧିକ କଂଗ୍ରେସ କର୍ମି ଉପସ୍ଥିତ ଥିଲେ।

# ପରଜା ବେଡାପଦରେ ଅଧାରେ ଅଟକିଛି ଆମ ଓଡିଶା, ନବୀନ ଓଡିଶା ଯୋଜନା

## ସରପଞ୍ଚଙ୍କ ଅବହେଳାରେ ବିକାଶ ସ୍ୱପ୍ନ ଧୂସର



ଲକ୍ଷ୍ମୀପୁର(ମହାଭାରତ): ୨୦୨୩ ମସିହାରେ ତତ୍କାଳୀନ ବିଜେଡି ସରକାର ଆମ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପାଇଁ ୮ ଲକ୍ଷ ଟଙ୍କାର ଘର ଯୋଜନା ଘୋଷଣା କରିଥିଲେ । ସାରା ରାଜ୍ୟରେ ଏହି ଯୋଜନା ଅନୁସାରେ ବହୁତ ଗୃହ ପ୍ରସ୍ତୁତ ହୋଇଥିବାବେଳେ, କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ୍ର ପରଜା ବେଡାପଦର ପଞ୍ଚାୟତ ର ଏହି କାମ ବର୍ଷ ବର୍ଷ ବିତିଥିଲେ ହେଁ ଅଧାରେ ଅଟକିଛି। ଅଞ୍ଚଳବାସୀଙ୍କ ଅଭିଯୋଗ - ସରକାରୀ ଠିକାଦାରଙ୍କ ପରିବର୍ତ୍ତେ ଗ୍ରାମର ସରପଞ୍ଚ ନିଜେ ଏହି କାମ କରୁଛନ୍ତିୟ ସରକାରୀ ଯୋଜନାକୁ ଯେଉଁଥିରେ ପୂର୍ଣ୍ଣ ସ୍ୱଚ୍ଛତା, ଦ୍ରୁତଗତି ଓ ଦାୟିତ୍ୱପୂର୍ଣ୍ଣତା ଦରକାର, ସେଠାରେ ଅବହେଳା ଓ ଅଳସୁଆପଣ ଦେଖିବାକୁ ମିଳୁଛି ।ସାଧାରଣ ଲୋକଙ୍କ କହିବା କଥା ଯେ, ଜନସେବା ପାଇଁ ଆମେ ସରପଞ୍ଚଙ୍କୁ ନିର୍ବାଚିତ କରିଥିଲୁ। କିନ୍ତୁ ସେମାନେ ଯଦି ସରକାରୀ ଯୋଜନାକୁ ଅଧାରେ ରଖିଦିଅନ୍ତି, ଆମର ଆଶା, ସ୍ୱପ୍ନ ଓ ବିକାଶ ସବୁ ମାଟିରେ ମିଶିଯିବ ।ଏହି ଅଭିଯୋଗକୁ ନେଇ ଦଶମନ୍ତପୁର ଏଇ ଙ୍କୁ ପଚାରିବାରୁ , ସେ କହିଛନ୍ତି ଯେ ତଦନ୍ତ କରିବା ପରେ ସତ୍ୟତା ବିଷୟ ରେ ଜଣାପଡିବ । ତେବେ ଗ୍ରାମ ର ମହିଳା ମାନେ ପ୍ରଶ୍ନ କରୁଛନ୍ତି ଆମ ଘର କେବେ ସମ୍ପୂର୍ଣ୍ଣ ହେବ।




# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ରୋହିଙ୍ଗ୍ୟା ବାଂଲାଦେଶୀଙ୍କ ପାଇଁ ଧର୍ମଶାଳା ପାଲଟିଛି ବାଲୁଗାଁ ସହର

### ଜୀବିକା ହରାଉଛନ୍ତି ସ୍ଥାନୀୟ ମୂଳବାସିନ୍ଦା

ଚିଲିକା (ମହାଭାରତ);- ଦିନକୁ ଦିନ ବଢିବାରେ ଲାଗିଲାଣି ରୋହିଙ୍ଗ୍ୟା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା। ନା ଅଛି ପ୍ରଶାସନର ନଜର ନା ଅଛି ସରକାରଙ୍କ ନିଘା, ଯିଏ ଯେମିତି ପାରିଲେ ରୋହିଙ୍ଗ୍ୟା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନିଜ ଘରେ କିମ୍ବା ବିଭିନ୍ନ ଯାତ୍ରୀନିବାସ ବା ଧର୍ମଶାଳାରେ ଭଡାରେ ରଖି ମୋଟା ଅଙ୍କର ଟଙ୍କା ନେଇ ହେଉଛନ୍ତି ମାଲେମାଲ୍। ରୋହିଙ୍ଗ୍ୟା ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଦୁଇରୁ ତିନିଦିନ ରହିଗଲେ ମାଲିକଙ୍କୁ ସାଖୀ ରଖି ବିଭିନ୍ନ କମ୍ପ୍ୟୁଟର ଦୋକାନରେ ନକଲି ଆଧାରକାର୍ଡ ବନେଇ ବନିଯାଉଛନ୍ତି ସ୍ଥାୟୀ ବାସିନ୍ଦା। ପ୍ରକାଶ ଥାଉକି କିଛିଦିନ ହେବ ବାଲୁଗାଁ ସହରର ଗଳିକନ୍ଦିରେ ବିଭିନ୍ନ ପ୍ରକାର ଛୋଟମୋଟ ଠେଲାଗାଡି ଧରି ବୁଲି ବୁଲି ବ୍ୟବସାୟ କରୁଛନ୍ତି ରୋହିଙ୍ଗ୍ୟା ବାଂଲାଦେଶୀ । ବିଗତ ଦିନରେ ବାଲୁଗାଁ ନିକଟବର୍ତ୍ତୀ ଅଞ୍ଚଳର କିଛି ଗ୍ରାମରୁ ଛୋଟଛୋଟ ବୁଲା ବିକାଳି ନିଜର ପରିବାର ପ୍ରତିପୋଷଣ କରିବା ପାଇଁ ଗୁପୁଚୁପ୍,ଚାଟ୍,ପାଉଁରୁଟି,ବିସ୍କୁଟ ଭଳି ବାରମଜା ଜିନିଷ ନେଇ ବାଲୁଗାଁ ସହର ଅଭିମୁଖେ ବାହାରିଥାଆନ୍ତି। କିନ୍ତୁ ଆଜିକାଲି ରୋହିଙ୍ଗ୍ୟା ବାଂଲାଦେଶୀମାନେ ଏ ସବୁ ବ୍ୟବସାୟ କରିବା ଫଳରେ ଦାଦନ ମୁହାଁ ହେଲେଣି ସ୍ଥାନୀୟ ମୂଳ ବାସିନ୍ଦା। କାରଣ ଅଳ୍ପ ସଂଖ୍ୟକ ଜନସାଧାରଣଙ୍କ ମଧ୍ୟରେ ମାଲ ମାଲ ବ୍ୟବସାୟୀ ହେଲେ ସେଠି କିଭଳି ବେପାର ହେବ ଆଉ କେମିତି ପରିବାର ପ୍ରତିପୋଷଣ କରିବୁ , ଏହାରି ଉପରେ ସରକାର ଏବଂ ପ୍ରଶାସନ କଡ଼ା ଆଭିମୂଖ୍ୟ ଗ୍ରହଣ କରି ରୋହିଙ୍ଗ୍ୟା ବାଂଲାଦେଶୀଙ୍କୁ ହଟାଇ ସ୍ଥାନୀୟ ମୂଳବାସିନ୍ଦାଙ୍କୁ ଗୁରୁତ୍ୱ ଦିଅନ୍ତୁ ବୋଲି ଗଣମାଧ୍ୟମ ଆଗରେ ଦୁଃଖ ବଖାଣିଛନ୍ତି କିଛି ବ୍ୟବସାୟୀ। ବାଲୁଗାଁ ସହରକୁ ଧର୍ମଶାଳାରେ ପରିଣତ କରିଥିବା ରୋହିଙ୍ଗା ବାଂଲାଦେଶୀ ଏବଂ ସେମାନଙ୍କୁ ପ୍ରଶୟ ଦେଉଥିବା ଅସାମାଜିକ ବ୍ୟକ୍ତିଙ୍କ ଉପରେ ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ଜୋର୍ ଧରିଛି।

## କେନ୍ଦ୍ର ସରକାର ଙ୍କ ଧ୍ୱଜା ସ୍ୱଚ୍ଛତା ଅଭିଯାନ କ୍ରମରେ ପୁନିତ ସାଗର ସଫେଇ ଅଭିଯାନ



ଆଜି ନବରଙ୍ଗପୁର ଠାରେ ଅବସ୍ଥାପିତ ୧୨ବାଟାଲିୟାନ ଏନ ସିସି ପକ୍ଷରୁ ଅନୁଷ୍ଠିତ ହୋଇଯାଇଅଛି। ନବରଙ୍ଗପୁର ପୌର ପାଳିକା ର ୪ ନମ୍ବର ୱାର୍ଡ ରେ ଥିବା ନୂଆଁ ବନ୍ଧ କୁ ଏହି ପୁନିତ ସାଗର ଅଭିଯାନ ର ଅଂଶ ରୂପେ ଗ୍ରହଣ କରାଯାଇ ସଫେଇ କରାଯାଇଥିଲା। ନବରଙ୍ଗପୁର ପୌର ପାଳିକା, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗ ଓ ୧୨ବାଟାଲିୟନ ର ଅଧିକାରୀ ଓ କ୍ୟାଡେଟ ର ମିଳିତ ସହଯୋଗ ରେ ଏହି ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା। ନୂଆଁ ବନ୍ଧ ରେ ଭର୍ତି ହୋଇଥିବା ଆବର୍ଜନା ଦଳ, ଲତା ବୁଦା ଗୁଡିକୁ ସଫା କରାଯାଇଥିଲା। ଏହି ସଫେଇ କାର୍ଯ୍ୟକ୍ରମ ରେ ୧୨ ବାଟାଲିୟନ ଏନ ସି ସି ର କମାଣ୍ଡିଙ୍ଗ ଅଫିସର କର୍ଣ୍ଣେଲ ସୁନୀଲ କୁମାର, ପୌର ପାଳିକା ର ଅଧ୍ୟକ୍ଷ କୁନୁ ନାୟକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ ,୪ନମ୍ବର ୱାର୍ଡ ର କାଉନସିଲର ଶର୍ମିଷ୍ଠା ଦେଓ ଙ୍କ ସମେତ ସମସ୍ତ ଏନସିସି କ୍ୟାଡେଟ, ପୌର ପାଳିକା ର ସ୍ୱଚ୍ଛ ସାଥି, ଜନ ପ୍ରତିନିଧି ଉପସ୍ଥିତ ଥିଲେ।

## ଗୋପବନ୍ଧୁ ଦାସ ଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଦାବି



ଚାନ୍ଦବାଲି (ମହାଭାରତ) ଚାନ୍ଦବାଲିରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କର ୧୪୮ତମ ଜୟନ୍ତୀ ଦିବସ ପାଳନ ହୋଇଯାଇଛି ।ସେବକ ଶିରୋମଣି, ସେବା ଓ ତିତିକ୍ଷାର ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ କୁ ଗୁରୁବାର ସଖାଳ ୯ ଘଟିକା ସମୟରେ ଚାନ୍ଦବାଲି ପୁରୁଣା ବସ୍ ଷ୍ଟାଣ୍ଡ ନିକଟରେ ଥିବା ପ୍ରତିମୃତ୍ତି ଠାରେ ସମାଜସେବୀ,ଶିକ୍ଷକ, ଆଇନଜୀବୀ, ରାଜନେତା, ସାମ୍ବାଦିକ, ବୁଦ୍ଧିଜୀବୀ ଓ ବଣିକ ସଂଘ ଏକତ୍ର ହୋଇ ଉତ୍କଳମଣି ଙ୍କ ଜୟନ୍ତୀ ଦିବସ ପାଳନ କରିଥିଲେ ।କାର୍ଯ୍ୟକ୍ରମ ଟିକୁ ସାମ୍ବାଦିକ ନିତ୍ୟ ପ୍ରକାଶ ବେହେରା ପରିଚାଳନା କରିଥିଲେ।ଏଥିରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ଓକିଲ ସଂଘ ର ସଭାପତି ଆଇନଜୀବୀ ଉପେନ୍ଦ୍ର ରାଉଳ ଯୋଗ ଦେଇ ଗୋପବନ୍ଧୁ ଦାସ ଙ୍କ ପ୍ରତିମୂର୍ତ୍ତି ରେ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେବା ସହ ଉତ୍କଳମଣି ଙ୍କ ତ୍ୟାଗ ପୂର୍ଣ୍ଣ ଜୀବନୀ ବିଷୟରେ ଆଲୋଚନା କରି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ।ଏହି ଅବସରରେ ମହାନ୍ ଦେଶ ସେବକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଭାରତ ରତ୍ନ ଉପାଧି ପ୍ରଦାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅମୂଲ୍ୟ ରାଉତ,ପ୍ରଫୁଲ୍ଲ ଦାସ, ତାରାପଦ ମହାନ୍ତି,ସବ୍ୟସାଚୀ ମହାନ୍ତି, ଦିଲୀପ ରାଉତ,ବିଶ୍ୱନାଥ ସୁତାର,ସୁକାନ୍ତ ନାୟକ, ଗୋପିରାମ ଅଗ୍ରୱାଲ, ସୁଶାନ୍ତ ବିଶ୍ୱାଳ,ଦେବାଶିଷ ନାୟକ, ମନୋରଞ୍ଜନ ଖୁଣ୍ଟିଆ,ଆଶିଷ ବେହେରା, ପ୍ରମୋଦ ଦାଶ,ଗୌରହରୀ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ପ୍ରବୀର ସେନ ଧନ୍ୟବାଦ ଅର୍ପଣ କରିଥିଲେ।

## ସୀମାନ୍ତ ମୋଟୁରୁ ବିଜେଡିର ଜନସଂପର୍କ ପଦଯାତ୍ରା ଆରମ୍ଭ



ମାଲକାନଗିରି: ରାଜ୍ୟ ସରକାରଙ୍କ ବିରୋଧରେ ଆଜି ଜିଲ୍ଲା ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ସୀମାନ୍ତ ମୋଟୁ ଠାରୁ ଜନସଂପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମୀଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ଶତାଧିକ କର୍ମୀ ସାମିଲ ହୋଇଥିଲେ। ବିଜେପି ସରକାରଙ୍କର ଅପାରଗତା ଅଭିଯୋଗ ଆଣି ଏହି ଜନସଂପର୍କ ପଦଯାତ୍ରାରେ ଲୋକଙ୍କୁ ସଚେତନ କରାଇବ ବିଜେଡି। ସ୍ନେହରେ ଲୋକଙ୍କ ସହ ଯୋଡ଼ି ହେବା ଓ ବନ୍ଧୁତ୍ୱରେ ବାନ୍ଧି ହେବା ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ ବୋଲି ଦଳ ପକ୍ଷରୁ କୁହାଯାଇଛି। ବିଜେପି ସରକାରଙ୍କର ଅପାରଗତାକୁ ଏକତା ହୋଇ ଲଢେଇ କରିବା ସହ ନାରୀ ନିର୍ଯାତନା, ଛାତ୍ରୀ ଆଜି ଅସୁରକ୍ଷିତ, ପୁଲିସ ଏସଆଇ ପରୀକ୍ଷାରେ ଦୁର୍ନୀତି, ମାଗଣାରେ ୩ ଶହ ୟୁନିଟ ବିଜୁଳି ଦେବା, ଭୋଟ ଚୋର, ଯୋଜନା ଚୋର, ବୃଦ୍ଧଙ୍କୁ ଭତ୍ତା ନମିଳିବା, ଆୟୁଷ୍ମାନ କାର୍ଡରେ ରୋଗୀ ହନ୍ତସନ୍ତ ହେବା ଭଳି ଘଟଣାକୁ ନେଇ ଲୋକଙ୍କୁ ଜନ ସଂପର୍କ ପଦଯାତ୍ରାରେ ସଚେତନ କରାଇବ ବୋଲି ବିଜେଡି କହିଛି ।ଜିଲ୍ଲାର ପ୍ରତ୍ୟେକ ଜିଲ୍ଲା ପରିଷଦ ଜୋନରେ ଏହି ପଦଯାତ୍ରା ଅନୁଷ୍ଠିତ ହେବ। ଆଜି ଜିଲ୍ଲାର ୧ ନମ୍ବର ଜିଲ୍ଲା ପରିଷଦ ଜୋନ ମୋଟୁରୁ ଏହି ପଦଯାତ୍ରାର ଶୁଭାରମ୍ଭ ହେବା ବୋଲି ଜିଲ୍ଲା ସଭାପତି ଶ୍ରୀ ମାଡକାମୀ ପ୍ରକାଶ କରିଛନ୍ତି। ଅକ୍ଟୋବର ୯ ତାରିଖରୁ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି କୁହାଯାଇଛି ।ଏହା ଆସନ୍ତା ନଭେମ୍ବର ୯ ତାରିଖରେ ପୌର ପରିଷଦ ମାଲକାନଗିରିରେ ଶେଷ ହେବ ବୋଲି କୁହାଯାଇଛି ।ଆଜିକୁ ଦେଢ ବର୍ଷହେଲା ଗାଁ ଗହଳିର ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉ ନାହିଁ। ହିତାଧିକାରୀମାନେ ପେନସନ ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଗୁହାରି କରି ହଇରାଣ ହେଲେଣିୟ ଦିବ୍ୟାଙ୍ଗମାନେ ବି ଆଜି ହନ୍ତସନ୍ତ ହେଲେଣି। ଏହି ଅପାରଗତା ସରକାରଙ୍କର ମୁଖା ଖୋଲାଯିବ ବୋଲି ବିଜେଡି କହିଛି।

## ଦାବି ପୂରଣ ନ ହେବାରୁ ଟିଏଫ୍ଏଲ ଗେଟ ସମ୍ମୁଖରେ ଧାରଣା



ଅନୁଗୋଳ(ମହାଭାରତ):ଆଜି ତାଳଚେର ସାର କାରଖାନା ସମ୍ମୁଖରେ ପାଞ୍ଚ ଦଫା ଦାବିନେଇ ୬ଟି ଗ୍ରାମପଞ୍ଚାୟତର ଗ୍ରାମବାସୀ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।ବିଜେପି ନେତା ତଥା ସମାଜ ସେବୀ ଅମିୟ ତ୍ରିପାଠୀ ଙ୍କ ନେତୃତ୍ୱରେ ୬ଗୋଟି ପଞ୍ଚାୟତର ପୁରୁଷ ମହିଳା ଏକତ୍ରିତ ହୋଇ ତାଳଚେର ସାର କାରଖାନା ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସୂଚନା ଯେ ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ତଥା ପାଞ୍ଚଦଫା ଦାବି ନେଇ ପର୍ଚ୍ଚୀ ପ୍ରାୟ ଛଅ ଗୋଟି ପଞ୍ଚାୟତ ର ଶତାଧିକ ମହିଳା ଓ ପୁରୁଷ ଏକ ଦାବିପତ୍ର ଟି ଏଫ ଏଲ କତର୍ତ୍ତୃପକ୍ଷ ଙ୍କୁ ପ୍ରଦାନ କରିଥିଲେ । ତେବେ ଟି ଏଫ ଏଲ କର୍ତ୍ତୃପକ୍ଷ ଙ୍କ ଦ୍ୱାରା ଦିଆ ଯାଇଥିବା ନିର୍ଦ୍ଧାରିତ ସମୟ ସୀମା ପାର ହୋଇଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇ ନଥିବା ବେଳେ , ଆଜି ପୁନର୍ବାର ଟି ଏଫ୍ ଏଲ ଗେଟ ଫାଟକ ବନ୍ଦ କରିବା ସହ ଧାରଣା ଦିଆଯାଇଛି । କାରଖାନାରେ ବର୍ତ୍ତମାନ କାମ କରୁଥିବା ରାଜ୍ୟ ବାହାରର ବିଭିନ୍ନ କମ୍ପାନି ଗୁଡ଼ିକରେ ସ୍ଥାନୀୟ ଲୋକଙ୍କ ଶିକ୍ଷାଗତ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ପ୍ରଦାନ, ଯେଉଁ ଠିକା ସଂସ୍ଥାରେ କର୍ମଚାରୀମାନେ କାମ କରୁଛନ୍ତି ସେହି କର୍ମଚାରୀଙ୍କୁ ଉପଯୁକ୍ତ ଦରମା ପ୍ରଦାନ, କମ୍ପାନି ପକ୍ଷରୁ କର୍ମଚାରୀଙ୍କ ରହିବାର ବ୍ୟବସ୍ଥା କରିବା ଆଦି ଦାବି ନେଇ ଗ୍ରାମବାସୀମାନେ ଏହି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହା ସହିତ ୧୩ ହଜାର କୋଟି ଟଙ୍କାର ଏହି ପ୍ରକଳ୍ପ ୨୦୨୭ଭିତରେ କାର୍ଯ୍ୟକ୍ଷମ କରିବାକୁ କାରଖାନାରବରିଷ୍ଠ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ବିକ୍ଷୋଭ ପ୍ରଦର୍ଶନରେ ତାଳଚେର ସାରକାରଖାନା ଦ୍ୱାରା କ୍ଷତି ସହୁଥିବା ପ୍ରାୟ ଛଅଗୋଟି ଗ୍ରାମପ□। ଯଥା ଗୋବରା, କଣ୍ଟପୁର, କାଣ୍ଡସର, ବଳରାମ ପ୍ରସାଦ, କୁରୁଡୋଳ ଏବଂ କୁକୁଡ଼ାଙ୍ଗ ଭଳି ଗ୍ରାମ ପଞ୍ଚାୟତ ଗୁଡ଼ିକରୁ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ ।

## ମୟୁରୀ କଳାପରିଷଦ ଆନୁକୁଲ୍ୟରେ କୁମାର ଉତ୍ସବ ଅନୁଷ୍ଠିତ



ପାରାଦୀପ(ମହାଭାରତ):ପାରାଦୀପ ବିଜୁମଇଦାନ ଠାରେ କୁମାର ମହୋତ୍ସବ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ପାରାଦୀପର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମୟୁରୀ କଳା ପରିଷଦ କୁମାର ଉତ୍ସବ କମିଟି ଦ୍ୱାରା ଏହି ଉତ୍ସବ ଆୟୋଜିତ ହୋଇଥିଲା। କୁମାର ଉତ୍ସବ କମିଟିର ସଭାନେତ୍ରୀ ନଳିନୀ ପ୍ରଭା ସାହୁ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁମାରୀ ମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା , ଝୋଟି ପ୍ରତିଯୋଗିତା , କୁମାରୀବେଶ ପ୍ରତିଯୋଗିତା, ମିଳିତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ, ସଂଗୀତ ପରିବେଷଣ , ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା । କୁମାରୀମାନେ ବୃନ୍ଦାବତୀ ପୂଜା ଓ ଚାନ୍ଦପୂଜା କରିଥିଲେ। ସାଂସ୍କୃତିକ ସଭାରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ପାରିଷଦ ଅଜି କୁମାର ଷଡଙ୍ଗୀ, ସୌଦାମିନୀ ସାହୁ, ସଂଘମିତ୍ରା ସ୍ୱାଇଁ ଓ ପାରିଷଦ ସୁଶାନ୍ତ କୁମାର ଦାସ ଯୋଗ ଦେଇଥିଲେ। ଶେଷରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ପିଆଇସିଟି ର ଶ୍ରମିକ ସୁରକ୍ଷା ଉପରେ ଗୁରୁତ୍ୱ ଜେଟି ବୁଲି ବ୍ୟବସ୍ଥା ଦେଖିଲେ ଶ୍ରମିକଙ୍କ ପରିବାର



ପାରାଦୀପ (ମହାଭାରତ) ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ର ୫ ନମ୍ବର ଫାଟକ ଭିତରେ ଦୀର୍ଘ ମିଆଦି ଲିଜରେ ପଣ୍ୟ ପରିଚାଳନା କାର୍ଯ୍ୟ କରୁଥିବା ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ (ପିଆଇସିଟି) କେବଳ ପଣ୍ୟ କାରବାର ନୁହେଁ କାର୍ଯ୍ୟରତ ଶ୍ରମିକ ମାନଙ୍କ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦେଉଛି। ସମ୍ପ୍ରତି ପିଆଇସିଟି କମ୍ପାନୀ ଶ୍ରମିକଙ୍କ ପରିବାର ସହ ଏବେ ଯୋଡି ହେବାରେ ଲାଗିଛି ଏବଂ ଶ୍ରମିକ ମାନଙ୍କ ସୁରକ୍ଷା ଓ ସେମାନଙ୍କର ଯନ୍ତ୍ର ଗୁଣବତ୍ତା ନେଇ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଗତ କିଛି ଦିନ ହେବ କମ୍ପାନୀ ପାରାଦୀପରେ ଥିବା ନିଜ ବର୍ଥ ପରିସରକୁ ଶ୍ରମିକ ମାନଙ୍କ ପରିବାରକୁ ବୁଲିବାକୁ ଆଣି ସେମାନଙ୍କୁ ଦିନ ତମାମ କମ୍ପାନୀ ପରିସର ମଧ୍ୟରେ ନେଇ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରୁଥିବା ଦେଖିବାକୁ ମିଳିଛି। ଶ୍ରମିକ ମାନଙ୍କ ସ୍ତ୍ରୀ,ପିଲା ଓ ପିତା ମାତାଙ୍କୁ ନିଜ ଖର୍ଚ୍ଚରେ ବସ ଯୋଗେ ସେମାନଙ୍କୁ ଘରୁ ଆଣିବା ସହ କମ୍ପାନୀ ପରିସରରେ ଥିବା ବର୍ଥ ବୁଲାଇବାର ସୁବିଧା ଉପଲବ୍ଧ କରାଉଅଛି। ଏହା ଦ୍ୱାରା ଶ୍ରମିକ ମାନଙ୍କ ପରିବାର ସେମାନଙ୍କ ଲୋକ କିଭଳି ଓ କେଉଁଭଳି ଭାବରେ କମ୍ପାନୀ ପରିସରରେ କାର୍ଯ୍ୟ କରୁଛନ୍ତି ଓ କେତେ ସୁରକ୍ଷିତ ସହ କାର୍ଯ୍ୟ କରୁଛନ୍ତି ଏବଂ କମ୍ପାନୀ କର୍ତ୍ତୃପକ୍ଷ କେତେ ମାତ୍ରାରେ ଯତ୍ନଶୀଳ ତାହା ଉପଲବ୍ଧ କରାଉଛନ୍ତି। ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଜୀବନବିମା ଉପରେ ମଧ୍ୟ କମ୍ପାନୀ ସେମାନଙ୍କ ପରିବାରକୁ ସୂଚନା ପ୍ରଦାନ କରି କମ୍ପାନୀ ଏହି କାର୍ଯ୍ୟ ସବୁବେଳେ ଚାଲୁ ରଖିବା ସହ ଶ୍ରମିକ ମାନଙ୍କ ପରିବାର କୁ ନିଜ ସହ ଯୋଡିବାର ଭିତ୍ତ ପ୍ରୟାସକୁ ଅନେକ ଶ୍ରମିକ ଓ ସାଧାରଣରେ ପ୍ରଶଂସା କରାଯାଇଛି । ଶ୍ରମିକ ମାନଙ୍କ ପରିବାର ବର୍ଥ ମଧ୍ୟରେ ବୁଲିବା ସହ ଜାହାଜ ଦେଖିବା ଓ କିଭଳି ପଣ୍ୟ କାରବାର ହୁଏ ତାହାର ମଧ୍ୟ ସମ୍ୟକ ଧାରଣା ନେବା ସହ ନିଜ ଘରର ଲୋକଟି ଏହି କମ୍ପାନୀ ରେ ଅତି ସୁରକ୍ଷିତ ସହ କାର୍ଯ୍ୟ କରୁଥିବା ଅନୁଭବ ନେଇ ଘରକୁ ଫେରୁଥିବା ବେଳେ ଅନେକ ଖୁସିବ୍ୟକ୍ତ କରିଛନ୍ତି। ଏହି କମ୍ପାନୀ ର ଟର୍ମିନାଲ ମୁଖ୍ୟ ରାଜେଶ କୁମାର ନାୟକ ଶ୍ରମିକ ମାନଙ୍କ ପରିବାର ସହ ବ୍ୟକ୍ତିଗତ ଭାବେ ମିଶି ଏହି କାର୍ଯ୍ୟର ସୁପରିଚାଳନା ଉପରେ ସୂଚନା ପ୍ରଦାନ କରିଥିଲେ । କମ୍ପାନୀ ର ସିଙ୍ଗାପୁର ମୁଖ୍ୟ ଓ ମୁମ୍ବାଇ ର ଏଚଏସଇ ଗୋଷ୍ଠୀ ମୁଖ୍ୟ ମଧ୍ୟ ଶ୍ରମିକଙ୍କ ପରିବାର ସହିତ ମିଶି ସୁରକ୍ଷା ସମ୍ପର୍କରେ ସଚେତନତା କରାଇବାରେ ସହଯୋଗ କରିଥିଲେ।

## ୭୧ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ

ଆସିକା :(ମହାଭାରତ) ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲା ଦକ୍ଷିଣ ଘୁମୁସର ବନଖଣ୍ଡ ପକ୍ଷରୁ ଆସିକା ବିଜ୍ଞାନ ମହାବିଦ୍ୟାଳୟ ଠାରେ ୭୧ ତମ ବନ୍ୟ ପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ମହାବିଦ୍ୟାଳୟ ର ଅଧକ୍ଷ ସନ୍ତୋଷ କୁମାର ଚୌଧୁରୀ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲା ବେଳେ ଉପସ୍ଥିତ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ବନଖଣ୍ଡ ଅଧିକାରୀଣି ବିପାସା ପାରୁଲ, ସହକାରୀ ବନ ସରକ୍ଷକ ପ୍ରଦୀପ କୁମାର ବେହେରା,ବିଧାୟକ ପ୍ରତିନିଧି ସଂଗୀତ ପାଢ଼ୀ, କୃଷ୍ଣ ସାର ମୃଗ ସୁରକ୍ଷା ସମିତି ଅଧକ୍ଷ ଅମୁଲ୍ୟ ଉପାଧ୍ୟାୟ, ରେଞ୍ଜର ପ୍ରମୋଦ କୁମାର ପଣ୍ଡା, ମାନସ ସାହୁ, ଅନିଲ କୁମାର ପଣ୍ଡା, ଅଞ୍ଜନ ନାୟକ,ନିହାର ରଂଜନ ମଲ୍ଲିକ,ପ୍ରମୁଖ ଉପସ୍ଥିତ ରହିଥିଲେ ।

## ନୂଆପଡ଼ାରେ ବିଜୁ ଜନତା ଦଳର 'ଜନ ସମ୍ପର୍କ ପଦଯାତ୍ରା'

ଖଡ଼ିଆଲ(ମହାଭାରତ) ଅକ୍ଟୋବର ୯ ତାରିଖରୁ ନୂଆପଡ଼ା ଜିଲ୍ଲାରେ ବିଜୁ ଜନତା ଦଳ ତରଫରୁ ଏକ ମାସ ବ୍ୟାପୀ 'ଜନ ସମ୍ପର୍କ ପଦଯାତ୍ରା' ର ଶୁଭାରମ୍ଭ ହୋଇଛି। ଏହି ପଦଯାତ୍ରା ଆସନ୍ତା ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପଦଯାତ୍ରା ମାଧ୍ୟମରେ ଦଳୀୟ କର୍ମୀ ଓ ନେତାମାନେ ତୃଣମୂଳ ସ୍ତରରେ ଲୋକଙ୍କ ନିକଟରେ ପହଞ୍ଚିବେ। ଏହି ସମୟରେ ବିଜେଡି ସରକାର ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ଜନ-କଲ୍ୟାଣକାରୀ ଯୋଜନା ଏବଂ ରୂପାନ୍ତରଣ କାର୍ଯ୍ୟକ୍ରମ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯିବ। ଏହା ସହିତ ନୂଆପଡ଼ା ବାସୀଙ୍କ ସୁଖ-ଦୁଃଖ ଓ ସମସ୍ୟା ବିଷୟରେ ଆଲୋଚନା କରାଯାଇ ସେମାନଙ୍କ ସ୍ୱର ହେବା ପାଇଁ ସମସ୍ତଙ୍କୁ ଅବଗତ କରାଯିବ ବୋଲି ବରିଷ୍ଠ ବିଜେଡି ନେତା ମାନେ କହିଛନ୍ତି । ଆଜି ନୂଆପଡା ଶାଖାଟୋରା ଠାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ଓ ମହିଳା ସମାବେଶ କାର୍ଯ୍ୟକ୍ରମରେ ହଜାର ହଜାର ମହିଳା ଯୋଗଦେଇଥିବା ବେଳେ ଜିଲ୍ଲା ସ୍ତରୀୟ ବିଜେଡି ନେତୃମଣ୍ଡଳୀ ଙ୍କ ସହ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ନିରଞ୍ଜନ ପୂଜାରୀ, ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଆସନ୍ତା ଉପନିର୍ବାଚନ ରେ ପୁଣି ଥରେ ବିଜେଡି କୁ ସମର୍ଥନ ଜଣାଇ ନବୀନ ପଟ୍ଟନାୟକ ଙ୍କ ସହ ବିଜେଡି କୁ ସୁଦୃଢ କରିବା ପାଇଁ ନିବେଦନ କରିଥିଲେ।ଏହି ଜନସମ୍ପର୍କ ପଦ ଯାତ୍ରାରେ ବିଧାୟକ ସ୍ୱର୍ଗତ ରାଜୁ ଢୋଲକିଆ ଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ, ନୂଆପଡା ଜିଲ୍ଲାପରିଷଦ ଅଧକ୍ଷା ଡଲି ମାଝୀ, ଉପାଧ୍ୟାକ୍ଷା ଦୀପିକା ଦୀପ, ନୂଆପଡା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ,କୋମନା ବ୍ଲକ ଅଧକ୍ଷା ଅନୁସୟା କୁମ୍ଭାର, ଶେଫାଳି ସଲମା, ସରସ୍ୱତୀ ବାଗ ସମେତ ଶତାଧିକ ମହିଳା କର୍ମୀ ଯୋଗଦେଇ ଥିଲେ।

### ନୟାଗଡ଼ ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା

## ନୟାଗଡ଼ ଏସପିଙ୍କୁ ଭେଟିଲେ ବିଜେଡି ନେତା



ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି କୁ ନେଇ ବିଜେଡି ପକ୍ଷରୁ ନିଆରା ପ୍ରତିବାଦୟ ଜିଲ୍ଲାର ସମସ୍ତ ବିଧାୟକ ଏବଂ ଆଗଧାଡ଼ିର ବିଜେଡ଼ି ନେତା ଏକାଠି ହୋଇ ଅଭିଯୋଗ ନେଇ ନୟାଗଡ଼ ଏସ୍ପି ଙ୍କ ପାଖରେ ଫେରାଦ ହୋଇଛନ୍ତି। ଏସ୍ପି ଏସ୍ ସୁଶ୍ରୀଙ୍କୁ ସାକ୍ଷାତ କରି ଜିଲ୍ଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ନେଇ ଆଲୋଚନା କରିଛନ୍ତି ଜିଲ୍ଲାର ବିଜେଡ଼ି ନେତା ମାନେ। ସରକାରୀ ଦଳର ଚାପରେ ଜିଲ୍ଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ପୁଲିସ କର୍ମଚାରି ଙ୍କ ସହ ବିଭିନ୍ନ ଥାନା ମାନଙ୍କରେ ଏକପାଖିଆ ନୀତି ନିୟମ କରି ବିଜେଡ଼ି କର୍ମୀଙ୍କୁ ହଇରାଣ କରୁଥିବାକୁ ଦଳ ବିରୋଧ କରିଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ରଣପୁର ର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ବରିଷ୍ଠ ବିଜେଡି ନେତ୍ରୀ ଇରାନୀ ରାୟ, ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସମେତ ବହୁ ବିଜେଡି ନେତା ଏସ୍ପି ଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଖଣ୍ଡପଡ଼ା ପୁଲିସ ଉପଖଣ୍ଡରେ ସୃଷ୍ଟି ହୋଇଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇଥିବା ନେଇ ବିଜେଡ଼ି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ ଦଳୀୟ କାର୍ଯ୍ୟକର୍ତ୍ତା ଭଳି ଲୋକଙ୍କୁ ବ୍ୟବହାର କରିବା, ବିନା କାରଣରେ ବିଜୁ ଜନତା ଦଳ ସୋସିଆଲ ମିଡିଆ କର୍ମୀଙ୍କୁ କାର୍ଯ୍ୟାଳୟକୁ ଡକାଇ ଧମକ ଦେବା, ଯୁବକଙ୍କ ମୋବାଇଲ ଗୁଡ଼ିକୁ ଜବରଦସ୍ତ ନିଜ ପାଖରେ ରଖିବା ଏବଂ ପ୍ରତ୍ୟେକ ମାମଲାରେ ପକ୍ଷପାତିତା କରିବାକୁ ନେଇ ଏସ୍ପିଙ୍କ ଦୃଷ୍ଟି ଆକର୍ଷଣ କରିଛି ବିଜେଡି ଦଳୟ ସାଧାରଣ ଲୋକଙ୍କୁ ଖଣ୍ଡପଡ଼ା ଓ ଫତେଗଡ଼ ଥାନାରେ ନ୍ୟାୟ ମିଳି ପାରୁନଥିବା ନେଇ ଏସପିଙ୍କୁ ଅଭିଯୋଗ କରିଛି ବିଜେଡ଼ି। ଭାପୁର ବ୍ଲକ ମାରଡ଼ା ଗାଁ ର ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଡ଼ ଖାଇଥିବା ବ୍ୟକ୍ତିଙ୍କୁ ଗିରଫ କରାଯିବା ନେଇ ଏସ୍ପିଙ୍କୁ ଅଭିଯୋଗ କରିଛି ଦଳ। ଏହା ସହିତ ଚାନ୍ଦପୁର ଥାନା ଅଞ୍ଚଳରେ ପୁଲିସ ଆଦିବାସୀ ଲୋକଙ୍କ ଉପରେ ବଳ ପ୍ରୟୋଗ କରି ସେମାନଙ୍କ ଜମି ଛଡ଼ାଇ ନେବାରେ ବ୍ୟବସାୟୀଙ୍କୁ ସହଯୋଗ କରୁଥିବା ନେଇ ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଏସ୍ପିଙ୍କୁ ଅଭିଯୋଗ କରିଛନ୍ତି। ଥାନା ଗୁଡ଼ିକରେ ଦଲାଲ ସକ୍ରିୟ ହେବା, ପୁଲିସ ଏକ ପାଖିଆ ଭାବେ କାର୍ଯ୍ୟ କରିବା ଘଟଣାକୁ ଦଶପଲ୍ଲା ବିଧାୟକ ଅଭିଯୋଗ କରିଛନ୍ତି। ବିଜେଡି ନେତ୍ରୀ ଇରାନୀ ରାୟ ଇଟାମାଟି ଥାନା ଅଞ୍ଚଳରେ ଘଟିଥିବା ଗଣ୍ଡଗୋଳ ଘଟଣାକୁ ନେଇ ପୁଲିସ ନିର୍ଦ୍ଦୋଶଙ୍କ ନାମରେ ମାମଲା ରୁଜୁ କରିଥିବା ଅଭିଯୋଗ କରିଛନ୍ତି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ପୁଲିସର ପକ୍ଷପାତିତା ବିରୁଦ୍ଧରେ ଜିଲ୍ଲାରେ ବିରାଟ ଜନଆନ୍ଦୋଳନ ମୁଣ୍ଡ ଟେକୁଥିବା ନେଇ ଏସ୍ପି ଙ୍କୁ ଚେତାବନୀ ଦେଇଛନ୍ତି। ଶାସକ ଦଳର ନେତାଙ୍କ ଚାପରେ ଥାନା ଫାଣ୍ଡି ମାନଙ୍କରେ ଅରାଜକତା ଚାଲିଥିବା ବିଜେଡ଼ି ପକ୍ଷରୁ ଅଭିଯୋଗ କରାଯାଇଛି।

## ବେସନ ଲଡୁ



**ସାମଗ୍ରୀ:**

ବେସନ-୨୦୦ ଗ୍ରାମ୍, ଚିନି-୧୮୦ ଗ୍ରାମ୍ ଓ ଘିଅ-୧୫୦ ଗ୍ରାମ୍ ।

**ପ୍ରଣାଳୀ:**

ପ୍ୟାନ୍‌ରେ ଘିଅ ଗରମ କରି ଆଞ୍ଚ କମାନ୍ତୁ । ବେସନକୁ ପକାଇ ଭଲ କରି ଏପରି ଭାଜନ୍ତୁ, ଯେପରି ବିଣ୍ଡା ଭଳି ହେବ ନାହିଁ । ଏଥର କମ୍ ଆଞ୍ଚରେ ବେସନକୁ ସୁନେଲି ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଏଥିରେ ଚିନି ପକାଇ ଗୋଳାନ୍ତୁ ଓ ଗ୍ୟାସ୍ ବନ୍ଦ କରନ୍ତୁ । ଭଲ ଭାବେ ଗୋଳାନ୍ତୁ, ଯେପରି ଗରମରେ ଚିନି ଟିକେ ତରଳି ମିଶିଯିବ । ଏଥର ଘିଅ ହାତ ହୋଇ ଗରମ ବେସନ ଚିନି ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ ଲଡୁ ଭଳି ଗୋଲ ଗୋଲ କରନ୍ତୁ । ଭଲ ଭାବେ ବାନ୍ଧି ହୋଇଗଲେ ସୁରକ୍ଷିତ ପାତ୍ରରେ ରଖନ୍ତୁ । ଏହା ଖୁବ୍ ନରମ । ତେଣୁ ଟିକେ ଅଧିକ ଚାପ ଦେଲେ ଭାଙ୍ଗିଯାଇପାରେ । ତେଣୁ ସାବଧାନ ସହକାରେ ରଖିବେ । ବେସନ ଲଡୁକୁ ଏକ ସପ୍ତାହ ପର୍ଯ୍ୟନ୍ତ ରଖି ଖାଇହେବ ।

## ଝରଣାର ଶବ୍ଦରେ ମନ ପ୍ରଫୁଲ୍ଲିତ କରୁଛି ଗଡ଼ଚଣ୍ଡୀ ପୀଠ



ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା। ପ୍ରକୃତି ରାଣୀର ଅନେକ ଅପୂର୍ବ ସୃଷ୍ଟି ଏଠାରେ ଦେଖିବାକୁ ମିଳେ। ଯେଉଁଥିପାଇଁ ରାଜ୍ୟ ତଥା ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଛୁଟିଆସନ୍ତି ଏଠାକୁ , ଆଉ ଉପଭୋଗ କରନ୍ତି ପରିବେଶରେ ଅପରୂପ ସୁନ୍ଦରତାକୁ । ଏହି ସବୁ ଭିତରେ ରାଜ୍ୟରେ ଅନେକ ପର୍ଯ୍ୟଟନ ସ୍ଥଳୀ ରହିଛି ଯେଉଁଠାରେ ସବୁଜ ପରିବେଶ ଭରପୂର ମାତ୍ରାରେ ଭରି ହୋଇରହିଛି। ତା ସାଙ୍ଗକୁ କୂଳୁ କୂଳୁ ଝରଣାର ଶବ୍ଦ ମନକୁ ପ୍ରଫୁଲ୍ଲିତ କରୁଛି। ଏମିତି ଏକ ସ୍ଥାନ ରହିଛି କେନ୍ଦୁଝର ଜିଲ୍ଲାରେ। ଜିଲ୍ଲାର ଆନନ୍ଦପୁର ସଦର ମହକୁମା ଠାରୁ ୨୫ କିଲୋମିଟର ଦୂରରେ ଅବସ୍ଥିତ ପସିଦ୍ଧ ଗଡ଼ଚଣ୍ଡୀ ମନ୍ଦିର।

ବଉଳା ପାହାଡ଼ ପାଦଦେଶରେ ସୁନାଘାଇ ଝରଣାର କୂଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶରେ ଅବସ୍ଥିତ ଏହି ମନ୍ଦିର। ଏହି ମନ୍ଦିରରେ ଅଷ୍ଟଭୂଜା ଦେବୀ ଦୁର୍ଗା ମୂର୍ତ୍ତି, ମା ଗଡ଼ଚଣ୍ଡୀ ରୂପେ ପୂଜା ପାଇ ଆସୁଛନ୍ତି। ପ୍ରକୃତିର ଅପରୂନ ସୌନ୍ଦର୍ଯ୍ୟରେ ଭରା ଏହି ପୀଠକୁ ନିଜେ ନଦେଖାଇଲେ ବିଶ୍ୱାସ କରିହେବ ନାହିଁ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ଗଡ଼ଚଣ୍ଡୀ ପୀଠ କାହିଁ କେଉଁ ଆବହମାନ କାଳରୁ ଏହି ପାହାଡ଼ ର ପ୍ରତିଷ୍ଠିତ ହୋଇଛି। ଏହି ପୀଠରେ ଦେବୀ ଦୁର୍ଗାଙ୍କ ମୂର୍ତ୍ତି ଛଡ଼ା କାର୍ତ୍ତିକ, ଗଣେଶ ଶିବଲିଙ୍ଗ, ବୌଦ୍ଧ ଓ ଜୈନ ମୂର୍ତ୍ତିମାନ ଦେଖିବାକୁ ମିଳିଥାଏ। ପୂର୍ବରୁ ଏହି ଅଂଚଳରୁ ଅନେକ ଜୈନ ଓ ବୌଦ୍ଧ ମୂର୍ତ୍ତି ଉଦ୍ଧାର ହୋଇ ରାଜ୍ୟ ସଂଗ୍ରହାଳୟରେ ସ୍ଥାନ ପାଇଛି। ତେଣୁ ଅନୁମାନ କରାଯାଏ ଏଠାରେ ଏକ ପୁରାତନ ସଭ୍ୟତା ଥିଲା।



## ଫ୍ରିଜରେ ରଖନ୍ତୁ ନାହିଁ ଏହି ଜିନିଷ

ଆମେ ସମସ୍ତେ ଭଲ ଭାବେ ଜାଣିଛନ୍ତି ଯେ ଦ୍ରବ୍ୟକୁ ଫ୍ରିଜରେ ସୁରକ୍ଷିତ ଭାବେ ରଖାଯାଇପାରିବେ,କିନ୍ତୁ ଏହାର ମାନେ ନୁହେଁ ଯେ ସମସ୍ତ ଦ୍ରବ୍ୟକୁ ଫ୍ରିଜରେ ରଖାଯିବ। ବେଳେବେଳେ ଆମକୁ ସୁହାଉଥିବା ଭଳି ଅଭ୍ୟାସ ମଧ୍ୟ ଆମ ଅଜଣାତରେ ନୂଆ ସମସ୍ୟା ସୃଷ୍ଟି କରିଥାଏ । କେଉଁ ଦ୍ରବ୍ୟକୁ ଫ୍ରିଜରେ ରଖାଗଲେ ଆମ ସ୍ୱାସ୍ଥ୍ୟ ପ୍ରଭାବିତ ହେବ ସେ ସଂପର୍କରେ ଆସନ୍ତୁ ଜାଣିନେବା ।

ଅଧିକାଂଶ ଲୋକ ଫ୍ରିଜରେ ଟମାଟୋ ରଖନ୍ତି । ଟମାଟୋ ଏକ ପରିବା ନୁହେଁ ଏହା ଏକ ଫଳ । ଏହା ଅଧିକ ଗରମ ଏବଂ ପାଣି ଲୋଡ଼ିଥାଏ। ପାଗ ଥଣ୍ଡା ହେଲେ ଏହା ସମ୍ଭାଳି ପାରିନଥାଏ । ଶୀଘ୍ର ପଚିଯାଏ । ଭିନେଗାର ଓ ସୋୟା ସସକୁ ଫ୍ରିଜରେ ରଖନ୍ତୁ ନାହିଁ। ଏହାକୁ ସୁରକ୍ଷିତ ପାଇଁ ଫ୍ରିଜର ଆବଶ୍ୟକତା ନଥାଏ । କେତେକ ଗୃହିଣୀ କାଟିଲା ବେଳେ ଆଖିରୁ ଲୁହ ବାହାରିବନି ବୋଲି ଜାଣି ପିଆଜକୁ ଫ୍ରିଜରେ ରଖନ୍ତି । ପିଆଜ ଫ୍ରିଜରେ ରହିଲେ ଶୀଘ୍ର ପଚିବାର ସମ୍ଭାବନା ରହିଛି । ପିଆଜ ରହୁଥିବା ଫ୍ରିଜରୁ ଦୁର୍ଗନ୍ଧ ହୁଏ । କାକୁଡ଼ିକୁ ଫ୍ରିଜରେ ରଖିଲେ ଏଥିରେ ଥିବା ଆଣ୍ଟିଅକ୍ସିଡ଼େଣ୍ଟ ନଷ୍ଟ ହୋଇଥାଏ । ମହୁକୁ ଫ୍ରିଜରେ ରହିଲେ ଏହା ଦାନା ବାନ୍ଧି ଯାଏ । ସ୍ୱାଦ ବଦଳିଯାଏ ।ରଙ୍ଗରେ ପରିବର୍ତ୍ତନ ଘଟିଥାଏ । ଆଳୁକୁ ଫ୍ରିଜରେ ରଖିଲେ ଏହାର ସ୍ୱାଦ ମିଠା ହୋଇଥାଏ ଏବଂ ପଚିଯାଏ । ଏହା ପାଖରେ ଥିବା ଅନ୍ୟ ଫଳ ଓ ପରିବାକୁ ନଷ୍ଟ କରିଦିଏ । କଫିକୁ କେବେ ବି ଫ୍ରିଜରେ ରଖନ୍ତୁ ନାହିଁ। ସ୍ୱାଦ ଓ ସୁଗନ୍ଧ ବଦଳିଯିବ ।



## ବୈଦିକ ଦାହ ସଂସ୍କାର ପରମ୍ପରା

ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ରହିଛି ଯେ ଯେଉଁ ବ୍ୟକ୍ତି ସୂର୍ଯ୍ୟଙ୍କ ଉତ୍ତର ଦିଗ ଆଡ଼କୁ ଗମନ (ଉତ୍ତରାୟଣ ହେବା ସମୟରେ) ସମୟରେ ମୃତ୍ୟୁବରଣ କରିଥାଏ କିମ୍ବା ଅନ୍ୟ କୌଣସି ଶୁଭ ନକ୍ଷତ୍ର ଏବଂ ମୁହୂର୍ତ୍ତରେ ମରିଥାଏ ସେ ପୁଣ୍ୟଲାଭ କରି ସ୍ୱର୍ଗ ପ୍ରାପ୍ତି କରେ । ମୃତ୍ୟୁ ଯୁଗ ଯୁଗ ଧରି ଏକ ରହସ୍ୟ ପାଲଟିଛି । ଏହି ରହସ୍ୟ ଆଜି ମଧ ଜାରି ରହିଛି ।

ବୈଦିକ ପରମ୍ପରାରେ ଥିବା ବିଶ୍ୱାସ ଅନୁଯାୟୀ, ଶରୀର ପଞ୍ଚଭୂତ ଅର୍ଥାତ୍ ଅଗ୍ନି, ବାୟୁ, ଜଳ, ପୃଥିବୀ ଏବଂ ଆକାଶ ତତ୍ତ୍ୱରୁ ସୃଷ୍ଟି ହୋଇଥାଏ । ତେଣୁ ଶରୀରରୁ ଆତ୍ମା ତ୍ୟାଗ କରି ଚାଲିଯିବା ପରେ ହିନ୍ଦୁ ଧର୍ମୀୟ ମାନ୍ୟତା ଅନୁଯାୟୀ, ଶବରେ ଅଗ୍ନି ସଂଯୋଗ କରି ଦାହସଂସ୍କାର କରାଯାଏ ।

ଏପରି କରିବା ପଛରେ କାରଣଟି ହେଉଛି ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ଶରୀରରେ ଥିବା ହାନିକାରକ କୀଟାଣୁ ଅଗ୍ନିରେ ପୋଡ଼ି ହୋଇ ନଷ୍ଟ ହୋଇଯାଆନ୍ତି । ଏହାଦ୍ୱାରା ପରିବେଶ ସୁରକ୍ଷିତ ରହିଥାଏ । ଏଥିସହିତ ଶରୀର ଅଗ୍ନିରେ ଦାହ ହେବା କାରଣରୁ ପୁଣିଥରେ ପଞ୍ଚଭୂତରେ ଲୀନ ହୋଇଯାଏ । ବୈଦିକ କାଳରେ ଶବ ଦାହ କରିବା ସମୟରେ ଅନେକ ମନ୍ତ୍ର



ଉଚ୍ଚାରଣ କରାଯାଉଥିଲା । ଏହିସବୁ ମନ୍ତ୍ର ଅଥର୍ବ ବେଦରେ ଉଲ୍ଲେଖ ରହିଛି । ଚିତା ଜଳାଯିବା ସହିତ ଅଗ୍ନିକୁ ପ୍ରଜ୍ୱଳିତ କରିବା ଲାଗି ଏହିସବୁ ମନ୍ତ୍ର ଉଚ୍ଚାରଣ କରାଯାଉଥିଲା ।

## ଆସନ୍ତୁ ଯିବା ଛତିଶଗଡ଼ କି ଗଙ୍ଗା



ବରଗଡ଼ ବୁଲି ଗଲେ ସେଠାରେ ଅନେକ ପର୍ଯ୍ୟଟନ ସ୍ଥଳୀ ଦେଖିବାକୁ ପାଇବେ। ଆଉ ସେହି ସବୁ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ବରଗଡ଼ର ନୃସିଂହନାଥ ପୀଠ ଅନ୍ୟତମ।

କିପରି ଯିବେ

ବରଗଡ଼ ସହର ୬ ନଂ ଜାତୀୟ ରାଜପଥ ଦେଇ ସୋହେଲା ରାସ୍ତାରେ ଆପଣ ଯାଇପାରିବେ। ଏହାଠୁ ପ୍ରାୟ ୨୮ କି.ମି ଗଲା ପରେ ସୋହେଲା ପଡ଼ିବ। ସେହି ସ୍ଥାନରୁ ପଦ୍ମପୁର ରାସ୍ତା ଦେଇ ଗଲେ ନୃସିଂହ ନାଥଙ୍କ ପୀଠ ପଡ଼ିବ।

ତେବେ ବରଗଡରୁ ନୃସିଂହ ନାଥଙ୍କ ପୀଠକୁ ଯିବାକୁ ହେଲେ ଆପଣଙ୍କୁ ୧୧୩ କିମି ଯିବାକୁ ପଡ଼ିବ। ରାଜଧାନୀ ଭୁବନେଶ୍ୱରରୁ ୫୫ ନଂ ଜାତୀୟ ରାଜପଥ ଦେଇ ଗଲେ ଏହା ପ୍ରାୟ ୩୧୮ କି.ମି। ଆପଣ ସେଠାକୁ ଟ୍ରେନ କିମ୍ବା ଟ୍ୟାକ୍ସିରେ ଯାଇପାରିବେ।

ନୃସିଂହନାଥଙ୍କ ପୀଠ

ଜଗତର କଲ୍ୟାଣ ପାଇଁ ଭାଗବାନ ଅନେକ ରୂପରେ ଧରାପୃଷ୍ଠରେ ଅବତରଣ କରିଥାନ୍ତି। କେତେବେଳେ ବାମନ ରୂପରେ ତ ଆଉ କେତେବେଳେ ବରାହ ରୂପରେ। ସେହି ମନ୍ଦିରରେ କିନ୍ତୁ ଆପଣ ଠାକୁରଙ୍କୁ ଅଲଗା ରୂପରେ ଦେଖିବାକୁ ପାଇବେ। ସେଠାରେ ନୃସିଂହନାଥଙ୍କ ଶରୀର ସିଂହ ଭଳି ଏବଂ ମୁଖମଣ୍ଡଳ ବିରାଡ଼ି ସଦୃଶ ରହିଛି।

କାହିଁ କେଉଁ ଆଦିମ କାଳରୁ ମହାପ୍ରଭୁ ଏଠାରେ ପୂଜା ପାଇ ଆସୁଛନ୍ତି। ଐତିହାସିକ ମତରେ ପାଟଣାଗଡ଼ ରାଜା ୧୪୧୩ ଶତାବ୍ଦିର ଏହି ସୁନ୍ଦର ମନ୍ଦିର ନିର୍ମାଣ କରିଥିଲେ। ଆପଣ ସେଠାକୁ ଗଲେ ପୂରାତନ ନିଦର୍ଶନର ଚିତ୍ରକଳା ସାଙ୍ଗକୁ ଓଡ଼ିଆ କାରିଗରଙ୍କ ସୁକ୍ଷ୍ମ କାରୁକାର୍ଯ୍ୟ ଦେଖିବାକୁ ପାଇବେ।

ବିଭିନ୍ନ ଦେବାଦେବୀ ପଶୁପକ୍ଷୀ ଆଦିଙ୍କ ନିଖୁଣ ମୂର୍ତ୍ତିକୁ ଆପଣ ଏବେ ମଧ୍ୟ ସେଠାରେ ଦେଖିବାକୁ ପାଇବେ। ସେଠାକାର ଏହି ଦୃଶ୍ୟକୁ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ।

ପୀଠରେ ଦିନକୁ ଦିନ ଥର ହରିହର ପଙ୍ଗତ ହୋଇଥାଏ। ଆବାଳ ବୃଦ୍ଧ ବନୀତା ନୃସିଂହନାଥଙ୍କ ପ୍ରସାଦକୁ ବିନା ମୂଲ୍ୟରେ ସେବନ କରିବାର ନୀତି ରହିଛି।

ନୃସିଂହନାଥ ପୀଠ ଆପଣ ବୁଲି ଗଲେ ସେଠାରେ ଆଉ ଏକ ମନୋରାମ ଦୃଶ୍ୟ ମଧ୍ୟ ଆପଣ ଦେଖିବାକୁ ପାଇବେ। ସେଠାରେ ଏକ ଝରଣା ମଧ୍ୟ ପ୍ରବାହିତ ହେଉଛି। ସେହି ଝରଣାକୁ ପାଗ ହାରିଣୀ ବୋଲି କୁହାଯାଏ। ଏହି ଝରଣାର ଜଳ ଗଙ୍ଗା ଭଳି ପବିତ୍ର। ଆଉ ଏହାକୁ ଛତିଶଗଡ଼ କି ଗଙ୍ଗା ବୋଲି ମଧ୍ୟ କୁହାଯାଏ।

ସେଠାରେ ଲମ୍ବା ଲମ୍ବା ଗଛ ସାଙ୍ଗକୁ ବିରାଟ କାନ୍ଥ ସଦୃଶ ପଥୁରିଆ ରାସ୍ତା ଦେଇ ଗଲେ ଭୀମଧାର ନାମକ ଜଳପ୍ରପାତକୁ ଆପଣ ଦେଖିବାକୁ ପାଇବେ। ସେହି ଛୋଟିଆ ଜଳପ୍ରପାତ ଦେଖିଲେ ତାହା ଖଣ୍ଡାଧାରର ଛୋଟିଆ ରୂପ ପରି ଆପଣଙ୍କୁ ଲାଗିବ ନିଶ୍ଚିୟ।

ଏଠାରେ ଆପଣ ଦୀର୍ଘ ୨୦ ଫୁଟ ଉପରୁ ତଳକୁ ଲମ୍ଫ ମାରୁଥିବା ଜଳରାଶି ଦେଖିବାକୁ ପାଇବେ। ସେହି ସ୍ଥାନରେ ଥରେ ପହଞ୍ଚିଲେ ଆପଣଙ୍କ ମନ କେବେବି ଆସିବାକୁ ଇଚ୍ଛା ହେବ ନାହିଁ।

## ନୂଆ ଜୋତା ପିନ୍ଧିଲେ ଫୋଟକା ସୃଷ୍ଟି ହେଉଛି କି ?

ନୂଆ। ଜୋତା ବା ସାଣ୍ଡାଲ୍ ପିନ୍ଧିବା ପରେ ବେଳେବେଳେ ଏମିତି ହୋଇଥାଏ କି ପାଦ କଟି ଯାଇଥାଏ । ଯୋତା ଦ୍ୱାରା ପାଦ କାଟିବା ଦ୍ୱାରା ଚର୍ମ ଛାଡିଯାଏ । ଅନେକ ଥର ପାଦରୁ ଚର୍ମ ଛାଡି ଚିହ୍ନ ହୋଇଯାଏ ଏବଂ ଏଥିରେ ପାଦ ଖରାପ ହୋଇଯାଏ । ଏହା



ଆପଣଙ୍କୁ ଖୁବ୍ ଅସୁବିଧାରେ ପକାଇଥାଏ । ଏହି ଅସୁବିଧାକୁ ଦୂର କରିବା ପାଇଁ କିଛି ଘରୋଇ ଉପଚାର କରିପାରିବେ ।

- ପେଟ୍ରୋଲିୟମ ଜେଲି ଲଗାନ୍ତୁ: କୌଣସି ନୂଆ। ଯୋତା ପିନ୍ଧିବା ପୂର୍ବରୁ ଏହାର କଡରେ ପେଟ୍ରୋଲିୟମ ଜେଲି ଲଗାନ୍ତୁ । ଯାହାଦ୍ୱାରା ସେହି ସ୍ଥାନ କୋମଳ ହୋଇଥାଏ ଏବଂ ଆଉ ପାଦ କଟିନଥାଏ ।
- ଏଲୋବେରା : ଯଦି ଯୋତାରେ ପାଦ କଟିବା କାରଣରୁ ତ୍ୱଚରେ ଜ୍ୱଳନ ଆରମ୍ଭ ହୋଇଯାଏ, ଏଥିରେ ଅଲବେରା ରସ ଲଗାଇଦିଅନ୍ତୁ ।
- ବାଦାମ ଓ ଓଲିଭ୍: ବାଦାମକୁ ଗୁଣ୍ଡ କରି ଏଥିରେ ଓଲିଭ୍ ତେଲ ମିଶାଇ ପ୍ରଭାବିତ ତ୍ୱଚରେ ମାଲିସ୍ କରନ୍ତୁ । ଯେବେ ଚର୍ମ କୋମଳ ହୋଇଯାଏ ପାଦକୁ ଧୋଇ ଦିଅନ୍ତୁ ।
- କର୍ପୁର ଓ ନଡିଆ ତେଲ: ପାଦରେ ଚର୍ମ ଯଦି କୁଣ୍ଡାଇ ହେଉଛି କର୍ପୁର ଗୁଣ୍ଡରେ କିଛି ବୁନ୍ଦା ନଡିଅ। ତେଲ ମିଶାନ୍ତୁ । ଏହାକୁ କିଛି କିଛି ସମୟ ଅନ୍ତରରେ କ୍ଷତ ସ୍ଥାନରେ ଲଗାଇବା ଦ୍ୱାରା ଯନ୍ତ୍ରଣାରୁ ଉପଶମ ମିଳେ ।
- ଚାଉଳର ଉପଚାର: ଚାଉଳକୁ ଗୁଣ୍ଡ କରି ପେଷ୍ଟ ବନାନ୍ତୁ ଏବଂ ଏହାକୁ ପାଦର ବକଳ ଉପରେ ଲଗାନ୍ତୁ । ୧୫ ମିନିଟ୍ ଲଗାଇ ରଖିବା ପରେ ଯେତେବେଳେ ତାହା ଶୁଖି ଯିବ , ସେତେବେଳେ ପାଦକୁ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ ।
- ହଳଦୀ ଓ ନିମ୍ବ: ଯଦି ଯୋତା ଦ୍ୱାରା ପାଦରେ ଚର୍ମ ଛାଡୁଛି ଆଉ ଏହାର ଦାଗ ରହିଯାଉଛି ତ ଆପଣ ଚିନ୍ତା ନକରି ହଳଦୀ ଓ ନିମ୍ବର ପେଷ୍ଟ ଲଗାଇପାରିବେ । ଏହି ପେଷ୍ଟକୁ ୨୦ ମିନିଟ୍ ଯାଏ ଲଗାନ୍ତୁ। ଏହା ଚର୍ମକୁ ପୁରା ଶୁଖାଇ ଦେବା ଆଉ ଆପଣଙ୍କୁ ଆରାମ ଦେବ ।

# ଆଜିଠୁ ଦ୍ୱିତୀୟ ଟେଷ୍ଟ : କ୍ଲିନସୁଇପ୍ ଲକ୍ଷ୍ୟରେ ଭାରତ





ନୂଆ ଦିଲ୍ଲୀ: ଶୁଭମନ ଗିଲଙ୍କ ଅଧିନାୟକତ୍ୱରେ, ଟିମ୍ ଇଣ୍ଡିଆ ପ୍ରଥମ ଟେଷ୍ଟ ସିରିଜ ଜିତିବାର ନିକଟତର ହୋଇଛି। ଭାରତ ବନାମ ୱେଷ୍ଟଇଣ୍ଡିଜ୍ ଟେଷ୍ଟ ସିରିଜର ଦ୍ୱିତୀୟ ଏବଂ ଅନ୍ତିମ ମ୍ୟାଚ୍ ଶୁକ୍ରବାର ଦିଲ୍ଲୀର ଅରୁଣ ଜେଟଲି କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ଟିମ୍ ଇଣ୍ଡିଆ ସିରିଜରେ ୧-୦ରେ ଆଗୁଆ ଅଛି,ଯଦି ଦ୍ୱିତୀୟ ଟେଷ୍ଟ ଡ୍ରରେ ଶେଷ ହୁଏ, ତେବେ ମଧ୍ୟ ଭାରତ ସିରିଜ ଜିତିବ ତଥାପି ପୂର୍ବ ରେକର୍ଡ ଅନୁଯାୟୀ, ଏହି ଷ୍ଟାଡିୟମରେ ଦୁଇ ଦଳ ସାତ ଥର ଟେଷ୍ଟରେ ମୁହାଁମୁହିଁ ହୋଇଛନ୍ତି । ଏଥିରେ ୱେଷ୍ଟଇଣ୍ଡିଜ୍ ଭାରତ ଅପେକ୍ଷା ଅଧିକ ମ୍ୟାଚ୍ ଜିତିଛି ଅର୍ଥାତ ଦିଲ୍ଲୀ ଷ୍ଟାପିୟମରେ ଭ୍ରମଣକାରୀ ଦଳର ପଲ୍ଲା ଭାରି ରହିଛି ।

ଭାରତୀୟ ଦଳର ସହାୟକ କୋଚ୍ ରାୟନ ଟେନ ଡୋଏଶେ କହିଛନ୍ତି, ଭାରତ ସମ୍ଭବତଃ ବିନା କୌଣସି ପରିବର୍ତ୍ତନରେ ଦିଲ୍ଲୀ ଟେଷ୍ଟ ମ୍ୟାଚ୍ ଖେଳିବ । ବୋଲିଂ ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀଙ୍କୁ ବଢିବା ପାଇଁ ସୁଯୋଗ ଦିଆଯିବ। ତାଙ୍କର କହିବା କଥା ବିଦେଶ ମାଟିରେ ନୀତିଶଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ରହିଛି ତେଣୁ ଦଳ ପ୍ରବନ୍ଧକ ତାଙ୍କୁ ଆହୁରି ସୁଯୋଗ ଦେବେ। ମ୍ୟାଚ୍ ପୂର୍ବର ସାମ୍ବାଦିକ ସମ୍ମିଳନୀରେ ରାୟନ ଟେନ ଡୋଏଶେ କହିଛନ୍ତି, ଚୂଡାନ୍ତ ଏକାଦଶରେ ସମ୍ଭାବନା କମ ଲାଗୁଛି। ଆମର ଉଦ୍ଦେଶ ଭାରତକୁ ଏକ ଦ୍ରୁତ ବୋଲର ଅଲରାଉଣ୍ଡର ପ୍ରସ୍ତୁତ କରିବା ।ଯେବେ ଆମେ ବିଦେଶ ଗସ୍ତ କରୁଛୁ। ଏହା ବହୁତ ଜରୁରୀ ହୋଇ ପଡେ। ଗତ ସପ୍ତାହରେ ଆମେ ନୀତିଶଙ୍କ ଉପରେ ଅଧିକ ଧ୍ୟାନ ଦେଇ ନ ଥିଲୁ। ଏଥିପାଇଁ ମୋତେ ଲାଗୁଛି ନୀତିଶଙ୍କୁ ଆଉ ଏକ ସୁଯୋଗ ଦେବା ଦରକାର ।ଏହା ବାଦ୍ ଦଳରେ ଆଉ କୌଣସି ପରିବର୍ତ୍ତନର ସମ୍ଭାବନା ନାହିଁ ।ଅରୁଣ ଜେଟଲି ଷ୍ଟାଡିୟମରେ ଉଭୟ ଦଳ ମଧ୍ୟରେ ମୋଟ ୭ ମ୍ୟାଚ୍ ଖେଳାଯାଇଥିବାବେଳେ ଭାରତ ୧ରେ ବିଜୟୀ: ୧ ,ଓ୍ୱେଷ୍ଟଇଣ୍ଡିଜ ୨ଟିରେ ବିଜୟୀ ହୋଇଛନତି ଓ ୪ ମ୍ୟାଚ ଡ୍ର' ରହିଛି ।ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ନଭେମ୍ବର ୧୯୪୮ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍ ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ହୋଇଥିଲା ଏବଂ ମ୍ୟାଚ୍ ଡ୍ର ରହିଥିଲା। ଏହି ଷ୍ଟାଡିୟମରେ ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଫେବୃଆରୀ ୧୯୫୯ରେ ଖେଳା ଯାଇଥିଲା ଏବଂ ଏହି ଟେଷ୍ଟ ବି ଡ୍ର ରହିଥିଲା ।ଦିଲ୍ଲୀରେ ଦୁଇ ଦଳ ମଧ୍ୟରେ ତୃତୀୟ ଟେଷ୍ଟ ମ୍ୟାଚ୍ ଡିସେମ୍ବର ୧୯୭୪ରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୱେଷ୍ଟଇଣ୍ଡିଜ୍ ଭାରତକୁ ଏକ ଇନିଂସ ଏବଂ ୧୭ ରନ୍ରେ ପରାସ୍ତ କରିଥିଲା ଏହା ପରେ, ଦୁଇ ଦଳ ମଧ୍ୟରେ ପରବର୍ତ୍ତୀ ଦୁଇଟି ଟେଷ୍ଟ (୧୯୭୯ ଏବଂ ୧୯୮୩) ଡ୍ରରେ ଶେଷ ହୋଇଥିଲା ନଭେମ୍ବର ୧୯୮୭ରେ ଅରୁଣ ଜେଟଲି ଷ୍ଟାଡିୟମ୍ରେ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଥର ପାଇଁ ଭାରତକୁ ପରାସ୍ତ କରିଥିଲା ୱେଷ୍ଟଇଣ୍ଡିଜ୍ ଏହି ଟେଷ୍ଟକୁ ୫ ୱିକେଟରେ ଜିତିଥିଲା। ଶେଷ ଥର ପାଇଁ ଦୁଇ ଦଳ ଦିଲ୍ଲୀରେ ପରସ୍ପରର ନଭେମ୍ବର ୨୦୧୧ରେ ଭେଟିଥିଲେ । ଏହି ମ୍ୟାଚରେ ଭାରତୀୟ କ୍ରିକେଟ୍ ଦଳ ଅରୁଣ ଜେଟଲି ଷ୍ଟାଡିୟମରେ ପ୍ରଥମ ଥର ପାଇଁ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଭାରତ ସେହି ମ୍ୟାଚ୍ ୫ ୱିକେଟରେ ଜିତିଥିଲା। ଗୌତମ ଗମ୍ଭୀର, ଯିଏ ବର୍ତ୍ତମାନ ଭାରତୀୟ ଦଳର ପ୍ରଶିକ୍ଷକ ଅଛନ୍ତି, ସେ ଏହି ମ୍ୟାଚ୍ ଖେଳୁଥିଲେ।

## ଯୁବ ଟେଷ୍ଟରେ ରେକର୍ଡ କଲା ଭାରତ

ନୂଆଦିଲ୍ଲୀ,୯।୧୦: ଭାରତର ୧୯ ବର୍ଷରୁ କମ ଦଳ ଅଷ୍ଟ୍ରେଲିଆକୁ ତାଙ୍କ ନିଜ ପଡ଼ିଆରେ ପରାସ୍ତ କରି ଇତିହାସ ରଚିଛି। ଆୟୁଷ ମହାତ୍ରେଙ୍କ ଅଧିନାୟକତ୍ୱରେ, ଭାରତୀୟ ଯୁବ ଦଳ ଦୁଇ ମ୍ୟାଚ ବିଶିଷ୍ଟ ଯୁବ ଟେଷ୍ଟ ସିରିଜ ୨-୦ରେ ଜିତିଛି। ଏହି ବିଜୟକୁ ସ୍ୱତନ୍ତ୍ର କାରଣ ଏହି ମ୍ୟାଚ୍ରେ କେବଳ ୮୮୬ ବଲ ପର୍ଯ୍ୟନ୍ତ ଖେଳାଯାଇଥିଲା। ଅର୍ଥାତ୍ ଟିମ ଇଣ୍ଡିଆ। ଦୁଇ ଦିନ ମଧ୍ୟରେ ମ୍ୟାଚ ଜିତିଥିଲା ।ଏହିପରି, ଭାରତ ୩୦ ବର୍ଷର ପୁରୁଣା ରେକର୍ଡ ଭାଙ୍ଗି ସବୁଠାରୁ କମ ବଲରେ ଯୁଥ୍ ଟେଷ୍ଟ ମ୍ୟାଚ ଜିତିବାର ଏକ ନୂତନ ରେକର୍ଡ ସ୍ଥାପନ କରିଛି।

ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆର ବ୍ୟାଟିଂ ଅତ୍ୟନ୍ତ ଦୁର୍ବଳ ଥିଲା। ସେମାନଙ୍କର ଦଳ ପ୍ରଥମ ଇନିଂସରେ କେବଳ ୧୩୫ ରନ କରିପାରିଥିଲା, ଯେଉଁଥିରେ ଉଇକେଟକିପର ଆଲେକ୍ସ ଲି ୟଙ୍ଗ ୬୬ ରନ କରିଥିଲେ। ଦ୍ୱିତୀୟ ଇନିଂସରେ, ସମଗ୍ର ଦଳ ୧୧୬ ରନରେ ଅଲଆଉଟ ହୋଇଯାଇଥିଲା। ଭାରତକୁ ବିଜୟ ପାଇଁ କେବଳ ୮୧ ରନ ଆବଶ୍ୟକ ଥିଲା, ଯାହାକୁ ସେମାନେ ସହଜରେ ତିନୋଟି ଉଇକେଟ ହରାଇ ହାସଲ କରିଥିଲେ। ଏହି ବିଜୟ ସହିତ, ଭାରତ ୧୯୯୫ରେ ୱେଷ୍ଟଇଣ୍ଡିଜର ରେକର୍ଡ ଭାଙ୍ଗିଥିଲା ସେମାନେ ଫୈସଲାବାଦରେ ପାକିସ୍ତାନକୁ ୯୯୨ ବଲରେ ପରାସ୍ତ କରିଥିଲେ। ଭାରତ ଏବେ ମାତ୍ର ୮୮୬ ବଲ୍ରେ ଏକ ଯୁଥ୍ ଟେଷ୍ଟ ଜିତିବାର ଗୌରବ ହାସଲ କରିଛି।

# ରିଙ୍କୁ ସିଂହଙ୍କୁ ଅଣ୍ଡରୱାର୍ଲ୍ଡର ହତ୍ୟା ଧମକ

ନୂଆଦିଲ୍ଲୀ,୯।୧୦: ଷ୍ଟାର କ୍ରିକେଟର ରିଙ୍କୁ ସିଂହଙ୍କୁ ହତ୍ୟା ଧମକ ଅଣ୍ଡରୱାର୍ଲ୍ଡ ପକ୍ଷରୁ ରିଙ୍କୁ ସିଂହଙ୍କୁ ହତ୍ୟା ଧମକ ମିଳିଛି। ୫ କୋଟି ଟଙ୍କା ନ ଦେଲେ ରିଙ୍କୁ ସିଂହଙ୍କୁ ହତ୍ୟା କରାଯିବ

**ମାଗିଥିଲେ ୫ କୋଟି**



ବୋଲି ଡି କମ୍ପାନୀ ପକ୍ଷରୁ ରିଙ୍କୁ ସିଂହଙ୍କୁ ଫୋନ କରି ଧମକ ଦିଆଯାଇଛି। ରିଙ୍କୁ ସିଂହଙ୍କୁ ହତ୍ୟା ଧମକ ମିଳିଥିବା ଖବରକୁ ମୁମ୍ବାଇ ପୁଲିସ୍ର କ୍ରାଇମବ୍ରାଞ୍ଚ ନିଶ୍ଚିତ କରିଛି।

ବର୍ତ୍ତମାନ ସୁଦ୍ଧା ହୋଇଥିବା ତଦନ୍ତରୁ ଜଣାପଡ଼ିଛି ଯେ କୁଖ୍ୟାତ ଦାଉଦ ଇବ୍ରାହିମ ଗ୍ୟାଙ୍ଗ ବା ଡି କମ୍ପାନୀ ପକ୍ଷରୁ ରିଙ୍କୁ ସିଂହଙ୍କୁ ୩ ଥର ଟଙ୍କା ପାଇଁ ଧମକ ଦିଆଯାଇଛି ଫେବୃଆରୀରୁ ଏପ୍ରିଲ ୨୦୨୫ ମଧ୍ୟରେ ୫ କୋଟି ଟଙ୍କା ପାଇଁ ରିଙ୍କୁ ସିଂହଙ୍କୁ ଧମକ ମିଳିଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରିଙ୍କୁ ସିଂହଙ୍କୁ ଟଙ୍କା ପାଇଁ ଧମକ ମିଳିବା ଘଟଣାରେ ପୁଲିସ୍ ୨ ଜଣଙ୍କୁ ଗିରଫ କରିଛି ।

ମହମ୍ମଦ ଦିଲଶାଦ ଓ ମହମ୍ମଦ ନବୀଦଙ୍କୁ ପ୍ରଥମେ ୱେଷ୍ଟଇଣ୍ଡିଜରୁ ଗିରଫ କରାଯାଇଥିଲା। ଇଣ୍ଟରପୋଲ ସହାୟତାରେ ଏପରି ଗିରଫଦାରୀ କରାଯାଇଥିଲା ଗିରଫ ପରେ ଅଗଷ୍ଟ ୧ରେ ଭାରତୀୟ ଅଧିକାରୀଙ୍କୁ ସେଠାକାର ପୁଲିସ୍ ଉଭୟଙ୍କୁ ହସ୍ତାନ୍ତର କରିଛି ।ପୂର୍ବରୁ ଏହି ୨ ଜଣଙ୍କୁ ଦବଂଗତ ବିଧାୟକ ବାବ ସିଦ୍ଦିକୀଙ୍କ ପୁଅ ଜୀଶାନ ସିଦ୍ଦିକୀଙ୍କୁ ୧୦ କୋଟି ଟଙ୍କାର ବଟି ମାଗିବା ଘଟଣାରେ ଗିରଫ କରାଯାଇଥିଲା ସେମାନଙ୍କୁ ଜେରା କରିବା ବେଳେ ଜଣେ ଅଭିଯୁକ୍ତ ପୁଲିସ୍ ଆଗରେ ରିଙ୍କୁ ସିଂହଙ୍କୁ ମଧ୍ୟ ଟଙ୍କା ଦେବାକୁ ଧମକ ଦେଇଥିବା ସ୍ୱୀକାର କରିଛି ଏବେ ପୁଲିସ୍ ଘଟଣାର ଅଧିକ ତଦନ୍ତ କରୁଛି ।

ନିକଟରେ ଭାରତୀୟ କ୍ରିକେଟ() ଟିମ ଏସିଆ। କପ ଜିତିଥିଲା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ରିଙ୍କୁ ସିଂହ ନଜର ଆସିଥିଲେ ସେ ପାକିସ୍ତାନ ବିପକ୍ଷ ଫାଇନାଲରେ ଚୌକା ମାରି ଭାରତକୁ ବିଜୟ ଭେଟି ଦେଇଥିଲେ। ଏହା ଟୁର୍ଣ୍ଣାମେଣ୍ଟରେ ରିଙ୍କୁଙ୍କ ପ୍ରଥମ ମ୍ୟାଚ୍ ହୋଇଥିବା ବେଳେ ସେ ଫାଇନାଲରେ ଗୋଟିଏ ବଲ ସାମ୍ନା କରି ଚୌକା ମାରିଥିଲେ । ଏହାପୂର୍ବରୁ ଭାରତ ଏସିଆ। କପ ଗ୍ରୁପ ଓ ସୁପର ୪ରେ ୩ଟି ଲେଖାଏ ମ୍ୟାଚ୍ ଖେଳିଥିଲେ ହେଁ ରିଙ୍କୁ ସୁଯୋଗ ପାଇ ନଥିଲେ ଫାଇନାଲ ମ୍ୟାଚ୍ ପୂର୍ବରୁ ହାର୍ଦ୍ଦିକ ପାଣ୍ଡ୍ୟା ଆହତ ହେବାରୁ ରିଙ୍କୁ ସିଂହ ସୁଯୋଗ ପାଇଥିଲେ ଆଉ ଫାଇନାଲ ମ୍ୟାଚ୍ରେ ସେ ଚୌକା ମାରି ଭାରତକୁ ଜିତାଇ ଥିଲେ ।

# ମହିଳା ବିଶ୍ୱକପ୍: ଲଢ଼େଇ କରି ହାରିଲା ଭାରତ

ବିଶାଖାପାଟଣା,୯।୧୦: ମହିଳା ବିଶ୍ୱକପ୍ ୨୦୨୫ରେ ଭାରତୀୟ ଟିମ୍ ଦମଦାର ପ୍ରଦର୍ଶନ ସତ୍ତ୍ୱେ ଅଳ୍ପକେ ଦ.ଆଫ୍ରିକଠାରୁ ହାରିଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ରେ ଭାରତୀୟ ଦଳ ୨୫୧ ରନ୍ କରିଥିବାବେଳେ ଏନ୍ ଡି କ୍ଲାର୍କ ବିସ୍ଫୋରକ ଅପରାଜିତ ୮୪, ଭୋଲଭାର୍ଡଟଙ୍କ ୭୦ ଓ ଟ୍ରାୟନଙ୍କ ୪୯ ରନ୍ ବଳରେ ଦଳ ୪୮.୫ ଓଭରରେ ୭ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଛି।



ବିଶାଖାପାଟଣାରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା ଭାରତୀୟ ଦଳ ୪୯.୫ ଓଭରରେ ୨୫୧ ରନ୍ କରି ଅଲଆଉଟ୍ ହୋଇଛି। ଭାରତ ଏକଦା ୧ ୱିକେଟ ହରାଇ ୮୩ ରନ୍ କରିଥିବାବେଳେ ୧୦୨ ରନରେ ୬ ୱିକେଟ୍ ହରାଇଥିଲା। ଏହା ମଧ୍ୟରେ ପ୍ରତିକା ରାୱଲ ୩୭, ହର୍ଲିନ ଦେଓଲ ୧୩, ହରମନପ୍ରୀତ କୌର ୯, ଜେମିମା ରୋଡ୍ରିଗ୍ସେଜ ୦, ଦୀପ୍ତି ଶର୍ମା ୪ ରନ୍ କରି ଆଉଟ୍ ହୋଇଥିଲେ। ପରେ ଅମନଜିତ କୌର ୧୩ ରନ୍ କରିଥିଲେ। ଏହା ପରେ ରିଚା ଘୋଷ ୭୭ ବଲରୁ ୯୪ ରନ୍ କରି ଦଳକୁ ଭଲ ସ୍କୋର କରିବାରେ ସହାୟକ ହୋଇଛନ୍ତି। ରିଚା ଅମନଜୋତ କୌରଙ୍କ ସହିତ ୭ମ ୱିକେଟ୍ ପାଇଁ ୫୧ ରନ୍ ଏବଂ ସ୍ନେହ ରାଣାଙ୍କ ସହିତ ୮ମ ୱିକେଟ୍ ପାଇଁ ୮୮ ରନ୍ ଭାଗୀଦାରୀ କରିଥିଲେ ।ଦକ୍ଷିଣ ଆଫ୍ରିକା ପାଇଁ କ୍ଲୋଏ ଟ୍ରାୟନ୍ ୩ ୱିକେଟ୍ ନେଇଛନ୍ତି। ସେପଟେ ସ୍ମୃତି ମନ୍ଧାନା ଗୋଟିଏ କ୍ୟାଲେଣ୍ଡର ବର୍ଷରେ ରେ ସର୍ବାଧିକ ରନ ସ୍କୋରର ହୋଇଛନ୍ତି। ସେ ଅଷ୍ଟମ ଓଭରର ପ୍ରଥମ ବଲରେ ଛକା ମାରି ଚଳିତ ବର୍ଷ ୯୭୨ ରନ ସଂଗ୍ରହ କରିଛନ୍ତି। ସେ ୨୩ ରନ କରି ଆଉଟ ହୋଇଥିଲେ। ମନ୍ଧାନା ଅଷ୍ଟ୍ରେଲିଆର ବେଲିଣ୍ଡା କ୍ଲାର୍କଙ୍କ ୨୮ ବର୍ଷର ପୁରୁଣା ୯୭୦ ରନ ରେକର୍ଡକୁ ପଛରେ ପକାଇ ଦେଇଛନ୍ତି।

ଜବାବରେ ଭାରତ ଭଳି ଦକ୍ଷିଣ ଆଫ୍ରିକା ମଧ୍ୟ ବ୍ୟାଟିଂ ବିପର୍ଯ୍ୟର ସମ୍ମୁଖୀନ ହୋଇଥିଲା ଗୋଟିଏ ପଟେ ଅଧିନାୟିକା ଲୌରା ୱୁଲଭାର୍ଟ ଛିଡ଼ା ହୋଇଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଜାରି ରହିଥିଲା ।ଦଳ ୨୦ ଓଭର ମଧ୍ୟରେ ୮୧ ରନରେ ୫ ଉଇକେଟ ସଙ୍କଟରେ ପଡ଼ିଥିଲା ଅଧିନାୟିକା ଲୌରାଙ୍କ ସହ କ୍ଲୋ ଟ୍ରାଇଅନ ସପ୍ତମ ଉଇକେଟରେ ୬୧ ରନ ଯୋଡ଼ିଥିଲେ। ଲୌରା ୮ ଚୌକା ସହିତ ୭୦ ଓ ଟ୍ରାଇଅନ ୫ ଚୌକା ସହିତ ୪୯ ରନ କରି ଆଉଟ୍ ହୋଇଥିଲେ ଶେଷ ଆଡ଼କୁ ନାଡିନେ ଡି କ୍ଲର୍କ ୫୪ ବଲରେ ୮ ଚୌକା ଓ ୫ ଛକା ସହ ବିସ୍ଫୋରକ ୮୪ ରନର ପାଳି ଖେଳି ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ଦକ୍ଷିଣ ଆଫ୍ରିକା ୪୮.୫ ଓଭରରେ ୭ ଉଇକେଟ ହରାଇ ୨୫୨ ରନ କରି ନେଇଥିଲା ଭାରତ ପାଇଁ କ୍ରାନ୍ତି ଗୌଡ଼ ଓ ସ୍ନେହ ରାଣା ୨ ଲେଖାଏ ଉଇକେଟ ହାତେଇଥିଲେ।

## ଚକରା ବିଷୋୟୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ
# ଫାଇନାଲରେ ନରେଶ ଏକାଦଶ-ଆୟୋଜକ ମୁକାବିଲା

ଭଞ୍ଜନଗର,୯।୧୦: ଗଞ୍ଜାମ ଜିଲା ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳପଡ଼ିଆରେ ରାଜ୍ୟସ୍ତରୀୟ ଚକରା ବିଷୋୟୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲିଛି। ଗୁରୁବାର ଦୁଇଟି ସେମି ଫାଇନାଲ ମ୍ୟାଚ ହୋଇଥିଲା ଏଥିରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ । ଏଥିସହ ବିଧାୟକ ନାୟକ ତାଙ୍କ ଭାଷଣରେ କହିଥିଲେ ଯେ, ଆଗାମୀ ଦିନରେ ଜାତୀୟ ସ୍ତରର ମ୍ୟାଚ ଏଠାରେ କରାଯିବ। ଏଥିପାଇଁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍ଓ ହିମାଂଶୁ ଶେଖର ମହାନ୍ତି,ଭାଜପା ଭଞ୍ଜନଗର ସାଂଗଠନିକ ଜିଲା ସଭାପତି ନୀଳ ମାଧବ ପାତ୍ର, ଏମ୍ପି ପ୍ରତିନିଧି ଶିବଶଙ୍କର ପ୍ରଧାନ, ରବୀନ୍ଦ୍ର ଗୌଡ଼, କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ପ୍ରଥମ ସେମି ଫାଇନାଲ ମ୍ୟାଚ ଭଞ୍ଜନଗର ନରେଶ ଏକାଦଶ ଓ ବଉଦ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ଭଞ୍ଜନଗର ନରେଶ ଏକାଦଶ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଦିତୀୟ ସେମି ଫାଇନାଲ ମ୍ୟାଚ ଆୟୋଜକ ଭଞ୍ଜନଗର ଫୁଟବଲ କ୍ଲବ ସହ ଭୁବନେଶ୍ୱର ଫ୍ରେଣ୍ଡସ୍ ପାରାଡାଇଜ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଭଞ୍ଜନଗର ଫୁଟବଲ କ୍ଲବ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି ।

## ଆଇସିସି ଟେଷ୍ଟ ରାଙ୍କିଙ୍ଗରେ ଭାରତ ତୃତୀୟ

ନୂଆଦିଲ୍ଲୀ: ସଦ୍ୟତମ ଆଇସିସି ଟେଷ୍ଟ ମାନ୍ୟତାରେ ଅଷ୍ଟ୍ରେଲିଆ। ଶୀର୍ଷରେ ରହିଛି। ଦଳ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପର ଫାଇନାଲ୍ ହାରିଥିଲେ ମଧ୍ୟ ଦଳର ରାଙ୍କିଙ୍ଗରେ କୌଣସି ଫରକ ପଡିନାହିଁ ।ଦଳ ଏବେ ବି ୧୨୪ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛି। ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ବିଜେତା ଦକ୍ଷିଣ ଆଫ୍ରିକା ୧୧୫ ରେଟିଂ ସହ ଦ୍ୱିତୀୟ ସ୍ଥାନରେ ରହିଛି।ଏହା ପରେ ନମ୍ବର ତିନିରେ ରହିଛି ଇଂଲଣ୍ଡ ଏବଂ ଦଳର ରେଟିଂ ହେଉଛି ୧୧୨ । ଟିମ୍ ଇଣ୍ଡିଆ। ବର୍ତ୍ତମାନ ଆଇସିସି ଟେଷ୍ଟ ମାନ୍ୟତାରେ ଚତୁର୍ଥ ସ୍ଥାନରେ ରହିଛି।ଦଳର ରେଟିଂ ପଏଣ୍ଟ ୧୦୭ ରହିଛି । ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ଜିତିବା ପୂର୍ବରୁ ଦଳର ରେଟିଂ ଆହୁରି କମ ଥିଲା। ଆଉ ଦଳ ଦ୍ୱିତୀୟ ଟେଷ୍ଟ ଜିତିଲେ ରେଟିଂ ୧୦୮ ପଏଣ୍ଟକୁ ବୃଦ୍ଧି ଘଟିବ। ଦଳ ଦିଲ୍ଲୀ ଟେଷ୍ଟ ଜିତିଲେ ମଧ୍ୟ ରାଙ୍କିଙ୍ଗରେ। ଏହାର କୌଣସି ପ୍ରଭାବ ପଡିବ ନାହିଁ କାରଣ ୧୧୨ ପଏଣ୍ଟ ସହ ଇଂଲଣ୍ଡ ତୃତୀୟରେ ରହିଛି । ଭାରତୀୟ ଖେଳାଳି କେଏଲ ରାହୁଲ, ରବିନ୍ଦ୍ର ଜାଡ଼େଜା, ମହମ୍ମଦ ସିରାଜଙ୍କ ଉନ୍ନତି ହୋଇଛି। ୱେଷ୍ଟ ଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ସିରିଜ ମୋଟ୍ ୭ଟି ୱିକେଟ୍ ନେଇଥିଲେ। ଏହି ପ୍ରଦର୍ଶନ ବଳରେ ତାଙ୍କ ମାନ୍ୟତାରେ ୩ଟି ସ୍ଥାନ ଉନ୍ନତି ହୋଇଛି । ସେ ୧୨ତମ ସ୍ଥାନ ଦଖଲ କରିଛନ୍ତି ଉକ୍ତ ମ୍ୟାଚରେ ୩ଟି ୱିକେଟ୍ ନେଇଥିବା ଯଶପ୍ରୀତ ବୁମରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି ।୪ଟି ୱିକେଟ୍ ନେଇଥିବା କୁଲଦୀପ ଯାଦବଙ୍କ ମାନ୍ୟତାରେ ୭ଟି ସ୍ଥାନ ଉନ୍ନତି ହୋଇଛି ଓ ସେ ୨୧ତମ ସ୍ଥାନରେ ପହଞ୍ଚିଛନ୍ତି। ଶତକ ଅର୍ଜନ କରିଥିବା ଜାଡ଼େଜାଙ୍କ ମାନ୍ୟତାରେ ୬ଟି ସ୍ଥାନ ଉନ୍ନତି ହୋଇଛି ସେ ବ୍ୟାଟିଂ ମାନ୍ୟତା ତାଲିକାର ୨୫ତମ ସ୍ଥାନ ଦଖଲ କରିଛନ୍ତି । ସେହିପରି ରାହୁଲ ୪ଟି ସ୍ଥାନ ଉପରକୁ ଉଠି ୩୫ତମ ସ୍ଥାନରେ ପହଞ୍ଚିଛନ୍ତି ।ଅଲ୍ରାଉଣ୍ଡର ତାଲିକାରେ ଜାଡ଼େଜା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସେ ପ୍ରଥମ ଟେଷ୍ଟରେ ୪ଟି ୱିକେଟ୍ ମଧ୍ୟ ନେଇଥିଲେ। ବ୍ୟାଟିଂରେ ଇଂଲଣ୍ଡର ଜୋ ରୁଟ୍ ଶୀର୍ଷ ସ୍ଥାନ ବଜାୟ ରଖିଥିବାବେଳେ ଭାରତୀୟଙ୍କ ମଧ୍ୟରେ ଯଶସ୍ୱୀ ଜୈସ୍ୱାଲ ପଞ୍ଚମ, ରିଷଭ ପନ୍ତ ଅଷ୍ଟମ ଓ ଶୁଭମନ ଗିଲ୍ ୧୩ତମ ସ୍ଥାନରେ ରହିଛନ୍ତି ।

## ରାଉରକେଲା ଇସ୍ପାତ କାରଖାନା ମୁକ୍ତ ବିଦ୍ୟାଳୟ ଫୁଟବଲ୍



ରାଉରକେଲା,୯।୧୦: ରାଉରକେଲା ଇସ୍ପାତ କାରଖାନା ମୁକ୍ତ ବିଦ୍ୟାଳୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ସେକ୍ଟର ୬ସ୍ଥିତ ଇସ୍ପାତ ଷ୍ଟାଡିୟମଠାରେ ଆରମ୍ଭ ହୋଇଛି। ସହର ସେବା ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର ଏହାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ଘୋଷଣା କରିଥିଲେ । ଏହି ଅବସରରେ ସହର ସେବା ବିଭାଗର ଜିଏମ୍ ଏ କେ ସାବତଙ୍କ ସମେତ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ କ୍ରୀଡ଼ାବିତ, ବହୁ ସଂଖ୍ୟାରେ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ ।

ଶ୍ରୀ କାନେକର ତାଙ୍କ ଉଦ୍ଘାଟନୀ ବକ୍ତବ୍ୟରେ ପିଲାମାନଙ୍କୁ କ୍ରୀଡ଼ାରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ କାରଣ ଏହା କେବଳ ଶାରୀରିକ ସୁସ୍ଥତା ନୁହେଁ ବରଂ ଶୃଙ୍ଖଳା, ନେତୃ ଏବଂ ସ୍ଥିରତା ଭଳି ଗୁରୁତ୍ୱପୂର୍ଣ୍ଣ ଗୁଣ ମଧ୍ୟ ବିକାଶ କରିବାରେ ସାହାଯ୍ୟ କରିଥାଏ। ପ୍ରାରମ୍ଭରେ, ଶ୍ରୀ ସାବତ ଉପସ୍ଥିତ ସମସ୍ତଂକୁ ସ୍ୱାଗତ ଜଣାଇଥିଲେ ସିଲିକନ ଷ୍ଟିଲ ମିଲ୍ ବିଭାଗର ଶ୍ରୀ ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ଉପଲକ୍ଷେ ଶ୍ରୀ କାନେକର ଫୁଟବଲକୁ କିକ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ନକ୍ ଆଉଟ ଆଧାରରେ ଖେଳାଯାଉଛି। ଯେଉଁଥିରେ ମୋଟ ୩୭ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଦଶମ ଶ୍ରେଣୀ ବାଳକ ପର୍ଯ୍ୟନ୍ତ ପ୍ରଥମ ଗ୍ରୁପ, ଦ୍ୱାଦଶ ଶ୍ରେଣୀ ବାଳକ ପର୍ଯ୍ୟନ୍ତ ଦ୍ୱିତୀୟ ଗ୍ରୁପ ଓ ଦ୍ୱାଦଶ ଶ୍ରେଣୀ ବାଳିକା ପର୍ଯ୍ୟନ୍ତ ତୃତୀୟ ଗ୍ରୁପ ଆଦି ତିନୋଟି ଗ୍ରୁପ୍ରେ ଅଂଶଗ୍ରହଣକାରୀ ଏଥିରେ ଭାଗ ନେଉଛନ୍ତି ।

# ନିରାଶ ହେଲେ ବରୁଣ ଚକ୍ରବର୍ତ୍ତୀ

ନୂଆଦିଲ୍ଲୀ,୯।୧୦(ମହାଭାରତ): ଅଷ୍ଟ୍ରେଲିଆ ଗସ୍ତ ପାଇଁ ଦଳ ଘୋଷଣା କରିବା ସହିତ, ଭାରତୀୟ ଚୟନକର୍ତ୍ତାମାନେ ଅଧିନାୟକତ୍ୱ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ସେମାନେ ରୋହିତ ଶର୍ମାଙ୍କୁ ଦିନିକିଆ ଅଧିନାୟକତ୍ୱରୁ ହଟାଇ ଶୁଭମନ ଗିଲଙ୍କୁ ଅଧିନାୟକ ଭାବରେ ନିଯୁକ୍ତ କରିଥିଲେ। ତଥାପି, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଥିଲା ଯେ ରୋହିତଙ୍କ ଦୃଢ଼ ସମର୍ଥକ ଏବଂ ଚାମ୍ପିଅନ୍ସ ଟ୍ରଫି ହିରୋଙ୍କୁ ମଧ୍ୟ ଦିନିକିଆ ଦଳରୁ ବାହାର କରାଯାଇଥିଲା।

ଆମେ ବରୁଣ ଚକ୍ରବର୍ତ୍ତୀଙ୍କ ବିଷୟରେ କହୁଛୁ, ଯାହାକୁ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଦିନିକିଆ ସିରିଜ ପାଇଁ ଦଳରୁ ବାଦ ଦିଆଯାଇଛି ।ବରୁଣ ଚକ୍ରବର୍ତ୍ତୀ ଚଳିତ ବର୍ଷର ଚାମ୍ପିଅନ୍ସ ଟ୍ରଫିରେ ଭାରତର ବିଜୟର ନାୟକ ଥିଲେ। ବଲ ସହିତ ତାଙ୍କର ଚମକାରିତା ଭାରତକୁ ୧୨ ବର୍ଷ ପରେ ଚାମ୍ପିଅନ୍ସ ଟ୍ରଫି ଜିତିବାରେ ସାହାଯ୍ୟ କରିଥିଲା। ବରୁଣ ଚକ୍ରବର୍ତ୍ତୀ ଚାମ୍ପିଅନ୍ସ ଟ୍ରଫିରେ ଭାରତର ସବୁଠାରୁ ସଫଳ ବୋଲର ଏବଂ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଫଳ ବୋଲର ଥିଲେ। ସେ ୩ଟି ମ୍ୟାଚ୍ ରୁ ୩ଟି ଇନିଂସରେ ୯ଟି ୱିକେଟ ନେଇଥିଲେ, ତାଙ୍କ ବୋଲିଂ ହାର ୧୫.୧୧ ଥିଲା। ସେ ଏହି ସମୟ ମଧ୍ୟରେ ଗୋଟିଏ ଇନିଂସରେ ୫ଟି ୱିକେଟ ନେବାର କୃତିତ୍ୱ ମଧ୍ୟ ହାସଲ କରିଥିଲେ ।ବରୁଣ ଚକ୍ରବର୍ତ୍ତୀ ଚାମ୍ପିଅନ୍ସ ଟ୍ରଫି ୨୦୨୫ ରେ ତାଙ୍କର ସଫଳତାକୁ ସମ୍ପୂର୍ଣ୍ଣ ଭାବରେ ରୋହିତ ଶର୍ମାଙ୍କୁ ଦେଇଛନ୍ତି। ଅକ୍ଟୋବର ୭ ସଂଧ୍ୟାରେ ମୁମ୍ବାଇରେ ସିଏଟ ପୁରସ୍କାର ସମାରୋହରେ ବର୍ଷ ବର୍ଷର ।୨୦ ଅନ୍ତର୍ଜାତୀୟ ବୋଲର ଭାବରେ ମନୋନୀତ ହୋଇଥିବା ବରୁଣ ଚକ୍ରବର୍ତ୍ତୀ କହିଛନ୍ତି ଯେ ସେ ଚାମ୍ପିଅନ୍ସ ଟ୍ରଫି ଦଳ ପାଇଁ ମନୋନୀତ ହେବାର ଆଶା କରିନଥିଲେ। ତଥାପି, ତାଙ୍କ ଉପରେ ବିଶ୍ୱାସ କରିବା ଏବଂ ନିଜକୁ ପ୍ରମାଣିତ କରିବାର ସୁଯୋଗ ଦେବା ପାଇଁ ସେ ରୋହିତ ଶର୍ମାଙ୍କ ପ୍ରତି କୃତଜ୍ଞ ।ବରୁଣ ଚକ୍ରବର୍ତ୍ତୀ ଚାମ୍ପିଅନ୍ସ ଟ୍ରଫିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଚଳିତ ବର୍ଷ ମାର୍ଚ୍ଚରେ ତାଙ୍କର ଶେଷ ଦିନିକିଆ ଖେଳିଥିଲେ। ସେ ଏପର୍ଯ୍ୟନ୍ତ କେବଳ ଚାରୋଟି ଦିନିକିଆ ଖେଳିଛନ୍ତି, ୧୦ ୱିକେଟ ନେଇଛନ୍ତି, ଯାହା ମଧ୍ୟରୁ ନଅଟି ଚାମ୍ପିଅନ୍ସ ଟ୍ରଫିରେ ଆସିଥିଲା ।ଯଦିଓ ବରୁଣ ଚକ୍ରବର୍ତ୍ତୀ ଅଷ୍ଟ୍ରେଲିଆ ଗସ୍ତ ପାଇଁ ଦିନିକିଆ ଦଳରେ ମନୋନୀତ ହୋଇ ନଥିଲେ, ତାଙ୍କୁ ଟି୨୦ ଓ ସିରିଜ ପାଇଁ ଚୟନ କରାଯାଇଛି। ବରୁଣ ଚକ୍ରବର୍ତ୍ତୀ ସାମ୍ପ୍ରତିକ ଟି୨୦ଓ ଏସିଆ କପରେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଟି-୨୦ ରାଙ୍କିଙ୍ଗରେ ଶ୍ରେଷ୍ଠତ୍ୱ ପାଇଁ ମଧ୍ୟ ଏକ ଲଢେଇ ହେବ, ଏପରି ପରିସ୍ଥିତିରେ ବରୁଣ ଚକ୍ରବର୍ତ୍ତୀଙ୍କ ଭୂମିକା ଏଥିରେ ଗୁରୁତ୍ୱପୂର୍ଣ୍ଣ ହୋଇପାରେ।

# ଚୟନ କରିବା ଚୟନକର୍ତ୍ତାଙ୍କ ଦାୟିତ୍ୱ : ସାମି

ନୂଆଦିଲ୍ଲୀ,୯।୧୦(ମହାଭାରତ): ବରିଷ୍ଠ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ଶାମି ଶେଷରେ ତାଙ୍କର ନୀରବତା ଭାଙ୍ଗିଛନ୍ତି ଅଷ୍ଟ୍ରେଲିଆ। ବିପକ୍ଷରେ ଦିନିକିଆ ସିରିଜ ପାଇଁ ଟିମ ଇଣ୍ଡିଆର ଦଳରୁ ବାଦ ପଡ଼ିବା ପରେ, ଶାମି ସ୍ପଷ୍ଟ ଭାବରେ କହିଛନ୍ତି, ଫିଟନେସ ତାଙ୍କର ପ୍ରସଙ୍ଗ ନୁହେଁ, କିନ୍ତୁ ଏହି ଚୟନ ସମ୍ପୂର୍ଣ୍ଣ ଭାବରେ ଟିମ ମ୍ୟାନେଜମେଣ୍ଟର ନିଷ୍ପତ୍ତି ୨୦୨୫ ଚାମ୍ପିଅନ୍ସ ଟ୍ରଫିରୁ ଅନ୍ତର୍ଜାତୀୟ ଦଳରୁ ବାହାରେ ଥିବା ଶାମି ଏବେ ଘରୋଇ କ୍ରିକେଟ ମାଧ୍ୟମରେ ଟିମ ଇଣ୍ଡିଆକୁ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି।

ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ ଶାମି କହିଛନ୍ତି, ଅନେକ ଲୋକ ପଚାରୁଛନ୍ତି ଯେ ମୋତେ ଅଷ୍ଟ୍ରେଲିଆ ସିରିଜ ପାଇଁ କାହିଁକି ଚୟନ କରାଗଲା ନାହିଁ। ମୁଁ କେବଳ ଏତିକି କହିବି ଯେ, ଚୟନ ମୋ ହାତରେ ନାହିଁ ଏହା ଚୟନକାରୀ, ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ଅଧିନାୟକ ଶୁବମନ ଗିଲଙ୍କ ନିଷ୍ପତ୍ତି ଯଦି ସେମାନେ ଭାବନ୍ତି ଯେ, ମୁଁ ଦଳ ପାଇଁ ପ୍ରସ୍ତୁତ ମୁଁ ନିରନ୍ତର ଅଭ୍ୟାସ କରୁଛି ଏବଂ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ।ଶାମି କହିଛନ୍ତି,



ତାଙ୍କ ଫିଟନେସ ବିଷୟରେ ସୋସିଆଲ ମିଡିଆରେ ପ୍ରସାରିତ ଗୁଜବ ଭିତ୍ତିହୀନ ଅନେକ ଗୁଜବ ଏବଂ ମିମ୍ସ ଚାଲିଛି, କିନ୍ତୁ ମୋର ଫିଟନେସ ସମ୍ପୂର୍ଣ୍ଣ ଠିକ ଅଛି। ମୁଁ ପ୍ରତିଦିନ କଠିନ ପରିଶ୍ରମ କରୁଛି ଏବଂ ମୋ ଶରୀର ଉପରେ କାମ କରୁଛି। ଶାମି କହିଛନ୍ତି, ନିକଟରେ ଦୁଲୀପ ଟ୍ରଫିରେ ପୂର୍ବ ଜୋନ ପାଇଁ ଖେଳିଥିଲେ ଏବଂ ପ୍ରାୟ ୩୫ ଓଭର ବୋଲିଂ କରିଥିଲେ। ମୋର ଲୟ ଏବଂ ଫିଟନେସ ଭଲ ଥିଲା। ମୁଁ ଭାବୁନାହିଁ ଯେ ମୁଁ କୌଣସି କ୍ଷେତ୍ରରେ ପଛରେ ଅଛି। କ୍ଷେତ୍ରରୁ ଦୂରେଇ ରହିବା ପ୍ରତ୍ୟେକ ଖେଳାଳିଙ୍କ ପାଇଁ କଷ୍ଟକର, କିନ୍ତୁ ମୁଁ ଉତ୍ସାହିତ ଏବଂ ପୁନରାଗମନ ପାଇଁ କଠିନ ପରିଶ୍ରମ କରିବି ।ଯଦିଓ ବିସିସିଆଇର ବର୍ତ୍ତମାନର ଚୟନ ନୀତିରେ ଶାମିଙ୍କ ନାମ ସ୍କିମ୍ ଅଫ୍ ଥିଙ୍ଗ୍ସ ବାହାରେ ଥିବା ପରି ମନେ ହେଉଛି ଦଳ ପରିଚାଳନା ବର୍ତ୍ତମାନ ଯୁବ ଦ୍ରୁତ ବୋଲରଙ୍କ ଉପରେ ନିର୍ଭର କରୁଛି, କିନ୍ତୁ ଯଦି ଶାମି ଘରୋଇ କ୍ରିକେଟରେ ସ୍ଥିର ପ୍ରଦର୍ଶନ କରନ୍ତି, ତେବେ ଆଗାମୀ ମାସଗୁଡ଼ିକରେ ଟି-୨୦ କିମ୍ବା ଟେଷ୍ଟ ଦଳକୁ ଫେରିବା ସମ୍ଭବ ହୋଇପାରେ।

୨୦୨୫ ପ୍ରାରମ୍ଭରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବା ପରଠାରୁ ମହମ୍ମଦ ଶାମିଙ୍କ ପ୍ରଦର୍ଶନ ଖରାପ ରହିଛି ସେ ଏହି ବର୍ଷ ୧୧ଟି ଦିନିକିଆରେ ୧୧ଟି ଉଇକେଟ ନେଇଥିଲେ। ତାଙ୍କ ହାରାହାରି ୩୦.୬୩ ଥିଲା ଏହା ବ୍ୟତୀତ, ଆଇପିଏଲ ୨୦୨୫ ସିଜିନରେ ଶାମିଙ୍କ ପ୍ରଦର୍ଶନ ମଧ୍ୟ ଦୁର୍ବଳ ଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ